

ପ୍ରଥମ ପ୍ରେମର କାହାଣୀ ବଖାଣିଲେ ସୋନିଆ

ପୃଷ୍ଠା ୫

ସଞ୍ଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 211 ଭାଗ ୩୪ | ସଂଖ୍ୟା ୨୧୧ | Sunday 25 October 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର, ୨୫ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ବାତ୍ୟା ପ୍ରସ୍ତୁତି

ଟାର୍ଗେଟ୍ ଜିରୋ କାଜୁଆଲ୍‌ଟି

ଭୁବନେଶ୍ୱର,୨୪।୧୦(ସଂଚାର ବ୍ୟୁରୋ): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ଅଛି, ଏଥର ମଧ୍ୟ ଆମ ଜିରୋ କାଜୁଆଲ୍‌ଟି ହାସଲ କରିବୁ। ଆଜି ଲୋକସେବା ଭବନରେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ସମ୍ପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମ ଆଗରେ ବିବୃତି ରଖି ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବନ୍ୟା ଓ ବାତ୍ୟା ମୁକାବିଲାରେ ଆମର ପୂର୍ବରୁ ଅଭିଜ୍ଞତା ରହିଛି। ବାତ୍ୟା 'ଦାନା' ଓ ମୋନ୍ଥା'ର ସଫଳ ମୁକାବିଲା କରାଯାଇଥିଲା। ଏଥିସହ ଅନେକ ବନ୍ୟା ପରିସ୍ଥିତିର ମୁକାବିଲା ମଧ୍ୟ କରାଯାଇଛି। ତେଣୁ ପ୍ରତ୍ୟେକ ଥର ଭଳି ଏଥର ମଧ୍ୟ ଜିରୋ କାଜୁଆଲ୍‌ଟି ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଏହି ବାତ୍ୟା ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ୨୮ ତାରିଖରେ ସ୍ଥଳଭାଗ ଛୁଇଁବ। ତେବେ ଆନ୍ଧ୍ରପ୍ରଦେଶ ଉପକୂଳରେ ସ୍ଥଳଭାଗ ଛୁଇଁବାର ଅଧିକ ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବ ଏବଂ ଘଣ୍ଟା ପ୍ରତି ପୃଷ୍ଠା-୬

୫ ଜିଲ୍ଲାରେ ଦୁଇ ଦିନ ସ୍କୁଲ କଲେଜ ଛୁଟି

ସ୍ଥିତି ଦେଖି ଅନ୍ୟ ଜିଲ୍ଲାରେ ନିଷ୍ପତ୍ତି ନେବେ ଜିଲ୍ଲାପାଳ

ପ୍ରଭାବୀ ମୁକାବିଲା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ

୬୦ ଓଡ୍ରାଫ୍, ୧୭ ଏନଡିଆରଏଫ, ୨୨୫ ଅଗ୍ନିଶମ ଦଳ ପ୍ରସ୍ତୁତ

ମଛଲିପଟ୍ଟନମ୍ ଓ କାକିନାଡ଼ା ମଧ୍ୟରେ ଲ୍ୟାଣ୍ଡଫଲ୍

ବଙ୍ଗୋପସାଗରରେ ବାତ୍ୟା ଆସୁଥିବା ସ୍ପଷ୍ଟ କରିଛି ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ। ଶନିବାର ସକାଳେ ବଙ୍ଗୋପସାଗରରେ ସ୍ପଷ୍ଟଚିହ୍ନିତ ଲଘୁଚାପ ସୃଷ୍ଟି ହୋଇଛି। ସନ୍ଧ୍ୟା ସୁଦ୍ଧା ଅବପାତ, ରବିବାର ଗଭୀର ଅବପାତ ଓ ୨୬ ତାରିଖରେ ବାତ୍ୟା ରୂପ ନେବା ସମ୍ଭାବନା ରହିଛି। ୨୭ ତାରିଖ ବେଳକୁ ଏହା ଶକ୍ତିଶାଳୀ ବାତ୍ୟାର ରୂପ ନେବ। ବାତ୍ୟା ଘନୀଭୂତ ହୋଇ ଅତି ଭୀଷଣ ବାତ୍ୟାର ରୂପ ନେଇପାରେ। ତେବେ ବିଭିନ୍ନ ପାଣିପାଗ ମଡେଲ୍ ବାତ୍ୟାର ଭିନ୍ନ ଭିନ୍ନ ରୂପ ଦେଖାଉଛନ୍ତି। ଏହା ୨୮ ସକାଳେ କିମ୍ବା ଦିନବେଳା ଆନ୍ଧ୍ର ଉପକୂଳରେ କାକିନାଡ଼ାରେ ମାଡ଼ ହେବା ପୂର୍ବାନୁମାନ କରାଯାଇଛି। ଲ୍ୟାଣ୍ଡଫଲ୍ ସମୟରେ ପବନର ବେଗ ୧୪୦ କିମି ପୃଷ୍ଠା-୬

ଡେଞ୍ଜର ଜୋନ୍‌ରେ ଦକ୍ଷିଣ ଓଡିଶା

ଭେରି ସିଭିୟର ସାଇକ୍ଲୋନ ଭୟ

ଆଜି ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଭେଟି

ବ୍ୟାଙ୍କିଙ୍ଗ ନିରାପତ୍ତାରେ ନୂଆ ଅଧ୍ୟାୟ

ରବିବାର ଓଡିଶା ଓ ୟୁପି ଗସ୍ତରେ ମୋଦି

ନୂଆଦିଲ୍ଲୀ,୨୪।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଉତ୍ତର ପ୍ରଦେଶ ଏବଂ ଓଡ଼ିଶା ଗସ୍ତ କରିବେ। ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ପ୍ରଧାନମନ୍ତ୍ରୀ ବାରାଣସୀଠାରେ ଏକ ନୂତନ ପୋଷାକ ଉତ୍ପାଦନ କାରଖାନାକୁ ଉଦ୍‌ଘାଟନ କରିବେ। ଅପରାହ୍ନ ପ୍ରାୟ ୧ଟା ବେଳେ ସେ ବାରାଣସୀର ନମୋ ଘାଟଠାରେ ମୁଖ୍ୟ ଅତିଥି ଭାବରେ ବାୟୁସେନା ଦିବସ ବିମାନ ପ୍ରଦର୍ଶନୀର ଅବଲୋକନ କରିବେ। ଏହାପରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତ କରିବେ ଓ ଅପରାହ୍ନ ପ୍ରାୟ ୪ଟା ୪୫ ମିନିଟରେ ସେ ଭୁବନେଶ୍ୱରରେ ଭାରତୀୟ ରିଜର୍ଭ ବ୍ୟାଙ୍କର 'ଡାଟା ସେଣ୍ଟର' ଓ 'ସାଇବର ସୁରକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ'କୁ ଉଦ୍‌ଘାଟନ କରିବେ। ଏହି ଅବସରରେ ସେ ପୃଷ୍ଠା-୬

କୋଟିଆରେ ଆନ୍ଧ୍ରର ନୂଆ ଚାଲ୍

ସୋଲାର ଲଗାଇ ଜାହିର କରୁଛି ଉପସ୍ଥିତି

କୋରାପୁଟ,୨୪।୧୦(ସଂଚାର ବ୍ୟୁରୋ): କୋଟିଆକୁ ନେଇ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ବଢୁଛି ରାଜନୈତିକ ଛକାପଞ୍ଝା। ନିର୍ବାଚନ ତାରିଖ ଘୋଷଣା ପରେ ସୀମାନ୍ତ ଗାଁଗୁଡ଼ିକରେ ଆନ୍ଧ୍ରର ତତ୍ପରତା ଦେଖିବାକୁ ମିଳିଛି। ଆସନ୍ତା ୩ରେ ଆନ୍ଧ୍ର ପକ୍ଷରୁ ପଞ୍ଚାୟତ ନିର୍ବାଚନ ହେବାକୁ ଥିବା ବେଳେ ହରମାଞ୍ଜିଙ୍ଗି, ଉପର ସେମ୍ବି, ତଳ ସେମ୍ବି, ଧୁଳିପଦର ଆଦି ଗାଁରେ ଯୁଦ୍ଧକାଳୀନ ଭିତ୍ତିରେ ମାଗଣା ସୋଲାର ସିଷ୍ଟମ୍ ଲଗାଯାଉଛି। ନିର୍ବାଚନ ପୂର୍ବରୁ ଏଭଳି ଯୋଜନାର କାର୍ଯ୍ୟକାରିତାକୁ ନେଇ ଉଠିଛି ପ୍ରଶ୍ନ। ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଏହା ଏକ ରଣନୈତିକ ଚାଲ୍ ବୋଲି ଚର୍ଚ୍ଚା ଜୋର ଧରିଛି।

ଅନ୍ୟପଟେ ଶୁକ୍ରବାର କୋଟିଆର ସୀମାନ୍ତ ଗାଁରେ ପହଞ୍ଚିଥିଲା ବିଜେଡିର ଆଉ ଏକ ପ୍ରତିନିଧି ଦଳ। ଲୋକଙ୍କୁ ବୁଝାଇବା ସହ ଆନ୍ଧ୍ର ପକ୍ଷରୁ ହେବାକୁ ଥିବା ନିର୍ବାଚନରେ ସାମିଲ ନହେବାକୁ ସଚେତନ କରିଥିଲେ ଦଳୀୟ ପ୍ରତିନିଧି। କେତେକ ସ୍ଥାନରେ ଆନ୍ଧ୍ର ପକ୍ଷରୁ ଲଗାଯାଇଥିବା ଫଳକକୁ ମଧ୍ୟ ସ୍ଥାନୀୟ ଜନପ୍ରତିନିଧି ଭାଙ୍ଗିଥିବା ଦେଖିବାକୁ ମିଳିଛି। ଏପଟେ କୋଟିଆକୁ ବାରମ୍ବାର ସରକାରୀ ଅଧିକାରୀ ଗସ୍ତ କରୁଥିବା ସତ୍ତ୍ୱେ ପୃଷ୍ଠା-୬

ମେଟ୍ରୋ ପ୍ରକଳ୍ପ ବିବାଦ: ମେୟର-ମନ୍ତ୍ରୀ ମୁହାଁମୁହିଁ

ଭୁବନେଶ୍ୱର,୨୪।୧୦(ସଂଚାର ବ୍ୟୁରୋ): ନ୍ୟାସନାଲ ଅର୍ବାନ କନକ୍ଲେଭରେ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପକୁ ନେଇ ମୁହାଁମୁହିଁ ହେଲେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ମେଟ୍ରୋ ପ୍ରକଳ୍ପ ବନ୍ଦ ହେବା ନେଇ ପରସ୍ପରକୁ ଆରୋପ ଓ ପ୍ରତିଆରୋପ କରିଛନ୍ତି ମେୟର ଓ ନଗର ଉନ୍ନୟନ ମନ୍ତ୍ରୀ। ଏହି କନକ୍ଲେଭରେ କାହିଁକି ମେଟ୍ରୋ ବନ୍ଦ ହେଲା ବୋଲି ପ୍ରଶ୍ନ କରିଥିଲେ ମେୟର। ଯାହାର ଜବାବ ରଖି ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି ଯେ ମେଟ୍ରୋ ବନ୍ଦ ହୋଇନାହିଁ, ବରଂ ଏହି ପ୍ରସ୍ତାବକୁ ସ୍ଥଗିତ ରଖାଯାଇଛି। ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ଆୟୋଜିତ ହେଉଥିବା ଅର୍ବାନ କନକ୍ଲେଭରେ ସ୍ମାର୍ଟ ଟ୍ରାନ୍ସପୋର୍ଟ ଓ ସହରୀକରଣକୁ ଗୁରୁତ୍ୱ ଦିଆଯାଉଛି। ଏଥିରେ ନିଜ ବକ୍ତବ୍ୟ ରଖି ମେୟର କହିଥିଲେ ଯେ ଭୁବନେଶ୍ୱର ଏକ ଯୋଜନାବଦ୍ଧ ସହର। କିନ୍ତୁ ଏହି ଯୋଜନାବଦ୍ଧ ସହ ଏବେ ଅଣଯୋଜନାବଦ୍ଧ ଭାବେ ବଢୁଛି, ଯେଉଁଥିପାଇଁ ଟ୍ରାଫିକ୍ ଭିଡ଼ ବଢ଼ିଛି। ଏହି ଭିଡ଼କୁ ଲକ୍ଷ୍ୟ ରଖି ପୂର୍ବ ସରକାର ମେଟ୍ରୋ ପ୍ରକଳ୍ପ କରିବା ପାଇଁ ପରିକଳ୍ପନା ପୃଷ୍ଠା-୬

ରାଜଧାନୀରେ ମେଟ୍ରୋର ପରିକଳ୍ପନା ବନ୍ଦ ହୋଇନି

ବର୍ତ୍ତମାନ ସ୍ଥଗିତ ରହିଛି, ଆବଶ୍ୟକତା ନେଇ ସର୍ଭେ ଚାଲିଛି

'ରାମଚଣ୍ଡୀ ଦିବସ ସମାରୋହ'ରେ ସାଂସଦ

କୃଷି ଓ କୃଷକଙ୍କ ପ୍ରଗତି ହିଁ ରାଷ୍ଟ୍ର ସମୃଦ୍ଧିର ମୂଳଦୁଆ: ଧର୍ମେନ୍ଦ୍ର

ଗଡ଼ଫୁଲଝର,୨୪।୧୦(ସଂଚାର ବ୍ୟୁରୋ): କୃଷି ଓ କୃଷକଙ୍କ ପ୍ରଗତି ହିଁ ଆମ ରାଷ୍ଟ୍ରର ସମୃଦ୍ଧିର ମୂଳଦୁଆ। ଜଳସେଚନ କାର୍ଯ୍ୟର ବିସ୍ତାର, କୃଷି କ୍ଷେତ୍ରର ଆଧୁନିକୀକରଣ ଓ ଚାଷୀଙ୍କ ଆର୍ଥିକ ଉନ୍ନତି ପାଇଁ ଆଦରଣୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ସମ୍ପୂର୍ଣ୍ଣ ନିଷ୍ଠା ଓ ଦାୟିତ୍ୱବୋଧ ସହ କାର୍ଯ୍ୟ କରୁଛି ବୋଲି ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲାସ୍ଥିତ ଗଡ଼ଫୁଲଝରଠାରେ ଆୟୋଜିତ ପବିତ୍ର 'ରାମଚଣ୍ଡୀ ଦିବସ ସମାରୋହ'ରେ ଯୋଗଦେଇ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମତ ବ୍ୟକ୍ତ କରିଛନ୍ତି।

କୁଲତା ସମାଜର ପ୍ରଶଂସା କରି ସେ କହିଛନ୍ତି ଯେ ଏହି ସମାଜ ନିଜର କୃଷି ପରମ୍ପରା, ଧାର୍ମିକ ଆସ୍ଥା ଓ ରାଷ୍ଟ୍ର ପ୍ରତି ସମର୍ପଣ ପାଇଁ ସ୍ୱତନ୍ତ୍ର ପରିଚୟ ବହନ କରିଥାଏ। ଦେଶର ଅନ୍ନ ଉତ୍ପାଦନରେ ଏହି ସମାଜର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମାଜର ପ୍ରତ୍ୟେକ ପୃଷ୍ଠା-୬

ଜେନ୍-ଜୀ'ଙ୍କ ନିକଟତର ହେଉଛନ୍ତି ସୁଜାତା

ଜିଲ୍ଲାରୁ ଆସି ଭେଟୁଛନ୍ତି ଯୁବବର୍ଗ

ପଞ୍ଚାୟତ ପାଇଁ ବଳ ଗୋଟାଉଛି ଦଳ

ଭୁବନେଶ୍ୱର,୨୪।୧୦(ସଂଚାର ବ୍ୟୁରୋ): ବିଜେଡି ନେତ୍ରୀ ସୁଜାତା ରାଉତ ଧୀରେ ଧୀରେ ଜେନ୍-ଜୀ'ଙ୍କ ନିକଟତର ହେବାରେ ଲାଗିଛନ୍ତି। ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଜେନ୍-ଜୀ'ଙ୍କ ଉପରେ ଫୋକସ୍ କରିବା ପରେ ଏବେ ଏହାକୁ ଆଗକୁ ବଢ଼ାଉଛନ୍ତି ସୁଜାତା। ନବନିର୍ବାଚିତ ଛାତ୍ର ପ୍ରତିନିଧିଙ୍କୁ ସୁଜାତା ଭେଟୁଥିବା ବେଳେ ଅନ୍ୟ ଯୁବବର୍ଗଙ୍କୁ ବି ସାକ୍ଷାତ କରୁଛନ୍ତି। ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହୋଇଥିବା ବିଜୁ ଛାତ୍ର ଜନତା ଦଳର ପ୍ରାର୍ଥୀଙ୍କୁ ନବୀନ ପଟ୍ଟନାୟକ ଜେନ୍-ଜୀ' ବୋଲି ସମ୍ବୋଧନ କରିବା ପରେ ଏବେ ଏହି ଯୁବବର୍ଗଙ୍କ ନିକଟତର ହେଉଛନ୍ତି ସୁଜାତା। ବିଭିନ୍ନ ଜିଲ୍ଲାର ନିର୍ବାଚିତ ଛାତ୍ର ନେତାମାନେ ଆସି ତାଙ୍କୁ ସାକ୍ଷାତ କରିବା ସହ ନିଜ ନିଜ କଲେଜ ଓ ଅଞ୍ଚଳ ସଂକ୍ରାନ୍ତରେ ଆଲୋଚନା କରୁଛନ୍ତି। ସୁଜାତା ମଧ୍ୟ ସେମାନଙ୍କୁ ସମୟ ଦେଇ ଭେଟୁଛନ୍ତି। ଏହି ଆଲୋଚନା ଆଢୁଆଳରେ ବିଜେଡି ଯୁବବର୍ଗଙ୍କୁ ନିଜ ଆଡ଼କୁ ଅଧିକ ଭାବେ ଆକର୍ଷିତ କରିବାରେ ଲାଗିଛି।

ତେବେ ରାଜନୈତିକ ବିଶ୍ଳେଷକମାନଙ୍କର କହିବା କଥା ଯେ ଜାତୀୟ ସ୍ତରରେ ଜେନ୍-ଜୀ'ମାନେ ବିଭିନ୍ନ ପ୍ରସଙ୍ଗରେ ପୃଷ୍ଠା-୬

ସୁଭଦ୍ରା ଶକ୍ତି କ୍ୟାଫେରେ ରାତିଅଧିଆ ତାଲା



ଭୁବନେଶ୍ୱର,୨୪।୧୦(ସଂଚାର ବ୍ୟୁରୋ): ରାଜ୍ୟ ସରକାର ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେଉଥିବା ବେଳେ ରାଜ୍ୟ ପୁଲିସ ମୁଖ୍ୟାଳୟରେ ଘଟିଛି ଏକ ଅଭାନୀୟ ଘଟଣା। ରାଜ୍ୟ ପୁଲିସ ମୁଖ୍ୟାଳୟ ପରିସରରେ ଥିବା ସୁଭଦ୍ରା ଶକ୍ତି କାଫେକୁ ବଳପୂର୍ବକ ବନ୍ଦ କରିଦିଆଯାଇଛି। ଏନେଇ ଏହି କାଫେ ଦାୟିତ୍ୱ ନେଇଥିବା ମହିଳା ଏସଏଚଜି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

କଟକ ଜିଲ୍ଲାପାଳଙ୍କ ନିକଟରେ ମା' ତାରିଣୀ ମହିଳା ଏସ୍‌ଏଚ୍‌ଜିର ସଭାନେତ୍ରୀ ସୁମିତ୍ରା ନନ୍ଦ ଓ ସମ୍ପାଦିକା କଲ୍ପନା ବେହେରା ଗତକାଲି କରିଥିବା ଲିଖିତ ଅଭିଯୋଗ ଅନୁସାରେ, ୨୨ ତାରିଖ ରାତି ପ୍ରାୟ ୧୦ଟା ୨୦ ମିନିଟରେ ପୁଲିସ ମୁଖ୍ୟାଳୟ ପରିସରରେ ଥିବା 'ସୁଭଦ୍ରା ଶକ୍ତି କ୍ୟାଫେ' ଭିତରେ ଏସଏଚଜିର ସଭାନେତ୍ରୀ ଓ ଅନ୍ୟ ମହିଳା କର୍ମଚାରୀ ଥିବା ବେଳେ ପୁଲିସ ବିଲ୍ଡିଂ ସେକ୍ସନ କର୍ମଚାରୀମାନେ ବାହାରୁ ତାଲା ପକାଇ ଦେଇଥିଲେ। ଏହା ପରଦିନ ସକାଳେ ବିଜୁଳି ଓ ପାଣି ସଂଯୋଗ କାଟି ଦିଆଯିବା ସହ କ୍ୟାଣ୍ଟିନ ବା କ୍ୟାଫେର ଫ୍ୟାନ୍, ଟେବୁଲ, ପୋଡିୟମ୍ ସମେତ ସମସ୍ତ ଆସବାବପତ୍ର ବାହାରେ ରଖି କ୍ୟାଣ୍ଟିନକୁ ତାଲା ଝୁଲାଇ ଦିଆଯାଇଥିଲା। ଏହି ବେଆଇନ ଉଚ୍ଛେଦ ଓ ପୃଷ୍ଠା-୬

ବିଜୁଳି-ପାଣି କାଟି ରାସ୍ତାକୁ ଫିଙ୍ଗିଲେ ଆସବାବପତ୍ର

ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ ମହିଳା ଏସଏଚଜି

ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର : ମୁଫ୍ତ ବିଜୁଳି ଯୋଜନା (PMSG:MBY)

ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ, ପ୍ରୋତ୍ସାହନ ରାଶି ଦେଶରେ ସର୍ବାଧିକ

ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେୟ୍ ଉପରେ ସଞ୍ଚୟ୍

ରୁଫ-ଟପ ସୌର ପ୍ରକଳ୍ପ ପାଇଁ ପ୍ରତି ଘର ପିଛା ୩ କିଲୋୱାଟ ପର୍ଯ୍ୟନ୍ତ ୧,୩୮,୦୦୦ ଟଙ୍କା ସବସିଡି

(କେନ୍ଦ୍ର ସରକାରଙ୍କ ତରଫରୁ ୭୮,୦୦୦ ଟଙ୍କା ଓ ରାଜ୍ୟ ସରକାରଙ୍କ ତରଫରୁ ୬୦,୦୦୦ ଟଙ୍କା)

pmsuryaghar.gov.in ରେ ଅନଲାଇନ ରେଜିଷ୍ଟ୍ରେସନ କରନ୍ତୁ ଏବଂ ଯୋଜନାର ଲାଭ ପାଆନ୍ତୁ |
ଅଧିକ ଜାଣିବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ |

ଶକ୍ତି ବିଭାଗ, ଓଡ଼ିଶା ସରକାର

ଜଳବାୟୁ ସଂଶୋଧନ ପାଇଁ ସହାୟକ

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

ଅଧିକ ସୂଚନା ନିମନ୍ତେ ସ୍କାନ କରନ୍ତୁ

ଆଜିଠାରୁ ବିଶ୍ୱପ୍ରସିଦ୍ଧ ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜା

୪୧ଟି ମଣ୍ଡପରେ ପୂଜା ପାଇବେ ମା' ମହାଲକ୍ଷ୍ମୀ

୭୫ ବର୍ଷରେ ମିଳିତ ପୂଜାବଜାର କମିଟି

ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨୪ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ

ଢେଙ୍କାନାଳ,୨୪।୧୦ (ସଂଚାର ବ୍ୟୁରୋ): ଧରାପୃଷ୍ଠରେ ଅବତରଣ କରିବେ ଧନଦାତ୍ରୀ ମା' ଗଜଲକ୍ଷ୍ମୀ। ମା'ଙ୍କ ଆଗମନକୁ ନେଇ ଉତ୍ସବମୁଖର ହୋଇଉଠିଛି ସମଗ୍ର ଢେଙ୍କାନାଳ ସହର। ଆଲୋକମାଳାରେ ସଜେଇ ହେଉଛି ସହରର ଗଳିକନ୍ଦି, ପୂଜାମଣ୍ଡପ ଓ ପ୍ରମୁଖ ରାସ୍ତାଘାଟ। ଆସନ୍ତାକାଲିଠାରୁ ଆରମ୍ଭ ହେବ ବିଶ୍ୱପ୍ରସିଦ୍ଧ ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜା। ମା'ଙ୍କ ଆରାଧନା ପାଇଁ ସହରର ୪୧ଟି ମଣ୍ଡପରେ ଚାଲିଛି ଶେଷ ପର୍ଯ୍ୟାୟ ପ୍ରସ୍ତୁତି। ଚଳିତବର୍ଷ ମିଳିତ ପୂଜାବଜାର କମିଟି ଏହାର ୭୫ ବର୍ଷ ପାଳନ କରୁଥିବାରୁ ପୂଜାକୁ ନେଇ ଶ୍ରଦ୍ଧାଳୁ, ପୂଜା କମିଟି ଓ ସହରବାସୀଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖାଦେଇଛି।

ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ସହରର ଐତିହ୍ୟ, ପରମ୍ପରା ଓ ସାମୂହିକ ଭାଇଚାରାର ଏକ ପ୍ରତୀକ। ପ୍ରତିବର୍ଷ ମା'ଙ୍କ ଆଗମନକୁ ଅପେକ୍ଷା କରି ରହିଥାନ୍ତି ଢେଙ୍କାନାଳବାସୀ। ପୂଜା ଅବସରରେ ଦୂରଦୂରାନ୍ତରୁ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ଆକର୍ଷଣୀୟ ତୋରଣ, ସୁନ୍ଦର ଆଲୋକସଜ୍ଜା, ମା'ଙ୍କ ମନୋହର ପ୍ରତିମା ଏବଂ ବିଭିନ୍ନ ମଣ୍ଡପର ସ୍ୱତନ୍ତ୍ର ସାଜସଜ୍ଜା ଏହି ପୂଜାର ମୁଖ୍ୟ ଆକର୍ଷଣ ହୋଇଥାଏ।

ଚଳିତବର୍ଷ ସହରର ୪୧ଟି ପୂଜାମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେବ। ଏଥିପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ମଣ୍ଡପ ନିର୍ମାଣ, ତୋରଣ ସଜ୍ଜା, ଆଲୋକୀକରଣ ଓ ଅନ୍ୟାନ୍ୟ ବ୍ୟବସ୍ଥାକୁ ଶେଷ ରୂପ ଦିଆଯାଉଛି। ମା'ଙ୍କ ମୃଣ୍ମୟୀ ପ୍ରତିମାକୁ ଆକର୍ଷଣୀୟ ଭାବେ ସଜ୍ଜିତ କରାଯାଉଥିବାବେଳେ ପୂଜାବିଧି ଓ ନୀତିକାନ୍ତି ପାଇଁ ମଧ୍ୟ ପ୍ରସ୍ତୁତି ଚାଲିଛି।

ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜାର ଆୟୋଜନ ଓ ପରିଚାଳନାରେ ମିଳିତ ପୂଜାବଜାର କମିଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଚଳିତବର୍ଷ କମିଟି ନିଜର ୭୫ ବର୍ଷ ପୂରଣ କରୁଥିବାରୁ ଏହି ଅବସରକୁ ନେଇ ସ୍ୱତନ୍ତ୍ର ଉତ୍ସାହ ପ୍ରକାଶ ପାଇଛି। ଦୀର୍ଘବର୍ଷ ଧରି ଚାଲିଆସୁଥିବା ପୂଜା ପରମ୍ପରାକୁ ଆଗକୁ ବଢ଼ାଇବା ସହ ବିଭିନ୍ନ ପୂଜା କମିଟି ମଧ୍ୟରେ ସମନ୍ୱୟ ରକ୍ଷା ଓ ପୂଜାକୁ ସୁରୁଖୁରୁରେ ସମ୍ପନ୍ନ କରିବା ଦିଗରେ କମିଟିର ଭୂମିକା ରହିଆସିଛି।

ପୂଜାକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ସହ ଶ୍ରଦ୍ଧାଳୁମାନଙ୍କୁ ଉନ୍ନତ ବ୍ୟବସ୍ଥା ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଉଛି। ପୂଜା ଆୟୋଜନରେ ସହରବାସୀଙ୍କ ସହଯୋଗ ଓ ବିଭିନ୍ନ କମିଟିର ସମନ୍ୱିତ ପ୍ରୟାସ ଏହି ଉତ୍ସବର ଗୁରୁତ୍ୱକୁ ଆହୁରି ବଢ଼ାଇଛି। ଗଜଲକ୍ଷ୍ମୀ ପୂଜା ସମୟରେ ହେବାକୁ ଥିବା ଜନସମାଗମକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ଓ ଆଇନଶୃଙ୍ଖଳା ରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ୨୪ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବାର ବ୍ୟବସ୍ଥା ରହିଛି। ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା ଓ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ନଜର ରଖିବା ଉପରେ ପୋଲିସ ଗୁରୁତ୍ୱ ଦେବ।

ମା' ଗଜଲକ୍ଷ୍ମୀଙ୍କ ଆଗମନକୁ ନେଇ ଢେଙ୍କାନାଳ ସହରରେ ଏବେ ଉତ୍ସବର ମାହୋଲ। ପୂଜା ଅବସରରେ ଭକ୍ତି, ଆସ୍ଥା ଓ ସାଂସ୍କୃତିକ ପରମ୍ପରାର ଏକ ଅପୂର୍ବ ସମାଗମ ଦେଖିବାକୁ ମିଳିବ।

ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

ଉତ୍ସବମୁଖର ହେବ ଚାନ୍ଦୋଳ ବଜାର

ଡେରାବିଶ,୨୪।୧୦ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଅଞ୍ଚଳରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଏକ ଗଣପର୍ବରେ ପାଳିତ ହୋଇଥାଏ। ଆଉ ଦିନକ ପରେ ରବିବାର ମା'ଙ୍କ ପୂଜାଉତ୍ସବ ଅନୁଷ୍ଠିତ ହେବ। ବ୍ଲକ ଅଞ୍ଚଳର ବିଭିନ୍ନ ଗାଁ ଓ ପ୍ରମୁଖ ବଜାରରେ ୭୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଇବେ ମା ଗଜଲକ୍ଷ୍ମୀ। ଏହି ଅବସରରେ ଜିଲ୍ଲାର ପ୍ରମୁଖ ଚାନ୍ଦୋଳ ବଜାରରେ ମାଙ୍କ ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି।

ଚାନ୍ଦୋଳ ବଜାରରେ ୨୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ମାଙ୍କ ପୂଜା ହେଉଥିବା ବେଳେ ବିଭିନ୍ନ ମଣ୍ଡପରେ ବୈଦ୍ୟୁତିକ ଆଲୋକମାଳା ସହ ସୁଉଚ୍ଚ ତୋରଣ ଚଳିତ ବର୍ଷ ଦର୍ଶକଙ୍କୁ କିଭଳି ଆକର୍ଷିତ କରାଯିବ ସେ ନେଇ ବିଭିନ୍ନ ପୂଜା ମଣ୍ଡପର କର୍ମକର୍ତ୍ତାଙ୍କ ପ୍ରସ୍ତୁତି ଜୋରଦାର ହୋଇଛି। ସେହିପରି ବ୍ଲକ ଅଧୀନସ୍ଥ ଓଲଢ଼ି, ଛତା, ନେତୁଆ, ଛୋଟି, ପଲ୍ଲୀରଘୁନାଥପୁର, ସାତବାଟିଆ, ଫକିରାବାଦ, ମହ୍ନାପଡ଼ା, ଠାକୁରହାଟରେ ମାଙ୍କ ପୂଜା ଅନୁଷ୍ଠିତ ହେବାକୁ ଥିବା ବେଳେ ନେତୁଆ, ଛୋଟିରେ ମାଙ୍କ ମୃଣ୍ମୟ ମୂର୍ତ୍ତି ସହ ସମାଜର ବିଭିନ୍ନ ଉଲ୍ଲେଖନୀୟ ଘଟଣାକୁ ନେଇ ରୂପମୂର୍ତ୍ତି ଚଳିତ ବର୍ଷ ବିଶେଷ ଆକର୍ଷଣ ହେବ। ସେହିପରି ପଲ୍ଲୀରଘୁନାଥପୁର ଓ ସାତବାଟିଆ ଗାଁରେ ପୂଜା ପାଇଁ ପ୍ରସ୍ତୁତି ଜୋରଦାର ଦେଖିବାକୁ ମିଳିଥିବା ବେଳେ ଅନ୍ୟାନ୍ୟ ପୂଜା ମଣ୍ଡପରେ ମଧ୍ୟ କିଭଳି ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରାଯିବ ସେ ନେଇ କର୍ମକର୍ତ୍ତାମାନେ ସେମାନଙ୍କର ଉଦ୍ୟମ ଜାରି ରଖିଛନ୍ତି।

ନବୀନଙ୍କୁ ଭେଟିଲେ ନବନିର୍ବାଚିତ ଛାତ୍ର ସଂସଦ ପ୍ରତିନିଧି

ଶଙ୍ଖ ଭବନରେ ଉତ୍ସାହର ମାହୋଲ

କେନ୍ଦ୍ରାପଡ଼ା,୨୪।୧୦ (ସଂଚାର ବ୍ୟୁରୋ): ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟାଳୟ 'ଶଙ୍ଖ ଭବନ'ଠାରେ ଏକ ଭବ୍ୟ ଏବଂ ଉତ୍ସାହପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ପ୍ରମୁଖ ମହାବିଦ୍ୟାଳୟର ନବନିର୍ବାଚିତ ଛାତ୍ର ସଂସଦ ପ୍ରତିନିଧିମାନେ ଭୁବନେଶ୍ୱରସ୍ଥିତ ଦଳୀୟ କାର୍ଯ୍ୟାଳୟକୁ ଆସି ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏଥିସହ ଛାତ୍ର ପ୍ରତିନିଧିମାନେ ବିଜେଡିର ବରିଷ୍ଠ ନେତ୍ରୀ ସୁଜାତା ରାଉତଙ୍କୁ ଭେଟି ନିଜର ଶୁଭେଚ୍ଛା ଜଣାଇବା ସହ ସାଙ୍ଗଠନିକ ଦିଗ ଉପରେ ଆଲୋଚନା କରିଛନ୍ତି। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ମହାକାଳପଡ଼ାର ବାୟାବାବା ମହାବିଦ୍ୟାଳୟ ଏବଂ କରିଲୋପାଟଣା ମହାବିଦ୍ୟାଳୟର ନବନିର୍ବାଚିତ ଛାତ୍ର ସଂସଦ କର୍ମକର୍ତ୍ତାମାନେ ଏକ ବିଶାଳ ଶୋଭାଯାତ୍ରାରେ ଶଙ୍ଖ ଭବନରେ ପହଞ୍ଚିଥିଲେ। ଛାତ୍ର ପ୍ରତିନିଧିମାନଙ୍କୁ ସ୍ୱାଗତ କରି ନବୀନ ପଟ୍ଟନାୟକ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଛାତ୍ର ସମାଜ ସର୍ବଦା ସମାଜ ଗଠନ ଓ ନେତୃତ୍ୱ ନେବାର ମୁଖ୍ୟ ଶକ୍ତି ବୋଲି ପ୍ରକାଶ କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲାର ପ୍ରମୁଖ ତୁଙ୍ଗ ନେତୃବୃନ୍ଦ ଉପସ୍ଥିତ ରହି ଛାତ୍ର ପ୍ରତିନିଧିମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଗଣେଶ୍ୱର ବେହେରା, ବିଧାୟକ ଧ୍ରୁବ ସାହୁ ଏବଂ ଜିଲା ବିଜେଡି ସଭାପତି ଶିବ ପ୍ରସାଦ ଭଲ ଉପସ୍ଥିତ ରହି ଦଳୀୟ ଆଦର୍ଶ ଓ ଛାତ୍ର ରାଜନୀତିର ଗୁରୁତ୍ୱ ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

ବାତ୍ୟା ମୁକାବିଲା ପାଇଁ କେନ୍ଦ୍ରାପଡ଼ା ପ୍ରଶାସନର ପ୍ରସ୍ତୁତି

୧୩୦ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ; ୨୬ରୁ ମୁତୟନ ହେବ ଓଡ୍ରାଫ୍ ଟିମ୍

କେନ୍ଦ୍ରାପଡ଼ା,୨୪।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟାର ମୁକାବିଲା ଲାଗି ସଜାଗ ହୋଇଛି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ। ଜନଜୀବନର ସୁରକ୍ଷାକୁ ପ୍ରାଥମିକତା ଦେଇ ବାତ୍ୟା ଆଶ୍ରୟସ୍ଥଳଠାରୁ ଆରମ୍ଭ କରି ଉଦ୍ଧାର ଓ ରିଲିଫ୍ ବ୍ୟବସ୍ଥା ପର୍ଯ୍ୟନ୍ତ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ରଘୁରାମ ଆର୍. ଆୟର। ଆସନ୍ତା ୨୬ ଅକ୍ଟୋବରରୁ ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଟିମ୍ ନିୟୋଜିତ ହେବ ବୋଲି ଜଣାପଡ଼ିଛି।

ଶନିବାର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଭର୍ଚୁଆଲ୍ ବୈଠକରେ ବିଭିନ୍ନ ବିଭାଗର ପ୍ରସ୍ତୁତି, ଜରୁରୀକାଳୀନ ସେବା ଓ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଜିଲ୍ଲାର ୧୩୦ଟି ବାତ୍ୟା ଆଶ୍ରୟସ୍ଥଳ ସହ ଆବଶ୍ୟକ ସ୍ଥଳୁ ଗୃହଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ସମ୍ବେଦନଶୀଳ ଅଞ୍ଚଳ ଉପରେ କଡ଼ା ନଜର ରଖିବା ସହ ଆବଶ୍ୟକ ପଡ଼ିଲେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ପ୍ରଶାସନକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ବିଶେଷକରି ଗର୍ଭବତୀ ମହିଳା, ବୟସ୍କ ଓ ଅନ୍ୟ ଅସୁରକ୍ଷିତ ବର୍ଗର ଲୋକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଶୁଖିଲା ଖାଦ୍ୟ, ରିଲିଫ୍ ସାମଗ୍ରୀ ଓ ଉଦ୍ଧାର ଉପକରଣ ମହଜୁଦ ରଖିବା ସହ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷକୁ ସକ୍ରିୟ ରଖିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି।

ବାତ୍ୟା ମୁକାବିଲା ପାଇଁ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରାଯାଇ ସମସ୍ତଙ୍କୁ କାର୍ଯ୍ୟସ୍ଥଳରେ ଉପସ୍ଥିତ ରହିବାକୁ କୁହାଯାଇଛି। ନଦୀବନ୍ଧ, ଜଳ ନିଷ୍କାସନ ବ୍ୟବସ୍ଥା ଓ ଅନ୍ୟାନ୍ୟ ବିପଦପ୍ରବଣ ସ୍ଥାନରେ ସତର୍କ ନଜର ରଖିବା ସହ ପାନୀୟ ଜଳ, ବିଦ୍ୟୁତ୍, ସ୍ୱାସ୍ଥ୍ୟସେବା ଓ ଯୋଗାଯୋଗ ବ୍ୟବସ୍ଥାକୁ ସ୍ୱାଭାବିକ ରଖିବା ଉପରେ ଜୋର୍ ଦିଆଯାଇଛି।

ସମ୍ଭାବ୍ୟ ପ୍ରବଳ ପବନକୁ ଦୃଷ୍ଟିରେ ରଖି ପୂଜା କମିଟିଗୁଡ଼ିକୁ ଅସ୍ଥାୟୀ ଢାଞ୍ଚା, ତୋରଣ ଓ ଅସୁରକ୍ଷିତ ସାଜସଜ୍ଜା ହଟାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ରବୀନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ସମେତ ପୁଲିସ ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

ଏଥିସହ ଜନସାଧାରଣଙ୍କୁ କେବଳ ଅଧିକୃତ ପାଣିପାଗ ସୂଚନା ଉପରେ ଭରସା କରିବା, ଗୁଜବଠାରୁ ଦୂରେଇ ରହିବା ଓ ପ୍ରଶାସନର ନିର୍ଦ୍ଦେଶ ପାଳନ କରିବାକୁ ଅନୁରୋଧ କରାଯାଇଛି।

୪୮ ଘଣ୍ଟା ମଧ୍ୟରେ ହଟିବ ଅସୁରକ୍ଷିତ ତୋରଣ, ଗେଟ୍ ଓ ହୋର୍ଡିଂ

କେନ୍ଦ୍ରାପଡ଼ା,୨୪।୧୦ (ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ସମ୍ଭାବ୍ୟ ଭୀଷଣ ବାତ୍ୟାକୁ ନେଇ ଚିନ୍ତା ବଢ଼ିଥିବା ବେଳେ ଏହାର ମୁକାବିଲା ପାଇଁ ଆଗୁଆ ସତର୍କ ହୋଇଛି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ। ଆସନ୍ତା ୨୭ ଓ ୨୮ ତାରିଖରେ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଝଡ଼ ପବନ ହେବାର ଆଶଙ୍କା ଥିବାରୁ ଜନଜୀବନ ଓ ସମ୍ପତ୍ତିର ସୁରକ୍ଷା ନିମନ୍ତେ ବିଭିନ୍ନ ପ୍ରତିରୋଧମୂଳକ ପଦକ୍ଷେପ ନିଆଯାଇଛି।

ଏହି କ୍ରମରେ ଜିଲ୍ଲାର ସମସ୍ତ ପୌରାଞ୍ଚଳ ଓ ସହରାଞ୍ଚଳରେ ରହିଥିବା ଅସ୍ଥାୟୀ ପୂଜା ତୋରଣ, ସାଜସଜ୍ଜା ଗେଟ୍, ଫ୍ଲେକ୍ସ ବ୍ୟାନର, ହୋର୍ଡିଂ ଏବଂ ଅନ୍ୟାନ୍ୟ ବିପଜ୍ଜନକ ସଂରଚନାକୁ ଆଗାମୀ ୪୮ ଘଣ୍ଟା ମଧ୍ୟରେ ହଟାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଅଧ୍ୟକ୍ଷ ଭାବେ ସେ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ପୂଜା କମିଟି, ଆୟୋଜକ, ବ୍ୟବସାୟୀ ଓ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ନିଜ ନିଜ ଅଞ୍ଚଳରେ ଥିବା ଅସୁରକ୍ଷିତ ନିର୍ମାଣଗୁଡ଼ିକୁ ଧାର୍ଯ୍ୟ ସମୟ ମଧ୍ୟରେ ସ୍ୱେଚ୍ଛାକୃତ ଭାବେ ହଟାଇବାକୁ କୁହାଯାଇଛି। ଏହାଦ୍ୱାରା ପ୍ରବଳ ପବନରେ ତୋରଣ ଓ ହୋର୍ଡିଂ ଭାଙ୍ଗି ପଡ଼ି ଦୁର୍ଘଟଣା ଘଟିବାର ଆଶଙ୍କାକୁ ହ୍ରାସ କରାଯାଇପାରିବ।

ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ଦ୍ଦେଶ ପାଳନ ନହେଲେ ପ୍ରଶାସନ ପକ୍ଷରୁ ସିଧାସଳଖ ଉଚ୍ଛେଦ କାର୍ଯ୍ୟ କରାଯିବ। କେନ୍ଦ୍ରାପଡ଼ା ଓ ପଙ୍କାମୁଣ୍ଡାଇ ପୌରପାଳିକାର ନିର୍ବାହୀ ଅଧିକାରୀମାନେ ନିଜ ନିଜ ଅଞ୍ଚଳରେ ଏହି କାର୍ଯ୍ୟାନୁଷ୍ଠାନ ସହ ସଫେଇ କାର୍ଯ୍ୟ ତଦାରଖ କରିବେ। ସେହିପରି ଗ୍ରାମାଞ୍ଚଳରେ ତହସିଲଦାରମାନେ ଅନ୍ୟ ସମ୍ପୃକ୍ତ ବିଭାଗର ସହଯୋଗରେ ଅସୁରକ୍ଷିତ ସଂରଚନା ହଟାଇବା ପାଇଁ ପଦକ୍ଷେପ ନେବେ।

ସର୍ବଧର୍ମ ସମନ୍ୱୟର ବାର୍ତ୍ତା ଦେଲା ସାଇବାବାଙ୍କ ପାଲିଙ୍କି ଶୋଭାଯାତ୍ରା

କେନ୍ଦ୍ରାପଡ଼ା,୨୪।୧୦(ସଂଚାର ବ୍ୟୁରୋ): ବିଜୟାଦଶମୀ ଅବସରରେ କେନ୍ଦ୍ରାପଡ଼ା ସହରରେ ଶ୍ରୀ ଶିରିଡ଼ି ସାଇବାବାଙ୍କ ପାଲିଙ୍କି ଶୋଭାଯାତ୍ରା ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। କଜଳାସ୍ଥିତ ଗୋଲ୍ଡେନ୍ ଭିଲ୍ଲା ପରିସରରେ ଥିବା ଶ୍ରୀ ଶ୍ରୀ ଶିରିଡ଼ି ସାଇବାବାଙ୍କ ମନ୍ଦିରରେ ବାବାଙ୍କ ୧୦୮ତମ ପୁଣ୍ୟତିଥି ଉତ୍ସବ ଅବସରରେ ଏହି ଆୟୋଜନ କରାଯାଇଥିଲା।

ଉତ୍ସବରେ ସାଇବାବାଙ୍କ ୧୦୦୮ ନାମମନ୍ତ୍ରରେ ମହାଯଜ୍ଞ, ପାଦୁକା ପୂଜା ଓ ସୀମା ଲଙ୍ଘନ ଉତ୍ସବ ଆଦି ଧାର୍ମିକ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା। ପରେ ବାବାଙ୍କ ପାଲିଙ୍କି ଶୋଭାଯାତ୍ରା କେନ୍ଦ୍ରାପଡ଼ା ସହର ପରିକ୍ରମା କରିଥିଲା। ୧୯୧୮ ମସିହା ଅକ୍ଟୋବର ୧୫ ତାରିଖ ବିଜୟାଦଶମୀ ଦିନ ସାଇବାବା ମହାସମାଧି ଗ୍ରହଣ କରିଥିଲେ। ତାଙ୍କ ସ୍ମୃତିରେ ଦେଶବିଦେଶର ବିଭିନ୍ନ ସାଇ ମନ୍ଦିରରେ ଏହି ଦିନକୁ ମହାସମାଧି ଦିବସ ଭାବେ ପାଳନ କରାଯାଏ।

ସାଇବାବାଙ୍କ ଜୀବନାଦର୍ଶ ଥିଲା ମାନବସେବା, ଦୟା, କରୁଣା ଓ ସର୍ବଧର୍ମ ସମନ୍ୱୟ। ଧର୍ମ ଓ ଉପାସନା ପଦ୍ଧତି ଭିନ୍ନ ହୋଇଥିଲେ ମଧ୍ୟ ଈଶ୍ୱର ଏକ ଏବଂ ମାନବିକତା ହିଁ ସର୍ବଶ୍ରେଷ୍ଠ ଧର୍ମ— ଏହି ବାର୍ତ୍ତା ଶୋଭାଯାତ୍ରା ମାଧ୍ୟମରେ ପ୍ରସାରିତ ହୋଇଥିଲା।

ଜିଲ୍ଲାସ୍ତରୀୟ ମାତୃ ଓ ଶିଶୁ ମୃତ୍ୟୁର ସମୀକ୍ଷା

କେନ୍ଦ୍ରାପଡ଼ା,୨୪।୧୦ (ସଂଚାର ବ୍ୟୁରୋ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଜିଲ୍ଲା ସ୍ତରୀୟ ଜିଲ୍ଲାପାଳଙ୍କ ଦ୍ୱାରା ସମସ୍ତ ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁ ସମୀକ୍ଷା କରିବା ବ୍ୟବସ୍ଥା ରହିଛି । ଚଳିତ ମାସ ଅକ୍ଟୋବର ୨୩ ତାରିଖରେ ରଘୁରାମ ଆର୍ ଆୟର, (ଭା.ପ୍ର.ସେ) ଜିଲ୍ଲାପାଳଙ୍କ ଅଧକ୍ଷତାରେ ପୁରୁଣା ମେଡିକାଲରେ ସ୍ଥିତ ତାଲିମ ଗୃହରେ, କେନ୍ଦ୍ରାପଡା ବ୍ଲକ୍ ଏବଂ ମହାକାଳପଡ଼ା ବ୍ଲକ୍‌ର ଗୋଟିଏ ଗୋଟିଏ ମାତୃ ମୃତ୍ୟୁ ଏବଂ ରାଜନଗର ବ୍ଲକ୍, ପଙ୍କାମୁଣ୍ଡାଇ ବ୍ଲକ ଏବଂ କେନ୍ଦ୍ରାପଡା ବ୍ଲକ୍‌ର ଗୋଟିଏ ଲେଖାଏଁ ଶିଶୁ ମୃତ୍ୟୁକୁ ସମୀକ୍ଷା କରିଛନ୍ତି ।

ସେହିପରି ରାଜ୍ୟ ସ୍ତରରୁ ମଧ୍ୟ ନୋଡାଲ ଅଫିସର୍ ସ୍ଥିର କରାଯାଇଛି ସେମାନେ ମଧ୍ୟ ପ୍ରତି ମାସରେ ମଧ୍ୟ ଏହି ମାତୃ ଓ ଶିଶୁ ମୃତ୍ୟୁର ସମୀକ୍ଷା କରିବା ପାଇଁ ସ୍ୱାସ୍ଥ୍ୟ ସଚିବଙ୍କ ପତ୍ର ରହିଛି। ଉକ୍ତ ଦିବସର ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନମିତା ପଟ୍ଟନାୟକ ଙ୍କ ଅଧକ୍ଷତାରେ, ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ମୁରଲୀଧର ପାଢ଼ୀ (ମାତୃ ସ୍ୱାସ୍ଥ୍ୟ), ଓଡ଼ିଶା ଏବଂ ସୌମ୍ୟାଶ୍ରୀ ମହାପାତ୍ର, କନ୍ସଲଟାଣ୍ଟ (ମାତୃ ସ୍ୱାସ୍ଥ୍ୟ ପରିଚାଳନା), ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶା ଦିବସ ଦ୍ୱିତୀୟ ପର୍ଯ୍ୟାୟରେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ତାଙ୍କର ସୁଚିନ୍ତିତ ପରାମର୍ଶ ଦେଇଥିଲେ।

ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଏସ.ସି.ବି ମେଡିକାଲ କଲେଜ, କଟକ

ବାତ୍ୟାକୁ ନେଇ ଅଗ୍ନିଶମ ବାହିନୀର ଜୋରଦାର ପ୍ରସ୍ତୁତି

ଭୁବନେଶ୍ୱର, ୨୪।୧୦ (ସଂଚାର ବ୍ୟୁରୋ): ଆସୁଛି ସମ୍ଭାବ୍ୟ ବାତ୍ୟା, ମୁକାବିଲା ପାଇଁ ପ୍ରସ୍ତୁତ ସରକାର। ଓଡ଼ିଶା ସରକାରଙ୍କ ଟାର୍ଗେଟ ଜିରୋ କାଜୁଆଲିଟି। ଏହି ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଓଡ଼ିଶାର ଅଗ୍ନିଶମ ବାହିନୀ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଓଡ଼ିଶା ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରାଯାଇଛି।

ବର୍ତ୍ତମାନର ଆକଳନ ଅନୁସାରେ, ଏହି ବାତ୍ୟା କାକିନାଡ଼ା ଆଡ଼କୁ ଅଗ୍ରସର ହେଉଥିବା ବେଳେ ପାଣିପାଗ ବିଭାଗ ପକ୍ଷରୁ ଆଜି ବାତ୍ୟାର ଗତିପଥ ଓ ଦିଗ ସଂକ୍ରାନ୍ତରେ ଆକଳନ କରାଯାଇ ମାନଚିତ୍ର ଜାରି କରାଯିବ। ବାତ୍ୟା ସମୟରେ ପବନର ବେଗ ଘଣ୍ଟାପ୍ରତି ୧୨୫ କିମି ପର୍ଯ୍ୟନ୍ତ ହୋଇପାରେ, ଯାହା ଫଳରେ ଗଛ ଓ ବିଦ୍ୟୁତ ଖୁଣ୍ଟ ପଡ଼ିଯିବା ସହ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି। ଆସନ୍ତା ୨୭ ଓ ୨୮ ତାରିଖରେ ପ୍ରବଳ ବର୍ଷା ଜାରି ରହିବାର ସମ୍ଭାବନା ରହିଛି। ଏହି ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଓଡ଼ିଶାର ୬ଟି ଜିଲ୍ଲା ବିଶେଷକରି ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରିରେ ଥିବା ସମସ୍ତ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ସମ୍ପୂର୍ଣ୍ଣ ସତର୍କ ରହିବା ସହ ସମସ୍ତ ଅଗ୍ନିଶମ କେନ୍ଦ୍ରକୁ ହାଇଆଲର୍ଟରେ ରଖାଯାଇଛି ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ଆବଶ୍ୟକ ସମସ୍ତ ଯନ୍ତ୍ରପାତି ଯଥା ଇନଫ୍ଲେଟେବଲ୍ ବୋଟ୍, ଆଉଟ୍‌ବୋର୍ଡ ମୋଟର୍, ଲାଇଫ୍‌ବୋଟ୍, ଲାଇଫ୍ ଜ୍ୟାକେଟ୍, ଉଚ୍ଚ କ୍ଷମତାସମ୍ପନ୍ନ ଜଳ ନିଷ୍କାସନ ପମ୍ପ, ହାଇଡ୍ରୋଲିକ୍ କଟର୍, ହାଇଡ୍ରୋଲିକ୍ ସ୍ପ୍ରେଡର୍, ପ୍ରାଥମିକ ଚିକିତ୍ସା କିଟ୍ ଓ ସର୍ଚ୍ଚ ଲାଇଟ୍ ଇତ୍ୟାଦି ପ୍ରସ୍ତୁତ ରଖାଯାଇଛି। ବର୍ତ୍ତମାନ ମୁଖ୍ୟତଃ ପ୍ରବଳ ବର୍ଷାକୁ ଆଖି ଆଗରେ ରଖି ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଯଦି ବାତ୍ୟା ନିଜର ଦିଗ ପରିବର୍ତ୍ତନ କରେ, ସେଥିପାଇଁ ମଧ୍ୟ ବିଭାଗ ପକ୍ଷରୁ ସମସ୍ତ ଜରୁରୀ ପଦକ୍ଷେପ ଗ୍ରହଣ କରାଯିବ।

ନ୍ୟାସନାଲ୍ ଅର୍ବାନ୍ କନ୍‌କ୍ଲେଭ୍-୨୦୨୬

ଅର୍ବାନ୍ ମୋବିଲିଟି ଓ ନଗର ବିକାଶକୁ ଗୁରୁତ୍ୱ

- ସମୃଦ୍ଧ ଓଡ଼ିଶା ପାଇଁ ତିଆରି ହେଉଛି ଅତ୍ୟାଧୁନିକ ସହରୀ ଭିତ୍ତିଭୂମି
- ପିଏମ ଇ-ବସ୍ ସେବା ଯୋଜନାରେ ୨୬ଟି ଇ-ବସ୍ ସେବାର ଶୁଭାରମ୍ଭ
- ଏହି ଯୋଜନାରେ ଆସିବ ମୋଟ ୪୦୦ ଇ-ବସ୍

ଭୁବନେଶ୍ୱର, ୨୪।୧୦(ସଂଚାର ବ୍ୟୁରୋ): ୨୦୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ୫୦୦ ବିଲିଅନ୍ ଡଲାର୍ ଅର୍ଥନୀତି ସହ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ଆମର ମୁଖ୍ୟ ଲକ୍ଷ୍ୟ। ବର୍ତ୍ତମାନ ଓଡ଼ିଶାର ସହରୀକରଣ ୧୭ ପ୍ରତିଶତ ଥିବା ବେଳେ ୨୦୩୬ ସୁଦ୍ଧା ଏହାକୁ ୪୦ ପ୍ରତିଶତକୁ ବୃଦ୍ଧି ହେବ। ଏଥିପାଇଁ ଅତ୍ୟାଧୁନିକ ଭିତ୍ତିଭୂମି ଓ ଆଧୁନିକ ସଂସ୍ଥାର ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇସାରିଛି ବୋଲି ଆଜି ଏଠାରେ ଆୟୋଜିତ ଜାତୀୟ ଅର୍ବାନ ଜନକ୍ଲେଭ- ୨୦୨୬ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବିକଶିତ ଭାରତ ୨୦୪୭' ଭିଜନ୍ ଓ 'ପୂର୍ବୋଦୟ' ନୀତି ପ୍ରେରଣାରେ ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ ଗ୍ରୋଥ୍ ଇଞ୍ଜିନ୍ ଭାବେ ଗଢ଼ିଉଠିଛି। ୨୦୪୭ ସୁଦ୍ଧା ଦେଶର ସହରୀ ଜନସଂଖ୍ୟା ଗ୍ରାମୀଣ ଜନସଂଖ୍ୟାକୁ ଅତିକ୍ରମ କରୁଥିବାରୁ ସହରଗୁଡ଼ିକୁ ସମାବେଶୀ, ପ୍ରଯୁକ୍ତି ବିଦ୍ୟାସମ୍ପନ୍ନ ଓ ଆଧୁନିକ ସୁବିଧା ସୁଯୋଗରେ ସମୃଦ୍ଧ କରାଯିବ। ସହରୀ ବିକାଶ ଓ ଅର୍ଥନୈତିକ ପ୍ରଗତିକୁ ଗତିଶୀଳ କରିବା ପାଇଁ ରାଜ୍ୟରେ ଶିଳ୍ପାୟନ, ବନ୍ଦରର ବିକାଶ, ପର୍ଯ୍ୟଟନ ଓ ସେବା କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି। ଓଡ଼ିଶାକୁ ଏପର୍ଯ୍ୟନ୍ତ ୨୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିସାରିଥିବା ବେଳେ ୩.୫ ଲକ୍ଷ କୋଟି ଟଙ୍କାର ନିବେଶ ସହ ୨୦୦ରୁ ଊର୍ଦ୍ଧ୍ୱ ଉଦ୍ୟୋଗର ଗ୍ରାଉଣ୍ଡିଂ ସମ୍ପନ୍ନ ହୋଇଛି। କେନ୍ଦ୍ର ସରକାର ଓ ନୀତି ଆୟୋଗଙ୍କ ମାର୍ଗଦର୍ଶନରେ 'ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍' (ବିକେପିପିଇଆର) ପ୍ରତିଷ୍ଠା କରାଯାଉଛି। ଏଥିସହ ଭୁବନେଶ୍ୱର ଓ କଟକର ସମ୍ପ୍ରସାରଣ କରି ନୂଆ ସାଟେଲାଇଟ୍ ଟାଉନ୍‌ସିପ୍ ଗଠନ କରାଯାଉଛି ଓ ନୂତନ ଭାବେ ୨୮ଟି ଏନ୍‌ଏସି, ୭ଟି ମ୍ୟୁନିସିପାଲିଟି ଓ ଗୋଟିଏ ମ୍ୟୁନିସିପାଲ୍ କର୍ପୋରେସନ୍ ସୃଷ୍ଟି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

■ ଜଳେଶ୍ୱର ଗଣଦୁଷ୍କର୍ମ ଓ ହତ୍ୟା ଘଟଣା

କ୍ରାଇମ୍ ବ୍ରାଞ୍ଚ ତଦନ୍ତ ଦାବି କଲା କଂଗ୍ରେସ

୨୭ରେ ଜଳେଶ୍ୱର ବନ୍ଦ ଡାକରା

ଭୁବନେଶ୍ୱର,୨୪।୧୦(ସଂଚାର ବ୍ୟୁରୋ): ଜଳେଶ୍ୱରର ପଶ୍ଚିମବାଡ଼ସ୍ଥିତ ଦେବକୁମାର ଗାଁର ନବମ ଶ୍ରେଣୀରେ ପଢୁଥିବା ଝିଅକୁ ଦୁଷ୍କର୍ମ ପରେ ହତ୍ୟା ଘଟଣା ଉପରେ ଆଜି ପ୍ରଦେଶ କଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କ୍ରାଇମବ୍ରାଞ୍ଚ୍ ତଦନ୍ତ ଦାବି କରିବା ସହ ଆସନ୍ତା ୨୭ ତାରିଖରେ ୮ ଘଣ୍ଟିଆ ବନ୍ଦ ପାଇଁ ଡାକରା ଦିଆଯାଇଛି। ଗତ ୨୨ ତାରିଖରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଜଳେଶ୍ୱର ଯାଇ ଘଟଣାର ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ। ସେମାନେ ଜଳେଶ୍ୱର ଥାନାଧିକାରୀ, ମୃତ ଝିଅର ବାପା, ମା', ଗ୍ରାମବାସୀ ତଥା ବାଲେଶ୍ୱର ଏସପିଙ୍କୁ ଭେଟିଥିଲେ। ଏହି ଅନୁସନ୍ଧାନକାରୀ ଦଳରେ ବାସୁଦେବପୁର ବିଧାୟକ ତଥା କଂଗ୍ରେସ ଦଳର ବିଧାନସଭାର ଉପମୁଖ୍ୟ ସଚେତକ ଅଶୋକ ଦାସ, ଦଳର ସାଧାରଣ ସମ୍ପାଦକ ବାଙ୍କ ବିହାରୀ ବେହେରା, ଜଳେଶ୍ୱର ନିର୍ବାଚନମଣ୍ଡଳୀ ନେତା ସୁଦର୍ଶନ ଦାସ, ଜିଲ୍ଲା କଂଗ୍ରେସ ସଭାପତି ସତ୍ୟ ଶିବ ଦାସ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ। ତଥ୍ୟ ଅନୁସନ୍ଧାନକାରୀ ଦଳ ଭୁବନେଶ୍ୱର ଫେରିବା ପରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଦାସଙ୍କୁ ରିପୋର୍ଟ ପ୍ରଦାନ କରିବା ସହିତ କଂଗ୍ରେସ ଭବନରେ ସାମ୍ବାଦିକ ସମ୍ମିଳନୀ କରି ଘଟଣାର ସବିଶେଷ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ସୁଦର୍ଶନ ଦାସ କହିଥିଲେ ଯେ ସେ ଝିଅ ପ୍ରତି ଜଘନ୍ୟ ଦୁଷ୍କର୍ମ ଓ ହତ୍ୟାର ମୂଳ କାରଣ। ଶାସକ ଦଳର ନେତାଙ୍କ ପୁଲିସ ଉପରେ ପ୍ରଭାବ ମଧ୍ୟ ଏହି ଘଟଣାକୁ ପ୍ରଭାବିତ କରିଛି। ଗତ ୧୬ରୁ ୨୨ ତାରିଖ ଭିତରେ କେଉଁ ନେତାମାନେ ଆଇଆଇସିଙ୍କୁ ଫୋନ କରିଛନ୍ତି, ତା'ର ଯାଞ୍ଚ ହେବା ଜରୁରୀ। ଏହି ଧର୍ଷଣ ଓ ହତ୍ୟା ପଛରେ ଜଣେ ନୁହଁ, ଅଧିକ ଲୋକଙ୍କ ସମ୍ପୃକ୍ତି ରହିଛି। ପ୍ରମାଣ ଲୁଚାଇବା ପାଇଁ ଯେଉଁ କେମିକାଲ ଓ ପଦ୍ଧତି ବ୍ୟବହାର କରାଯାଇଛି, ତାହା ମଧ୍ୟ ଘଟଣାକୁ କୁହେଳିକା ଭିତରକୁ ନେଇଯାଇଛି। ସେଥିପାଇଁ ଘଟଣାର କ୍ରାଇବ୍ରାଞ୍ଚ ତଦନ୍ତ ଦାବି କରିବା ସହ ଦୋଷୀ ପୁଲିସ ଅଧିକାରୀମାନଙ୍କୁ ବଦଳି ନୁହଁ, ସେମାନଙ୍କୁ ଚାକିରିରୁ ନିଲମ୍ବନ କରିବା ପାଇଁ ସେ ଦାବି କରିଛନ୍ତି।

ବାତ୍ୟା ଆଶଙ୍କାରେ ଇନ୍ଦ୍ରାବତୀ ଖୋଲିଲା ୨ ଗେଟ୍



ନବରଙ୍ଗପୁର,୨୪।୧୦ (ସଂଚାର ବ୍ୟୁରୋ) : ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷା ଆଶଙ୍କାରେ ନବରଙ୍ଗପୁର ଜିଲ୍ଲାରେ ପୁଣି ଥରେ ଇନ୍ଦ୍ରାବତୀ ଜଳଭଣ୍ଡାରର ଦୁଇଟି ଗେଟ ଖୋଲାଯାଇଛି । ପ୍ରାୟ ମାସକ ପରେ ଜଳଭଣ୍ଡାରର ୩ ନମ୍ବର ଓ ୬ ନମ୍ବର ଗେଟକୁ ୦.୫ ମିଟର ଲେଖାଏଁ ଖୋଲାଯାଇ ଜଳ ନିଷ୍କାସନ କରାଯାଉଛି। ଦୁଇଟି ଗେଟ ଦେଇ ପ୍ରତି ସେକେଣ୍ଡରେ ପ୍ରାୟ ୧୩୩ କ୍ୟୁମେକ୍ସ ଜଳ ନିଷ୍କାସିତ ହେଉଛି। ଗେଟ ଖୋଲାଯିବା ସମୟରେ ଜଳଭଣ୍ଡାରର ଜଳସ୍ତର ୬୪୦ ମିଟର ରହିଥିଲା ।

ସମ୍ଭାବ୍ୟ ଘୂର୍ଣ୍ଣିବାତ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି ସତର୍କତାମୂଳକ ଭାବେ ଗେଟ ଖୋଲାଯାଇଥିବା ବେଳେ ତଳିଆ ଅଞ୍ଚଳବାସୀଙ୍କୁ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଇନ୍ଦ୍ରାବତୀ-କୋଲାବ ବେସିନ କାର୍ଯ୍ୟାଳୟ, ବାରିଣୀପୁଟର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଭାଗିରଥି ପାତ୍ରଙ୍କ ଉପସ୍ଥିତିରେ ବିଭାଗୀୟ ଅଧିକାରୀ ଡ୍ୟାମର ସ୍ଥିତି ଅନୁଧ୍ୟାନ ପରେ ଗେଟ ଖୋଲିବା ନିଷ୍ପତ୍ତି ନେଇଥିଲେ । ଜଳସ୍ତର ୬୩୯ ମିଟରକୁ ହ୍ରାସ ପାଇଲେ ଗେଟ ବନ୍ଦ କରାଯିବ। ଆଗାମୀ ଦିନରେ ବର୍ଷା ଓ ଜଳ ପ୍ରବାହକୁ ଦେଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ଆବଶ୍ୟକ ପଡ଼ିଲେ ଅଧିକ ଗେଟ ଖୋଲାଯାଇପାରେ। ଜଳ ନିଷ୍କାସନ ଯୋଗୁଁ ତଳିଆ ଅଞ୍ଚଳରେ ଜଳସ୍ତର ବଢ଼ିପାରେ ଥିବାରୁ ଲୋକଙ୍କୁ ନଦୀ ଓ ଜଳାଶୟ ନିକଟକୁ ନଯିବାକୁ ପରାମର୍ଶ ଦିଆଯାଇଛି ।

କୃଷି ଅଧିକାରୀଙ୍କ ଛୁଟି ବାତିଲ

କୃଷି ବିଭାଗ କଣ୍ଟ୍ରୋଲ ରୁମ୍, ଟୋଲ ଫ୍ରି' ନମ୍ବର ଜାରି

ଭୁବନେଶ୍ୱର, ୨୪।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟା ଓ ଅବପାତଜନିତ ମାତ୍ରାଧିକ ବୃଷ୍ଟିପାତର ପରିଚାଳନା ସମୀକ୍ଷା ଆଜି କୃଷି ଭବନସ୍ଥିତ କୃଷି ସମୀକ୍ଷା କେନ୍ଦ୍ରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ସମସ୍ତ ଅଧିକାରୀଙ୍କୁ ନିଜ ନିଜ ମୁଖ୍ୟ କାର୍ଯ୍ୟାଳୟରେ ନିଶ୍ଚିତ ଭାବେ ଉପସ୍ଥିତ ରହି ଏହି ଦୁର୍ଦ୍ଦିନରେ ଚାଷୀମାନଙ୍କ ପାଖରେ ଠିଆ ହେବାକୁ ପରାମର୍ଶ ଦେଇଛନ୍ତି। ଏବେ ଫସଲ ଅମଳ ସମୟ ହୋଇଥିବାରୁ ଚାଷୀମାନେ ଭୟଭୀତ ନ ହୋଇ ନିକଟସ୍ଥ କୃଷି ଅଧିକାରୀଙ୍କ ପରାମର୍ଶ ଅନୁଯାୟୀ ନିଜ ଫସଲର ସୁରକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି।

ସମ୍ଭାବ୍ୟ ବାତ୍ୟା ପରିସ୍ଥିତି ଉପରେ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ନଜର ରଖାଯାଇଛି ଓ ଆବଶ୍ୟକ ପ୍ରସ୍ତୁତି ମଧ୍ୟ ଜାରି ରହିଛି। ସମସ୍ତ କୃଷି ଅଧିକାରୀଙ୍କୁ ଜିଲ୍ଲା ମୁଖ୍ୟାଳୟ ଛାଡ଼ି ନ ଯିବାକୁ ପରାମର୍ଶ ଦିଆଯିବା ସହ ସେମାନଙ୍କ ଛୁଟି ଆସନ୍ତାକାଲିଠାରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି। ପରିସ୍ଥିତି ଉପରେ କଡ଼ା ନଜର ରଖିବା ଓ ଚାଷୀମାନଙ୍କର ବିଭିନ୍ନ ପ୍ରଶ୍ନ ଓ ସମସ୍ୟାର ସମାଧାନ ପାଇଁ କୃଷି ବିଭାଗ ପକ୍ଷରୁ ଚାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ଓ ଟୋଲ୍ ଫ୍ରି ନମ୍ବର ୧୫୫୩୩୩ ବ୍ୟବସ୍ଥା କରାଯାଇଛି। ଏହି ନମ୍ବର ଆସନ୍ତାକାଲିଠାରୁ କାର୍ଯ୍ୟକ୍ଷମ ରହିବ। ଚାଷୀମାନେ ଫସଲ ସମ୍ବନ୍ଧୀୟ ଆବଶ୍ୟକ ପରାମର୍ଶ ସକାଳ ୮ଟାଠାରୁ ସନ୍ଧ୍ୟା ୮ଟା ମଧ୍ୟରେ ଉପରୋକ୍ତ ନମ୍ବରରେ ଜଲ୍ କରି ଜାଣିପାରିବେ। ବାତ୍ୟା ତଥା ଅବପାତ ପରବର୍ତ୍ତୀ କ୍ଷୟକ୍ଷତି ଅନୁଧ୍ୟାନ ପାଇଁ କୃଷି ଅଧିକାରୀମାନେ ତୁରନ୍ତ ସହାୟତା କରିବାକୁ ପରାମର୍ଶ ଦିଆଯାଇଛି।

ସମସ୍ତ ଅଧିକାରୀଙ୍କୁ ପରିସ୍ଥିତି ପ୍ରତି ସତର୍କ ରହିବାକୁ, କୃଷି-ପରାମର୍ଶର ବ୍ୟାପକ ପ୍ରଚାର ପ୍ରସାର କରିବାକୁ ଏବଂ ବିଭାଗ ଦ୍ୱାରା ଦିଆଯାଇଥିବା ସମସ୍ତ ନିର୍ଦ୍ଦେଶାବଳୀ ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ଅବଗତ କରାଇବାକୁ କୃଷି ସଚିବ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଓୟୁଏଟି କୁଳପତି ପ୍ରବଳ ବର୍ଷା ଓ ପବନର ପ୍ରତିକୂଳ ପ୍ରଭାବରୁ ଧାନ ଏବଂ ଅଣ-ଧାନ ଫସଲକୁ ସୁରକ୍ଷା ଦେବା ପାଇଁ କୃଷି-ପରାମର୍ଶ ପଦକ୍ଷେପଗୁଡ଼ିକ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ।

ହବିଷ୍ୟାଳିଙ୍କ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ଆଇଜି

ପୁରୀ, ୨୪।୧୦ (ସଂଚାର ବ୍ୟୁରୋ): ପବିତ୍ର କାର୍ତ୍ତିକ ବ୍ରତ ଓ ହବିଷ୍ୟାଳି ଯାତ୍ରାକୁ ଦୃଷ୍ଟିରେ ରଖି ଶନିବାର କେନ୍ଦ୍ରାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ ସତ୍ୟଜିତ ନାୟକ ପୁରୀସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହ ଆଗାମୀ କାର୍ତ୍ତିକ ବ୍ରତ ପାଳନ ପାଇଁ ପୁରୀ ଆସୁଥିବା ହବିଷ୍ୟାଳି ମହିଳା ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧା ସମ୍ପର୍କରେ ପୁଲିସ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

ସମୀକ୍ଷା ସମୟରେ ଭିଡ଼ ନିୟନ୍ତ୍ରଣ, ଯାନବାହନ ଚଳାଚଳର ସୁପରିଚାଳନା, ହବିଷ୍ୟାଳିଙ୍କ ରହଣିସ୍ଥଳର ସୁରକ୍ଷା ଏବଂ ଯାତ୍ରା ସମୟରେ ଭକ୍ତମାନଙ୍କ ନିରାପତ୍ତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଯାତ୍ରାକୁ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ କରିବା ପାଇଁ ପୁଲିସ ଓ ଅନ୍ୟ ସମ୍ପୃକ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରଖିବାକୁ ଆଇଜି ଶ୍ରୀ ନାୟକ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ବୟସ୍କ ହବିଷ୍ୟାଳି ଓ ସହାୟତା ଆବଶ୍ୟକ କରୁଥିବା ମହିଳା ଭକ୍ତମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ।

ହବିଷ୍ୟାଳିଙ୍କ ସୁବିଧା ପାଇଁ ପର୍ଯ୍ୟାପ୍ତ ପୁଲିସ ମୁତୟନ, ସହାୟତା କେନ୍ଦ୍ର ସ୍ଥାପନ ଓ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। କାର୍ତ୍ତିକ ବ୍ରତ ସମୟରେ ପୁରୀକୁ ଆସୁଥିବା ଶ୍ରଦ୍ଧାଳୁମାନେ ଯେପରି ନିରାପଦରେ ରହିବା ସହ ଶାନ୍ତିପୂର୍ଣ୍ଣ ଭାବେ ଧାର୍ମିକ ଅନୁଷ୍ଠାନ ସମ୍ପନ୍ନ କରିପାରିବେ ସେଥିପାଇଁ ପୁଲିସ ପକ୍ଷରୁ ନିରନ୍ତର ନଜର ରଖାଯିବ।

ଓରମାସ୍‌କୁ ବ୍ରିକ୍ ଗ୍ଲୋବାଲ୍ ଏକ୍ସଲେନ୍ସ ଆୱାର୍ଡ

ଭୁବନେଶ୍ୱର, ୨୪।୧୦ (ସଂଚାର ବ୍ୟୁରୋ): ଓଡ଼ିଶାର ଗ୍ରାମୀଣ ଉଦ୍ୟୋଗକୁ ସୁଦୃଢ଼ କରିବା, ଉତ୍ପାଦକଙ୍କୁ ବଜାର ସହ ଯୋଡ଼ିବା ଏବଂ ରାଜ୍ୟର ପାରମ୍ପରିକ କୃଷିଜାତ ଉତ୍ପାଦକୁ ବିଶ୍ୱ ବଜାରରେ ପହଞ୍ଚାଇବା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ଗ୍ରାମୀଣ ବିକାଶ ଓ ବିପଣନ ସମିତି (ଓରମାସ୍)କୁ ବ୍ରିକ ଗ୍ଲୋବାଲ୍ ଏକ୍ସଲେନ୍ସ ଆୱାର୍ଡ-୨୦୨୬ ପ୍ରଦାନ କରାଯାଇଛି। ଗ୍ରାମୀଣ ଉଦ୍ୟୋଗ ଓ ବଜାର ସଂଯୋଗ କ୍ଷେତ୍ରରେ ଦୂରଦର୍ଶୀ ନେତୃତ୍ୱ ଏବଂ ବିଶ୍ୱ ଚାଉଳ ଶିଳ୍ପ ପ୍ରତି ଉତ୍କୃଷ୍ଟ ଅବଦାନ ପାଇଁ ଓରମାସ୍‌କୁ ଏହି ସମ୍ମାନ ମିଳିଛି।

ଏହି ସଫଳତା ପାଇଁ ଓରମାସ୍ ଟିମ୍‌କୁ ଅଭିନନ୍ଦନ ଜଣାଇ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି ଯେ, ଏହି ସମ୍ମାନ ଓରମାସ୍ ଟିମ୍‌ର ନିଷ୍ଠା ଓ ଉଦ୍ୟମର ସ୍ୱୀକୃତି। ଗ୍ରାମୀଣ ଉତ୍ପାଦକଙ୍କୁ ଅଧିକ ବଜାର ସୁଯୋଗ ଦେବା, ସେମାନଙ୍କ ଉତ୍ପାଦକୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପରିଚିତ କରାଇବା ଏବଂ ଗ୍ରାମୀଣ ଉଦ୍ୟୋଗକୁ ସୁଦୃଢ଼ କରିବା ଦିଗରେ ଆମେ ଆଗକୁ ମଧ୍ୟ ନିରନ୍ତର ପ୍ରୟାସ ଜାରି ରଖିବୁ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ କାର୍ଯ୍ୟରତ ଓରମାସ୍ ଚାଷୀ ଓ ଗ୍ରାମୀଣ ଉତ୍ପାଦକ ଗୋଷ୍ଠୀଙ୍କୁ ବ୍ୟାପକ ବଜାର ସହ ଯୋଡ଼ିବା ସହ ସେମାନଙ୍କ ଉତ୍ପାଦର ବିପଣନ, ବ୍ରାଣ୍ଡିଂ ଓ ମୂଲ୍ୟବୃଦ୍ଧି ଉପରେ ଗୁରୁତ୍ୱ ଦେଇଆସୁଛି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ଭାରତ ଅର୍ନ୍ତଜାତୀୟ ଚାଉଳ ସମ୍ମିଳନୀ (ବ୍ରିକ) ୨୦୨୬ରେ ଓରମାସ୍ ପକ୍ଷରୁ ୮ଟି ଜିଲ୍ଲାର ୧୫ ପ୍ରକାର ପାରମ୍ପରିକ ଧାନ ଓ ଚାଉଳ ଉତ୍ପାଦ ପ୍ରଦର୍ଶିତ ହେଉଛି। ଏହି ପଦକ୍ଷେପରେ ୮୫ଟି ଗୋଷ୍ଠୀଭିତ୍ତିକ ସଂଗଠନର ୩, ୬୯୫ ଜଣ ସଦସ୍ୟ ସାମିଲ ହୋଇଛନ୍ତି।

ନରାଜ ଡାଟା ସେଣ୍ଟର: ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀକାନ୍ତ

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪ ରବିବାର ୨୫ ଅକ୍ଟୋବର ୨୦୨୬, ଭୁବନେଶ୍ୱର

Sunday 25 October 2026, Bhubaneswar

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

ସିଜେପି ଆନ୍ଦୋଳନର ଦୁର୍ବଳତା

ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କୁ ପଦଚ୍ୟୁତ କରିବା ପାଇଁ କକରୋଚ ଜନତା ପାର୍ଟି (ସିଜେପି) ଆରମ୍ଭ କରିଥିବା ଆନ୍ଦୋଳନ ଦିନକୁ ଦିନ ଦୁର୍ବଳ ହୋଇଯାଉଛି। ବିଶେଷ ତୀବ୍ର ସଂଶୋଧନ (ଏସଆଇଆର) ମାଧ୍ୟମରେ ମତଦାତା ତାଲିକାରୁ ବହୁ ନାମ ବିଲୋପ ଓ ଏକପକ୍ଷୀୟ ନିଷ୍ପତ୍ତି ନେବାର ଅଭିଯୋଗ ଉପରେ ଆଧାରିତ ଏହି ଦାବି ପ୍ରାରମ୍ଭରେ ଯୁବଶକ୍ତି ଓ ବିରୋଧୀ ଦଳଙ୍କ ସମର୍ଥନ ପାଇଥିଲା। ମାତ୍ର ସମୟ ଗତି ସହିତ ଏହାର ତୀବ୍ରତା କମିଯାଉଛି। ପୁଲିସ କାର୍ଯ୍ୟାନୁଷ୍ଠାନ, ଆଇନଗତ ବାଧା ଓ ନେତୃତ୍ୱର ଅସ୍ଥିରତା ଏହାକୁ ଆହୁରି କମଜୋର କରୁଛି। ନେହା ବୋରାଙ୍କ ଯୁ-ଟର୍ନ ଏହି ଦାବିକୁ ଆହୁରି ଦୁର୍ବଳ କରିବ।

ସିଜେପି ଓ ଏଆଇଏସଏ ପରି ସଂଗଠନ ଦିଲ୍ଲୀ, ମୁମ୍ବାଇ ସମେତ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରିଥିଲେ। ଜନତା ମନ୍ତର, ଦିଲ୍ଲୀ ହାଟ ପରି ସ୍ଥାନରେ ଧାରଣା ଚାଲୁ ଥିଲା। ମାତ୍ର ପୁଲିସ ବାରମ୍ବାର ଅଟକ, ସେକସନ ୧୬୩ ଲାଗୁ ଓ ଆଇନଗତ ନୋଟିସ ଆନ୍ଦୋଳନକୁ ଧୀରେ ଧୀରେ ସୀମିତ କରିଦେଇଛି। ସୁପ୍ରିମକୋର୍ଟ ମଧ୍ୟ ଜ୍ଞାନେଶ କୁମାରଙ୍କୁ ସସପେଣ୍ଡ କରିବା ପାଇଁ ଅନ୍ତର୍ବର୍ତ୍ତୀ ଆଦେଶ ଦେଇନାହାନ୍ତି। ସମ୍ବିଧାନର ଧାରା ୩୨୪(୫) ଅନୁଯାୟୀ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ ସୁପ୍ରିମକୋର୍ଟ ବିଚାରପତି ପରି ହଟାଇବା ପାଇଁ ସଂସଦରେ ବିଶେଷ ବହୁମତ ଆବଶ୍ୟକ। ବିରୋଧୀ ଦଳଙ୍କ ନୋଟିସ ପ୍ରଥମେ ପ୍ରତ୍ୟାଖ୍ୟାନ ହୋଇଛି ଓ ଦ୍ୱିତୀୟ ପ୍ରୟାସ ବିଚାରାଧୀନ। ଏହି ସମସ୍ତ କାରଣରୁ ଆନ୍ଦୋଳନର ଗତି କମିଯାଉଛି।

ଏହି ପରିସ୍ଥିତିରେ ଏଆଇଏସଏ ଅଧ୍ୟକ୍ଷ ନେହା ବୋରାଙ୍କ ଆଚରଣ ଗୁରୁତ୍ୱପୂର୍ଣ୍ଣ। ସେ ଆନ୍ଦୋଳନର ମୁଖ୍ୟ ମୁଖ ଥିଲେ ଓ ବାରମ୍ବାର ଅଟକ ହୋଇ ମଧ୍ୟ ଦାବି ଜାରି ରଖିଥିଲେ। ମାତ୍ର ଅକ୍ଟୋବର ୧୬ର ଲେହରା ଦୋ ତିରଙ୍ଗା କାର୍ଯ୍ୟକ୍ରମରେ ସେ ସିଜେପିର କେନ୍ଦ୍ରୀୟ ପାର୍ଟି ଆହ୍ୱାନରୁ ନିଜକୁ ଦୂର ରଖିଛନ୍ତି। ଦିଲ୍ଲୀ ଉଚ୍ଚ ନ୍ୟାୟାଳୟରେ ସେ କହିଛନ୍ତି ଯେ ସେ ମାଣ୍ଡି ହାଉସରେ ପୃଥକ ସଭା ଆୟୋଜନ କରିଥିଲେ ଓ ସିଜେପି କଲ୍‌ରେ ସଂଯୁକ୍ତ ନଥିଲେ। ଏହାକୁ ବହୁତେ ଯୁ-ଟର୍ନ ଭାବରେ ଦେଖୁଛନ୍ତି। ଏହି ଦୂରତ୍ୱ ଆନ୍ଦୋଳନର ଏକତାକୁ ଭାଙ୍ଗିଦେଉଛି ଓ ଯୁବ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଉଛି। ଯେତେବେଳେ ମୁଖ୍ୟ ନେତା ନିଜକୁ ଆଇନଗତ ସୁରକ୍ଷା ପାଇଁ ଦୂର କରନ୍ତି, ତେବେ ସାଧାରଣ କର୍ମୀଙ୍କ ମନୋବଳ କମିଯାଏ। ଫଳରେ ଜ୍ଞାନେଶ କୁମାରଙ୍କ ବିରୋଧରେ ଦାବି ଆହୁରି ଦୁର୍ବଳ ହୋଇପଡୁଛି। ଏଭଳି ସ୍ଥିତିରେ କଂଗ୍ରେସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଇଣ୍ଡିଆ ବ୍ଲକର ମୁଖ୍ୟ ଦଳ ଭାବରେ କଂଗ୍ରେସ ସଂସଦରେ ନୋଟିସ ଦାଖଲ କରିଛି, ରାହୁଲ ଗାନ୍ଧୀ ସମେତ ନେତାମାନେ ପ୍ରଦର୍ଶନରେ ଯୋଗ ଦେଇଛନ୍ତି ଓ ଏସଆଇଆରକୁ ଭୋଟ ଚୋରି ବୋଲି ଆଖ୍ୟା ଦେଇଛନ୍ତି। ମାତ୍ର କେବଳ ବିବୃତି ଓ ପ୍ରତୀକାତ୍ମକ ସମର୍ଥନ ଯଥେଷ୍ଟ ନୁହେଁ। କଂଗ୍ରେସ ଏହି ଆନ୍ଦୋଳନକୁ ରାଜନୈତିକ ସୁବିଧା ପାଇଁ ବ୍ୟବହାର କରୁଛି ବୋଲି ସମାଲୋଚନା ହୋଇପାରେ। ଯଦି ଦଳ ସତରେ ଗଣତନ୍ତ୍ର ଓ ନିର୍ବାଚନ ଆୟୋଗର ସ୍ୱାଧୀନତା ଚାହେଁ, ତେବେ ଏହା ଯୁବ ଆନ୍ଦୋଳନକୁ ସକ୍ରିୟ ଭାବରେ ସଂଗଠିତ କରିବା ଉଚିତ। ସଂସଦୀୟ ପଥକୁ ଦୃଢ଼ କରିବା, ଆଇନଗତ ସହାୟତା ଦେବା ଓ ରାଜ୍ୟ ସ୍ତରରେ ଚାପ ସୃଷ୍ଟି କରିବା ଆବଶ୍ୟକ। କେବଳ ବିରୋଧ କରି ରହିଲେ ଆନ୍ଦୋଳନ ଦୁର୍ବଳ ହେବ ଓ ସରକାର ଏହାକୁ ଅଣଦେଖା କରିପାରିବ। ସର୍ବଶେଷରେ, ସିଜେପି ଆନ୍ଦୋଳନର ଦୁର୍ବଳତା ଗଣତନ୍ତ୍ର ପାଇଁ ଚିନ୍ତାର ବିଷୟ। ନେହା ବୋରାଙ୍କ ଦୂରତ୍ୱ ଏହାକୁ ଆହୁରି କମଜୋର କରୁଛି। କଂଗ୍ରେସ ଯଦି ସତ୍ୟ ନେତୃତ୍ୱ ନେଇ ଏକତା ବଜାୟ ରଖେ ତେବେ ହିଁ ଏହି ଦାବି ବଳବାନ ହୋଇପାରିବ। ନଚେତ୍ ଏହା କେବଳ ଏକ ଅସ୍ଥାୟୀ ଉତ୍ତେଜନା ହୋଇ ରହିଯିବ। ନିର୍ବାଚନ ଆୟୋଗର ବିଶ୍ୱସନୀୟତା ଓ ମତଦାତାଙ୍କ ଅଧିକାର ସୁରକ୍ଷିତ ରଖିବା ପାଇଁ ସମସ୍ତ ପକ୍ଷଙ୍କୁ ଦାୟିତ୍ୱବୋଧ ଦରକାର।

ଦଶହରା ଉତ୍ସବର ଅନ୍ତିମ ପର୍ବ ଗୋସାଣୀ ଯାତ୍ରା

ସନ୍ତୋଷ କୁମାର ଦାଶ

ପ୍ରାଚୀନ ସମୟରୁ ଭାରତୀୟ ସଂସ୍କୃତି ଓ ପରମ୍ପରା ସହିତ ଶାକ୍ତ ଉପାସନା ସଂଶ୍ଳିଷ୍ଟ ହୋଇ ରହି ଆସିଛି। ଐତିହାସିକ ତଥା ଗବେଷକ ମାନଙ୍କ ମତରେ ଶାକ୍ତ ଉପାସନା ପ୍ରାୟ ଖ୍ରୀ.ପୂ.୩୦୦ ରୁ ଆରମ୍ଭ ହୋଇଥିବାବେଳେ ତନ୍ତ୍ର ଯୁଗରୁ ଓ ଉପନିଷଦ ଓ ଯୁଗରୁ ଆଦ୍ୟା ଶକ୍ତି ଭାବେ ଦେବୀ ଦୁର୍ଗା ଙ୍କୁ ପୂଜା କରା ଯାଇ ଆସୁଛି। ଆମ ରାଜ୍ୟ ର ବିରଜା ପୀଠ (ଯାଜପୁର)ଓ ବିମଳା ଙ୍କ ପୀଠ (ଶ୍ରୀ କ୍ଷେତ୍ର) ପ୍ରସିଦ୍ଧ ଶକ୍ତି ପୀଠ ଭାବେ ସାରା ଭାରତ ବର୍ଷ ରେ ପ୍ରସିଦ୍ଧି ଲାଭ କରିଥିଲା। ପରେ ପରେ ସାରା ଓଡ଼ିଶା ରେ ଶକ୍ତି ପୂଜା ପ୍ରଚାର ଓ ପ୍ରସାର ଲାଭ କରିଥିଲା । ଶାକ୍ତ ଉପାସନା ରେ ମୁଖ୍ୟତଃ ମହା ଲକ୍ଷ୍ମୀ, ମହା କାଳୀ, ମହା ସରସ୍ୱତୀ ଦେବୀ ଙ୍କୁ ପୂଜା କରା ଯାଉଥିଲା। କେତେକ ଶାକ୍ତ ସାଧକ ଙ୍କ ମତରେ ଶ୍ରୀ ଜଗନ୍ନାଥ ହେଉଛନ୍ତି ସ୍ୱୟଂ ଦକ୍ଷିଣକାଳୀ। ଆଉ କେତେକ ଙ୍କ ମତରେ ମା ବିମଳା ହେଉଛନ୍ତି ଭୈରବୀ ଓ ଶ୍ରୀ ଜଗନ୍ନାଥ ହେଉଛନ୍ତି ଭୈରବ। ଶ୍ରୀ ଜଗନ୍ନାଥ ଉପାସନା ସହିତ ଶାକ୍ତ ଗୁଣ୍ଡିଚା ଓ ଗୋସାଣୀ ଯାତ୍ରା ଓତଃପ୍ରୋତଃ ଭାବେ ଜଡ଼ିତ।ଶାରଦୀୟ ପାର୍ବଣପୂଜା ଅବସର ରେ ଶ୍ରୀ କ୍ଷେତ୍ର ପୁରୀର ଗୋସାଣୀ ଉପାସନା ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ଶ୍ରୀ କ୍ଷେତ୍ର ପୁରୀ ର ବିଭିନ୍ନ ଜାଗା, ଆଖଡ଼ା ଓ ବିଭିନ୍ନ ସାହି ମାନଙ୍କରେ ଦେବୀ ଦୁର୍ଗା ଙ୍କ

ପ୍ରତିରୂପ ଗୋସାଣୀ ମାନଙ୍କୁ ଭକ୍ତି ଓ ନିଷ୍ଠାର ସହିତ ପୂଜା କରା ଯାଇଥାଏ। ଏହି ଗୋସାଣୀ ମାନଙ୍କ ନିର୍ମାଣ ଶୈଳୀ ସ୍ୱତନ୍ତ୍ର ଓ ଅନନ୍ୟ ଅଟେ। ଗୋସାଣୀ ମାନଙ୍କ ମଧ୍ୟରେ ବୃହତାକାୟ ନାଗା ମାନଙ୍କୁ ସାମିଲ କରାଯାଇ ପୂଜା କରାଯାଉଥିବା ପରମ୍ପରା ରହିଛି। ଗୋସାଣୀ ଯାତ୍ରା ଶ୍ରୀ କ୍ଷେତ୍ର ପୁରୀ ଠାରେ ପାଳନ ହେଉଥିବା ଶାରଦୀୟ ଦୁର୍ଗା ପୂଜା ର ଅନ୍ତିମ ପର୍ବ। ସାଧାରଣତଃ ଗୋସାଣୀ ପ୍ରତିମା ମାନଙ୍କୁ ବନ ଦୁର୍ଗା ମନ୍ତ୍ର ରେ ପୂଜା କରା ଯାଉଥିବା ବିଭିନ୍ନ ପଣ୍ଡିତ ମାନେ ସୂଚନା ଦେଇଛନ୍ତି। ପ୍ରାୟ ୫୦୦ ବର୍ଷ ହେଲା ଶ୍ରୀ କ୍ଷେତ୍ର ପୁରୀ ରେ ଗୋସାଣୀ ଉପାସନା ଚାଲି ଆସୁଥିବା ଗବେଷକ ମାନେ ମତ ପ୍ରକାଶ କରିଛନ୍ତି। ଗୋସାଣୀ ମାନଙ୍କୁ ସାଧାରଣତଃ ମହାସପ୍ତମୀ, ମହା ଅଷ୍ଟମୀ, ମହାନବମୀ ଏହି ୩ ଦିନ ଧରି ପୂଜା କରାଯାଉଥିବା ବେଳେ ଶୀତଳ ଓ ଶଙ୍ଖୁଡ଼ି ଭୋଗ ଲାଗି କରା ଯାଇଥାଏ। ମା ବିମଳା ଙ୍କ ପ୍ରତିନିଧି ରୂପେ ଶ୍ରୀ ମନ୍ଦିର ବାହାରେ ପୂଜା ପାଉଥିବା ଗୋସାଣୀ କାକୁଡ଼ି ଖାଇ ଙ୍କୁ ଦଶହରା ଦିନ ରାତି ରେ ନଦୀ ଜଳ ରେ ବିସର୍ଜନ କରା ଯାଉଥିବାବେଳେ ବାରବାଟି, ଜହ୍ନି ଖାଇ, ହଜୁରା ଗୋସାଣୀ, ବନଦୁର୍ଗା, ଖେଲବାଇ, ଶୂନ୍ୟ ଗୋସାଣୀ, ଜହ୍ନି ମୁଣ୍ଡିଆ, ମହଡେଶ୍ୱରୀ, ଚକ୍ରକୋଟ, କୈଳାସ ପର୍ବତ (ବଡ଼ ଆଖଡ଼ା ଜାଗା)ର ଶିବପାର୍ବତୀ, ବୁଢ଼ା ବୁଢ଼ୀ, ସକ୍ଷାଉ, ବିଭିନ୍ନ ପ୍ରାଚୀନ ସାହି ର ବିଶାଳକାୟ ନାଗା ମୂର୍ତ୍ତୀ ମାନ ଏକାଦଶୀ ଦିନ ସନ୍ଧ୍ୟା ରେ ଶ୍ରୀ ମନ୍ଦିର ସମ୍ମୁଖରେ ଏକତ୍ରୀତ ହେବା ପରେ ଗୋସାଣୀ ମେଳଣ ଅନୁଷ୍ଠିତ ହୋଇଥାଏ ଯାହା ବେଶ ଆକର୍ଷଣୀୟ ଓ ଉପଭୋଗ୍ୟ ହୋଇଥାଏ। ବିଭିନ୍ନ ରଙ୍ଗୀନ ଜରି,ଆକର୍ଷଣୀୟ ମେଢ଼, ଜମ୍ବୁରା ରେ ସଜ୍ଜିତ ଗୋସାଣୀ ମାନଙ୍କୁ ଦର୍ଶନ କରିବାକୁ ଶ୍ରୀ କ୍ଷେତ୍ର ପୁରୀ ରେ ପ୍ରବଳ ଭିଡ଼ ଲାଗିଥାଏ। ଗୋସାଣୀ ମାନେ ଜଣଙ୍କ ପରେ ଜଣେ ଶୋଭାଯାତ୍ରା ଯାଇ ବିସର୍ଜନ ହୋଇ ଥାନ୍ତି। ଶେଷ ହୋଇଥାଏ ଶ୍ରୀ କ୍ଷେତ୍ର ପୁରୀ ର ଶାରଦୀୟ ପାର୍ବଣ ପୂଜା।



ଅଷ୍ଟଲକ୍ଷ୍ମୀ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସୌନ୍ଦର୍ଯ୍ୟ, ଧନ ଓ ଉତ୍ପାଦନର ଦେବୀ ଲକ୍ଷ୍ମୀଙ୍କର ଅନେକ ରୂପ ଅଛି। ଯେମିତି ମା'ଦୁର୍ଗାଙ୍କର ନ'ଟି ରୂପ, ସେମିତି ମା'ଲକ୍ଷ୍ମୀଙ୍କର ଆଠଟି ରୂପ। ସେମାନଙ୍କୁ ଅଷ୍ଟଲକ୍ଷ୍ମୀ କୁହାଯାଏ। ପୁରାଣରେ ବର୍ଣ୍ଣନା ଅଛି ମା'ଲକ୍ଷ୍ମୀ ପ୍ରଦାନ କରୁଥିବା ଧନ ଷୋଳ ପ୍ରକାରର। ଏହି ଷୋଡ଼ଶ ଧନ ହେଉଛି - ଜ୍ଞାନ, ବୁଦ୍ଧିମତା, ଶକ୍ତି, ବୀରତ୍ୱ, ସୌନ୍ଦର୍ଯ୍ୟ, ପରାକ୍ରମ, ଖ୍ୟାତି, ଅଭିଳାଷା, ନୈତିକତା, ସ୍ୱର୍ଣ୍ଣ, ଶସ୍ୟ, ଖୁସି, ପରମାନନ୍ଦ, ସ୍ୱାସ୍ଥ୍ୟ, ଆୟୁଷ ଓ ପରାକ୍ରମୀ ସନ୍ତାନ। ଲକ୍ଷ୍ମୀଙ୍କର ଅଷ୍ଟସ୍ୱରୂପ ମନୁଷ୍ୟ ନିମନ୍ତେ ଆବଶ୍ୟକ ଏହି ଷୋଡ଼ଶ ଧନର ଆବଶ୍ୟକତା ପୂରଣ କରନ୍ତି। ମା'ଲକ୍ଷ୍ମୀଙ୍କର ଏହି ଆଠ ରୂପ ହେଉଛି - ଆଦି ଲକ୍ଷ୍ମୀ ବା ମହାଲକ୍ଷ୍ମୀ, ଧନ ଲକ୍ଷ୍ମୀ ବା ଐଶ୍ୱର୍ଯ୍ୟ ଲକ୍ଷ୍ମୀ, ଧାନ୍ୟ ଲକ୍ଷ୍ମୀ, ରଜ ଲକ୍ଷ୍ମୀ, ସନ୍ତାନ ଲକ୍ଷ୍ମୀ, ବୀରଲକ୍ଷ୍ମୀ ବା ଧୈର୍ଯ୍ୟ ଲକ୍ଷ୍ମୀ, ବିଦ୍ୟା ଲକ୍ଷ୍ମୀ, ବିଜୟଲକ୍ଷ୍ମୀ ବା ଜୟଲକ୍ଷ୍ମୀ।

ପରମ ପ୍ରେମମୟ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କୌଣସି ଦେବତାଙ୍କୁ କେବଳ ମନ୍ଦିରର ପ୍ରତିମା ହିସାବରେ ଦେଖନ୍ତି ନାହିଁ। ଦେବ ବା ଦେବୀଙ୍କର ଭାବମୂର୍ତ୍ତିକୁ ଆମ୍ଭମାନଙ୍କ ଭିତରେ ଜୀବନ୍ତ କରି ଉଠାଇବା ପାଇଁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଗୁରୁତ୍ୱ ପ୍ରଦାନ କରିଛନ୍ତି। କୁଳମାଲିକ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମହାଲକ୍ଷ୍ମୀଙ୍କୁ ପୂଜା କରିବା ଅର୍ଥ ତାଙ୍କର ଇଚ୍ଛା ବୁଝି ଓ ଜାଣି ସେହି ପ୍ରକାର ଚଳିବା ଯାହାଫଳରେ ମହାଲକ୍ଷ୍ମୀ ପ୍ରୀତ ହୁଅନ୍ତି। ମହାଲକ୍ଷ୍ମୀ ଯେଭଳି ଧନଧାନ୍ୟର ଅଧିଷ୍ଠାତ୍ରୀ ସେହିଭଳି ସୌନ୍ଦର୍ଯ୍ୟର ମଧ୍ୟ ଦେବୀ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମହାଲକ୍ଷ୍ମୀଙ୍କର ବୀଜମନ୍ତ୍ର ହେଉଛି - ଶ୍ରୀଂ ଅର୍ଥାତ୍ ମହାଲକ୍ଷ୍ମୀ ଶ୍ରୀ-ସ୍ୱରୂପିଣୀ। ଯେଉଁ ଗୃହରେ ଅନାଚାର, କଦାଚାର ଓ ବ୍ୟଭିଚାର ଘଟେ ସେଠାରେ ମହାଲକ୍ଷ୍ମୀ ଅନ୍ତର୍ହିତ ହୁଅନ୍ତି। ହୀନସ୍ୱାର୍ଥପରତା, ଅର୍ଥଲୋଭ, କଳହ, ଖିଟିମିଟିଆ ସ୍ୱଭାବ, ଅସହିଷ୍ଣୁତା, ହିଂସା, ସ୍ୱେଚ୍ଛାଚାରୀ ଚଳନ, ଗୁରୁଜନ ମାନଙ୍କୁ ଅଶ୍ରଦ୍ଧା, ଅହଂମଉତା, ଅନ୍ୟକୁ ଦବାଇବାର ବୁଦ୍ଧି, ଅଭିମାନ ଓ ଆଧିପତ୍ୟ ଯେଉଁଠାରେ ଦେଖାଯାଏ ସେଠାରେ ମହାଲକ୍ଷ୍ମୀ ହଜି ଯାଆନ୍ତି। ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମନୁଷ୍ୟ ନିଜର ଟଙ୍କା ପର, ଯେତେ ପାରିବ ମନୁଷ୍ୟ ଧର। ପୁଣି ଦୟାଳ ଠାକୁର କହିଛନ୍ତି ମା'ମାନଙ୍କର ଲକ୍ଷ୍ମୀ ପୂଜା କରିବା ଅର୍ଥ ବ୍ୟକ୍ତିଗତ ଭାବେ ସେମାନେ ଜଣେ ଜଣେ ଲକ୍ଷ୍ମୀ ହୋଇ ଉଠିବେ। ଲକ୍ଷ୍ମୀ ଆସିଛି 'ଲକ୍ଷ' ଧାତୁ ଠାରୁ - ଅର୍ଥ ଅଙ୍କନ, ଚିହ୍ନିତକରଣ, ଜ୍ଞାନ, ଦର୍ଶନ ଓ ଆଲୋଚନା। ଏହାର ଅର୍ଥ - ଯିଏ ଦେଖନ୍ତି, ଆଲୋଚନା କରନ୍ତି, ଗୁଣାଗୁଣ ବିଚାର କରନ୍ତି, ଯେଉଁଠାରେ ଯେଭଳି ଭାବେ ପ୍ରୟୋଜନ ତାହାକୁ ଚିହ୍ନିତ କରନ୍ତି - ଏହା ହିଁ ଲକ୍ଷ୍ମୀ ସ୍ୱଭାବ।

ଆଦି ଲକ୍ଷ୍ମୀ : ଆଦି ଲକ୍ଷ୍ମୀ ଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ। ସେ ମହର୍ଷି ଭୃଗୁଙ୍କ ଝିଅ ଓ ପ୍ରଭୁ ନାରାୟଣଙ୍କ ପତ୍ନୀ। ଲକ୍ଷ୍ମୀଙ୍କର ଏହି ସ୍ୱରୂପ ନାରାୟଣଙ୍କ ସହ ବୈକୁଣ୍ଠରେ ରୁହନ୍ତି। ସେ ନାରାୟଣଙ୍କ ତାଙ୍କୁ ଆଦର କରିବା ଦର୍ଶାଏ ଏ ଜଗତ ତାଙ୍କର ସେବାରେ ତତ୍ପର। ଆଦିଲକ୍ଷ୍ମୀଙ୍କର ଚାରୋଟି ହାତ। ଗୋଟିଏ ହାତରେ ପଦ୍ମପୁଷ୍ପ ଓ ଅନ୍ୟ ହାତରେ ପତାକା ଧରିଥାନ୍ତି। ଗୋଟିଏ ହାତ ଅଭୟ ମୁଦ୍ରାରେ

ଥିବାବେଳେ ଅନ୍ୟ ହାତ ବରଦ ମୁଦ୍ରାରେ ଥାଏ। ତାଙ୍କୁ ଆନନ୍ଦ ପ୍ରଦାନକାରିଣୀ ରମା ବୋଲି କୁହାଯାଏ। ତାଙ୍କର ଅନ୍ୟନାମ ଇନ୍ଦିରା। ପଦ୍ମକୁ ହୃଦୟ ସହ ସଂଯୁକ୍ତ କରିଥିବାରୁ ସେ ଶୁଦ୍ଧତାର ପ୍ରତୀକ। ଅଷ୍ଟଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ ଆଦିଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ ଆଦିଲକ୍ଷ୍ମୀ।

ଧନଲକ୍ଷ୍ମୀ : ଧନ ଅର୍ଥ ସୁନା ବା ଅର୍ଥ ଭାବରେ ବୈଭବ। ଆଧ୍ୟାତ୍ମିକ ଅର୍ଥରେ ଏହା ବଳ, ଇଚ୍ଛାଶକ୍ତି, ପ୍ରତିଭା, ବୀରତ୍ୱ ଓ ଚରିତ୍ରକୁ ବୁଝାଏ। ଧନଲକ୍ଷ୍ମୀ ମନୁଷ୍ୟ ଜଗତର ଏହି କ୍ଷେତ୍ରକୁ ପ୍ରତିନିଧିତ୍ୱ କରନ୍ତି। ତାଙ୍କର ଦୟାରେ ଆମେ ଆବଶ୍ୟକ ପରିମାଣର ଧନ ଓ ସମୃଦ୍ଧି ପାଇପାରିବା। ଏହି ଲକ୍ଷ୍ମୀ ସ୍ୱରୂପାଙ୍କର ୬ଟି ହସ୍ତ ଅଛି। ସେ ଲାଲ ଶାଢ଼ି ପରିଧାନ କରନ୍ତି। ପାଞ୍ଚଟି ହାତରେ ଯଥାକ୍ରମେ ଚକ୍ର, ଶଙ୍ଖ, ପବିତ୍ର କଳସ, ଧନୁତୀର ଓ ପଦ୍ମ ଧାରଣ କରିଥାନ୍ତି।

ଧାନ୍ୟ ଲକ୍ଷ୍ମୀ:ଲକ୍ଷ୍ମୀଙ୍କର ତୃତୀୟ ସ୍ୱରୂପ ଖାଦ୍ୟଶସ୍ୟର ଦେବୀ ଧାନ୍ୟ ଲକ୍ଷ୍ମୀ। ଶରୀର ଓ ମନର ପୋଷଣ ଆବଶ୍ୟକତା ପରିପୂର୍ଣ୍ଣ କରନ୍ତି ଏହି ଲକ୍ଷ୍ମୀ। ସେ ମନୁଷ୍ୟକୁ କୃଷିଜାତ ଧନ ସହ ଶରୀରର ସମସ୍ତ ଆବଶ୍ୟକତା ପୂରଣ ପାଇଁ ପୋଷଣ ପ୍ରଦାନ କରନ୍ତି। ତାଙ୍କର ଦୟା ଥିଲେ କେବେ ଖାଦ୍ୟରେ ଅଭାବ ହୁଏନି। ଧାନ୍ୟଲକ୍ଷ୍ମୀ ସବୁଜ ବସ୍ତ୍ର ପରିହିତା, ଅଷ୍ଟଭୁଜା ବିଶିଷ୍ଟା। ସେ ଦୁଇ ହାତରେ ପଦ୍ମ ଧରିଥାନ୍ତି।

ଗଜଲକ୍ଷ୍ମୀ : ହିନ୍ଦୁ ପୁରାଣ ଅନୁଯାୟୀ କ୍ଷୀର ସମୁଦ୍ର ମନ୍ଥନରୁ ଲକ୍ଷ୍ମୀ ଏହି ସ୍ୱରୂପରେ ଉଦ୍ଭବ ହୋଇଥିଲେ। ସେ ଜଳର ଈଶ୍ୱର ବରୁଣଙ୍କ ପୁତ୍ରୀ। ସମୁଦ୍ର ଗର୍ଭରେ ବିଭିନ୍ନ ହୋଇଯାଇଥିବା ଇନ୍ଦ୍ରଙ୍କର ସମ୍ପତ୍ତି ସବୁକୁ ଗଜଲକ୍ଷ୍ମୀ ପୁଣି ତାଙ୍କୁ ଫେରାଇ ଦେଇଥିଲେ। ଲକ୍ଷ୍ମୀଙ୍କର ଏହି ସ୍ୱରୂପ ଧନ, ସମୃଦ୍ଧି, ସୁଖ ପ୍ରାଚୁର୍ଯ୍ୟ ଓ ରାଜକୀୟତାର ପ୍ରଦାୟିନୀ ତଥା ସୁରକ୍ଷାକାରିଣୀ। ଲକ୍ଷ୍ମୀଙ୍କର ଏହି ସ୍ୱରୂପ ସବୁଠାରୁ ସୁନ୍ଦର।

ସନ୍ତାନ ଲକ୍ଷ୍ମୀ : ମା' ଲକ୍ଷ୍ମୀଙ୍କର ଏହି ପଞ୍ଚମ ସ୍ୱରୂପ ପାରିବାରିକ ଜୀବନର ଧନ ସନ୍ତାନର ଦେବୀ। ତାଙ୍କ ଦୟାରେ ଦମ୍ପତି ସ୍ୱାସ୍ଥ୍ୟବାନ, ଦୀର୍ଘାୟୁ ସୁସନ୍ତାନ ପ୍ରାପ୍ତ ହୁଅନ୍ତି। ଏହି ଲକ୍ଷ୍ମୀ ଷଡ଼ଭୁଜା। ଦୁଇ ହାତରେ କଳସ ଧାରଣ କରିଥାନ୍ତି। ଗୋଟିଏ ହାତରେ ଖଡ଼୍ଗ ଓ ଅନ୍ୟଟିରେ ଢାଲଥାଏ। ଶେଷ ଦୁଇହାତ ଅଭୟ ଓ ବରଦ ମୁଦ୍ରାରେ ଥାନ୍ତି।

ବୀରଲକ୍ଷ୍ମୀ:ଲକ୍ଷ୍ମୀଙ୍କର ଏହି ଷଷ୍ଠ ସ୍ୱରୂପ ସାହାସ, ଶକ୍ତି, କ୍ଷମତା ପ୍ରଦାନକାରିଣୀ। ଯୁଦ୍ଧରେ ବା ଜୀବନ ଯୁଦ୍ଧରେ ଆସୁଥିବା ବିପଦ ଓ ପ୍ରତିବନ୍ଧକକୁ ଅତିକ୍ରମ କରିବା ନିମନ୍ତେ ବଳ ପରାକ୍ରମ ଲାଭ ନିମନ୍ତେ ବୀରଲକ୍ଷ୍ମୀଙ୍କୁ ପୂଜା କରାଯାଏ। ଜୀବନରେ ସ୍ଥିରତା ପାଇଁ ମଧ୍ୟ ତାଙ୍କୁ ଆରଧନା କରାଯାଏ। ବୀରଲକ୍ଷ୍ମୀ ଅଷ୍ଟଭୁଜା ବିଶିଷ୍ଟା। ସେ ଲାଲ ରଙ୍ଗର ବସ୍ତ୍ର ପରିଧାନ କରନ୍ତି। ତାଙ୍କ ହାତରେ ଚକ୍ର ଶଙ୍ଖ, ଧନୁତୀର, ତ୍ରିଶୂଳ ବା ଖଡ଼୍ଗ, ସ୍ୱର୍ଣ୍ଣଖଣ୍ଡ ବା ପୁସ୍ତକ ଶୋଭାପାଏ।

ବିଦ୍ୟାଲକ୍ଷ୍ମୀ : ବିଦ୍ୟାର ଅର୍ଥ ଜ୍ଞାନ ଓ ଶିକ୍ଷା, ଏହା କେବଳ କଲେଜ ଓ ୟୁନିଭର୍ସିଟିର ସାର୍ଟିଫିକେଟ ନୁହେଁ ବରଂ ବାସ୍ତବିକ ଜ୍ଞାନ। ତେଣୁ ଲକ୍ଷ୍ମୀଙ୍କର ଏହି ସ୍ୱରୂପ କଳା ଓ ବିଜ୍ଞାନର ଜ୍ଞାନ ଦାନ କରନ୍ତି। ଜ୍ଞାନର ଦେବୀ ସରସ୍ୱତୀଙ୍କ ପରି ବିଦ୍ୟାଲକ୍ଷ୍ମୀ ଶୁଭ

ଇରାନ ବିରୋଧରେ ଆଉ ଏକ 'ଏପିକ୍ ଫ୍ୟୁରି'!

ସମୁଦ୍ର ତଳ ଇଣ୍ଟରନେଟ୍ କେବୁଲକୁ ଟାର୍ଗେଟ୍ କରିବ ଇରାନ

ୱାଶିଂଟନ, ୨୪।୧୦: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୋଧରେ ନୂତନ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଇଙ୍ଗିତ ଦେଇଛନ୍ତି। ସେ କହିଛନ୍ତି ଯେ, ଯଦି ତେହେରାନ ଏକ ଚୁକ୍ତିରେ ପହଞ୍ଚିବାକୁ ମନା କରେ ତେବେ ୱାଶିଂଟନ ଆଉ ଏକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିପାରେ। ଚଳିତ ସପ୍ତାହାନ୍ତରେ ଇରାନ ଉପରେ ଆଉ ଏକ ବଡ଼ ଧରଣର ଆକ୍ରମଣ ହୋଇପାରେ ବୋଲି ଜଣେ ଆମେରିକୀୟ ରାଷ୍ଟ୍ରଦୂତ କହିବାର କିଛି ଘଣ୍ଟା ପରେ ଟ୍ରମ୍ପଙ୍କ ଏଭଳି ମନ୍ତବ୍ୟ ଆସିଛି।

ଫ୍ଲୋରିଡାରେ ଏକ ରାଲିରେ ଟ୍ରମ୍ପ କହିଛନ୍ତି, ଇରାନ ବିରୋଧରେ ଆମେରିକୀୟ ସେନା ଆଉ ଏକ 'ଏପିକ୍ ଫ୍ୟୁରି' କରିପାରେ। ଟ୍ରମ୍ପଙ୍କ ଧମକ ପରେ, ଇରାନୀ ଅଧିକାରୀମାନେ ଚେତାବନୀ ଦେଇଛନ୍ତି ଯେ, ଯଦି ଆମେରିକା ଓ ଇସ୍ରାଏଲ ପୁଣି ଆକ୍ରମଣ କରନ୍ତି, ତେବେ ଉପସାଗରୀୟ ସମୁଦ୍ର ତଳେ ବିଛା ଯାଇଥିବା ଇଣ୍ଟରନେଟ୍ କେବୁଲଗୁଡ଼ିକୁ ଇରାନ ଟାର୍ଗେଟ କରିବ। ଆକ୍ରମଣକୁ ରୋକିବା ପାଇଁ ଇରାନ ନିଜର ପରବର୍ତ୍ତୀ ଯୋଜନା ପ୍ରସ୍ତୁତ କରିଛି। ଇରାନୀ ରିଭୋଲ୍ୟୁସନାରୀ ଗାର୍ଡର ରାଜନୈତିକ ବ୍ୟାପାର ଉପମୁଖ୍ୟ ୟାଦୋଲ୍ଲାହ ଜାଭାନି କହିଛନ୍ତି ଯେ, ଯଦି ଇରାନୀ ଭିତ୍ତିଭୂମି ଉପରେ ଆକ୍ରମଣ ହୁଏ, ତେବେ ଇରାନ ହର୍ମୁଜ୍ ପ୍ରଣାଳୀ ତଳେ ସାତଟି ପ୍ରମୁଖ ଇଣ୍ଟରନେଟ୍ କେବୁଲ କାଟିଦେବ। ସମୁଦ୍ର ତଳ ଇଣ୍ଟରନେଟ୍ କେବୁଲଠାରୁ ଆରମ୍ଭ କରି ସାମରିକ ଘାଟି ପର୍ଯ୍ୟନ୍ତ କୌଣସି ସ୍ଥାନ ସୁରକ୍ଷିତ ରହିବ ନାହିଁ। ଇରାନର ଏହି ସମୁଦ୍ର ତଳ କେବୁଲଗୁଡ଼ିକୁ କାଟିବା ସହିତ ସେଗୁଡ଼ିକୁ ସମ୍ପୂର୍ଣ୍ଣ ଧ୍ୱଂସ ମଧ୍ୟ କରିଦେବ।

ସମୁଦ୍ର ତଳ ଇଣ୍ଟରନେଟ୍ କେବୁଲଗୁଡ଼ିକ ବିଶ୍ୱର ପ୍ରାୟ ୯୯ ପ୍ରତିଶତ ଇଣ୍ଟରନେଟ୍ ଟ୍ରାଫିକ୍ ବହନ କରିଥାଏ। ଏକାଧିକ କେବୁଲ କାଟିବା ଦ୍ୱାରା ଇଣ୍ଟରନେଟ୍ ଗତି ମନ୍ଥର ହେବା ସହ ଆର୍ଥିକ କାରବାର, ଅନଲାଇନ୍ ବାଣିଜ୍ୟ ଓ କ୍ଲାଉଡ୍ ସେବା ପ୍ରଭାବିତ ହୋଇପାରେ। ଏହା ବ୍ୟତୀତ, ବୀମା ମୂଲ୍ୟ ବୃଦ୍ଧି ଓ ସମୁଦ୍ରରେ ପ୍ରବେଶ ପାଇଁ ଅନୁମତି ପାଇବାରେ ବିଳମ୍ବ ଯୋଗୁଁ ଯୁଦ୍ଧ ସମୟରେ କେବୁଲଗୁଡ଼ିକୁ ମରାମତି କରିବା ମଧ୍ୟ କଷ୍ଟକର ହେବ। ଗୋଟିଏ ପଟେ ଟ୍ରମ୍ପ ପୁଣି ଇରାନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଥିବା ବେଳେ ଏହା ପୂର୍ବରୁ ନିଜେ କହିଥିଲେ ଯେ, ଆମେରିକା ଯୁଦ୍ଧକୁ ବହୁତ ଶୀଘ୍ର ସମାପ୍ତ କ

ଇରାନ୍ ପରେ କ୍ୟୁବା ମିଶନ୍

ୱାଶିଂଟନ: ଇରାନ୍ ପରେ କ୍ୟୁବା ମିଶନ୍ ଆରମ୍ଭ କରିବ ଆମେରିକା। ଏକଥା କହିଛନ୍ତି ଆମେରିକାର ଯୁଦ୍ଧଖୋର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ଫ୍ଲୋରିଡାରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପାଇଁ ଏକ ପ୍ରଚାର କାର୍ଯ୍ୟକ୍ରମରେ ଯାଇଥିବା ଅବସରରେ ଟ୍ରମ୍ପ ଏହି ମନ୍ତବ୍ୟ ଦେଇଛନ୍ତି। ଟ୍ରମ୍ପଙ୍କ ମନ୍ତବ୍ୟ ପରେ କ୍ୟୁବାର ବୈଦେଶିକ ମନ୍ତ୍ରୀ ବୁନୋ ରୋଡ୍ରିଗେଜ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପ୍ରତିକ୍ରିୟା ଦେଇ କହିଛନ୍ତି, କ୍ୟୁବାର ଉପକୂଳ ସୁନ୍ଦର ବେଳାଭୂମିରେ ପରିପୂର୍ଣ୍ଣ। କିନ୍ତୁ ସେଠାରେ ତୀକ୍ଷଣ ଚୂନପଥର ପାହାଡ ଓ ଏକ ଦୁର୍ଗମ ପରିବେଶ ମଧ୍ୟ ଅଛି। ଏହା ଶତ୍ରୁତା ଉଦ୍ଦେଶ୍ୟ ତଥା ଦଖଲ କରିବା ମନୋଭାବ ନେଇ ଆସୁଥିବା ଲୋକଙ୍କ ପାଇଁ ଅନୁକୂଳ ନୁହେଁ।

ତାଇୱାନରେ ତାଣ୍ଡବ ରଚିଲା ଚାମ୍ବି

ଜଣେ ମୃତ, ୫୦୦ରୁ ଅଧିକ ଆହତ

ତାଇପେଇ, ୨୪।୧୦: ଘୂର୍ଣ୍ଣିଝଡ଼ ଚାମ୍ବି ତାଇୱାନରେ ତାଣ୍ଡବ ରଚିଛି। ଏଥିରେ ଜଣେ ବ୍ୟକ୍ତିର ମୃତ୍ୟୁ ଘଟିଛି ଓ ଶହ ଶହ ଆହତ ହୋଇଛନ୍ତି। ଶୁକ୍ରବାର ରାତିରୁ ଶନିବାର ସକାଳ ପର୍ଯ୍ୟନ୍ତ ଘୂର୍ଣ୍ଣିଝଡ଼ ଯୋଗୁଁ ପ୍ରବଳ ପବନ ଓ ବର୍ଷା ହୋଇଛି। ଅନେକ ଗଛ ଭାଙ୍ଗିବା ଯୋଗୁଁ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଚାମ୍ବି ସିଧାସଳଖ ତାଇୱାନରେ ଲ୍ୟାଣ୍ଡଫଲ୍ କରିନଥିଲେ ମଧ୍ୟ ଅଧିକାଂଶ ସ୍ଥାନରେ ଏହାର ପ୍ରଭାବ ଅନୁଭୂତ ହୋଇଛି। ତାଇୱାନର ପାଣିପାଗ ବିଭାଗ କହିଛି ଯେ, ଶନିବାର ସକାଳ ସୁଦ୍ଧା ଘୂର୍ଣ୍ଣିଝଡ଼ ଦୁର୍ବଳ ହେବା ଆରମ୍ଭ କରିଛି ଏବଂ ସନ୍ଧ୍ୟା ସୁଦ୍ଧା ଘୂର୍ଣ୍ଣିଝଡ଼ ସତର୍କତା ପ୍ରତ୍ୟାହାର କରାଯିବ। ତାଇୱାନର କେନ୍ଦ୍ରୀୟ ଜରୁରୀକାଳୀନ ଅପରେସନ୍ ସେଣ୍ଟର କହିଛି, ୫ ସହରରୁ ଅଧିକ ଆହତ ହୋଇଛନ୍ତି। ଘୂର୍ଣ୍ଣିଝଡ଼ ଦୁର୍ବଳ ହେବାରୁ କିଛି ଘରେ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଦକ୍ଷିଣ ତାଇୱାନର ପିଙ୍ଗଟୁଙ୍ଗ କାଉଣ୍ଟିରେ ଜଣେ ବ୍ୟକ୍ତିଙ୍କ ଲହରୀରେ ଭାସିଯିବାରୁ ମୃତ୍ୟୁ ଘଟିଛି। ଝଡ଼ ଯୋଗୁଁ ୨ ଲକ୍ଷ ୮୦ ହଜାର ଘରର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। ଶନିବାର ସକାଳ ସୁଦ୍ଧା ୮୦ ପ୍ରତିଶତ ଘରେ ବିଦ୍ୟୁତ୍ ସଂଯୋଗ ହୋଇସାରିଛି। ଝଡ଼ ଯୋଗୁଁ ଦ୍ୱୀପରେ ଗଛ, ସାଇନବୋର୍ଡ ଓ କିଛି ଛୋଟ ନିର୍ମାଣ ଭୁଶୁଡ଼ି ପଡ଼ିଛି। ସମୁଦ୍ରରେ ଉଚ୍ଚ ଜୁଆର ସୃଷ୍ଟି ହୋଇଥିବାରୁ ତାଇୱାନର କେନ୍ଦ୍ରୀୟ ପାଣିପାଗ ବିଭାଗ ଉପକୂଳବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ବାହାରକୁ ନ ଯିବା, ଗାଡ଼ି ନଚଲାଇବା ଓ ପଡ଼ିଥିବା ଜିନିଷଗୁଡ଼ିକ ପ୍ରତି ସତର୍କ ରହିବାକୁ ଅନୁରୋଧ କରିଛି।

ମଝି ଆକାଶରେ ଦୁଇ ବାୟୁସେନା ବିମାନ ଧକ୍କା, ୪ ପାଇଲଟ୍ ମୃତ

ମାନିଲା, ୨୪।୧୦: ଫିଲିପାଇନ୍ସ ବାୟୁସେନାର ଦୁଇଟି ବିମାନ ଧକ୍କା ହୋଇଛି। ବାଟାଙ୍ଗାସ୍ ପ୍ରଦେଶର ଫର୍ଣ୍ଣାଣ୍ଡୋ ବାୟୁସେନା ଘାଟିରେ ଏକ ତାଲିମ ଉଡ଼ାଣ ସମୟରେ ଦୁଇଟି ଏସ୍ଏଫ-୨୬୦ ବିମାନ ମଧ୍ୟରେ ହୋଇଥିବା ଧକ୍କାରେ ଚାରି ଜଣ ପାଇଲଟଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଦୁଇ ବିମାନ ମଝି ଆକାଶରେ ଧକ୍କା ହୋଇଥିଲା। ବାୟୁସେନା ଘାଟି ପରିସରରେ ଏହି ଦୁର୍ଘଟଣା ଘଟିଛି। ଫିଲିପାଇନ୍ସ ବାୟୁସେନା ଅନୁଯାୟୀ, ଦୁର୍ଘଟଣାର କାରଣ ତଦନ୍ତ ସମାପ୍ତ ନହେବା ପର୍ଯ୍ୟନ୍ତ ବାୟୁସେନା ଏହାର ସମସ୍ତ ଏସ୍ଏଫ-୨୬୦ ତାଲିମ ବିମାନକୁ ଅସ୍ଥାୟୀ ଭାବରେ ଗ୍ରାଉଣ୍ଡ କରିଛି। ଚଳିତ ବର୍ଷ ମେ' ମାସରେ ଉତ୍ତର ଫିଲିପାଇନ୍ସର ଏକ ପାର୍ବତ୍ୟ ଅଞ୍ଚଳରେ ଏକ ଏସ୍ଏଫ-୨୬୦ ତାଲିମ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଦୁଇଜଣ ପାଇଲଟଙ୍କ ମୃତ୍ୟୁ ହୋଇଥିଲା।

ସାବରୀମାଳା ମନ୍ଦିର ଦୁର୍ନୀତି

୧୧ ହଜାର ଲିଟର ଘିଅ ହେରଫେର୍



ତିରୁବନନ୍ତପୁରମ, ୨୪।୧୦: କେରଳର ସାବରୀମାଳା ମନ୍ଦିର ପାଇଁ ଉଦ୍ଦିଷ୍ଟ ଘିଅର ଅପବ୍ୟବହାରର ଏକ ମାମଲା ସାମ୍ନାକୁ ଆସିଛି। ଭିଜିଲାନ୍ସ ଏବଂ ଦୁର୍ନୀତି ନିବାରଣ ବ୍ୟୁରୋ ଜଣେ ପରିବହନ ଠିକାଦାରଙ୍କୁ ଗିରଫ କରିଛି। ତାଙ୍କ ବିରୋଧରେ ସାବରୀମାଳା ମନ୍ଦିର ପାଇଁ ଉଦ୍ଦିଷ୍ଟ ୧୧ ହଜାର ଲିଟର 'ମିଲ୍ମା' ବ୍ରାଣ୍ଡ ଘିଅରେ ହେରଫେର୍ ଓ ଏହା ବଦଳରେ ଶସ୍ତା ଘିଅ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ରିପୋର୍ଟ ଅନୁସାରେ ହେରଫେର ଯୋଗୁଁ ତ୍ରାଭାଙ୍କୋର ଦେବସ୍ୱମ ବୋର୍ଡ (ଟିବିଡି)କୁ ପ୍ରାୟ ଅଢ଼େଇ କୋଟିର କ୍ଷତି ହୋଇଛି। ଗିରଫ ହୋଇଥିବା ବ୍ୟକ୍ତିଙ୍କର ନାମ ଏସ୍.ଏସ୍. ବିନୁ। ସେ ୨୦୨୫ ତୀର୍ଥ ଋତୁ ପାଇଁ ସାବରୀମାଳା ମନ୍ଦିରକୁ ଘିଅ ଯୋଗାଇବା ପାଇଁ ଚୁକ୍ତିବଦ୍ଧ ଥିଲେ। ଏହି ମାମଲାରେ ଏହା ଏପର୍ଯ୍ୟନ୍ତ ପ୍ରଥମ ଗିରଫଦାରୀ। ସାବରୀମାଳା ମନ୍ଦିର ପାଇଁ ଘିଅ କ୍ରୟ ଓ ଗୁଣବତ୍ତା ସମ୍ପର୍କରେ ଅଭିଯୋଗ ହୋଇଥିବା ଅନିୟମିତତାର ତଦନ୍ତ ପାଇଁ କେରଳ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଭିଏସିବିର ଏକ ସ୍ୱତନ୍ତ୍ର ତଦନ୍ତ ଦଳ(ଏସଆଇଟି) ଏହି ମାମଲାର ତଦନ୍ତ ଆରମ୍ଭ କରିଥିଲା। ଭିଏସିବି ଦଳ ବିନୁଙ୍କୁ ପଚରାଉଚରା ପାଇଁ ଡକାଇଥିଲା। ଯାହା ପରେ ତାଙ୍କୁ ଗିରଫ କରାଯାଇଥିଲା।

ଜୈଶ ନେଟୱର୍କ ସହ ଜଡ଼ିତ ସନ୍ଦିଗ୍ଧ ଗିରଫ

ମୁମ୍ବାଇ, ୨୪।୧୦: ମହାରାଷ୍ଟ୍ରର ରାଜଧାନୀ ମୁମ୍ବାଇରେ ଆତଙ୍କବାଦ ବିରୋଧୀ ଅଭିଯାନରେ ମହାରାଷ୍ଟ୍ର ଆତଙ୍କବାଦ ବିରୋଧୀ ଦଳ(ଏଟିଏସ)କୁ ବଡ଼ ସଫଳତା ମିଳିଛି। ଏକ ସୂଚନା ଆଧାରରେ ଏଟିଏସ ଦଳ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦ ସହିତ ଲିଙ୍କ୍ ଥିବା ଅଭିଯୋଗରେ ମାହିମ ଅଞ୍ଚଳରୁ ଜଣେ ୩୩ ବର୍ଷୀୟ ଯୁବକଙ୍କୁ ଗିରଫ କରିଛି। ଗିରଫ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ମହମ୍ମଦ ହାସନ ଆବୁ ସରମଦ ଅଖତର ବୋଲି ଚିହ୍ନଟ କରାଯାଇଛି। ପ୍ରାରମ୍ଭିକ ତଦନ୍ତ ସମୟରେ ହୋଇଥିବା ଖୁଲାସା ସୁରକ୍ଷା ଏଜେନ୍ସିଗୁଡ଼ିକୁ ଚିନ୍ତିତ କରିଛି। ଅଭିଯୁକ୍ତ ସାମାଜିକ ସମ୍ପର୍କ ବଜାୟ ରଖିବା ପାଇଁ ବାଇକ୍ ଟ୍ୟାକ୍ସି ଆପ୍ ରାପିଡୋ ଚାଳକ ଭାବରେ କାମ କରୁଥିଲା ଏବଂ ପରଫ୍ୟୁମ୍ ବିକ୍ରି କରୁଥିଲା। ଏହାର ଆଳ ଦେଖାଇ ସେ ଯୁବବର୍ଗଙ୍କୁ ଉସୁକାଇ ମୌଳବାଦୀ ଚିନ୍ତାଧାରା ପ୍ରସାର କରିବାର ବିପଦପୂର୍ଣ୍ଣ ଖେଳରେ ଲିପ୍ତ ଥିଲା। ମହାରାଷ୍ଟ୍ର ଏଟିଏସକୁ ଗୁଇନ୍ଦା ସୂତ୍ରରୁ ବିଶ୍ୱସ୍ତ ସୂଚନା ମିଳିଥିଲା ଯେ, ଜୈଶ-ଏ-ମହମ୍ମଦର ଚିନ୍ତାଧାରାରେ ଅନୁପ୍ରାଣିତ ଜଣେ ସନ୍ଦିଗ୍ଧ ବ୍ୟକ୍ତି ମୁମ୍ବାଇରେ ସକ୍ରିୟ ଅଛନ୍ତି ଓ ଦେଶ ବିରୋଧୀ କାର୍ଯ୍ୟକଳାପ କରିବାକୁ ଯୋଜନା କରୁଛନ୍ତି। ସୂଚନା ଆଧାରରେ ଏଟିଏସ ଦଳ ଏକ ଜାଲ ବିଛାଇ ମାହିମ ମେଟ୍ରୋ ଷ୍ଟେସନ ନିକଟରେ ଅଭିଯୁକ୍ତ ମହମ୍ମଦ ହାସନକୁ ଗିରଫ କରିଥିଲା।

ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ହିମାଂଶୁ ଭାଉ ଗିରଫ

ୱାଶିଂଟନ, ୨୪।୧୦: ଭାରତରେ ଅନେକ ହତ୍ୟା ଓ ଅନ୍ୟାନ୍ୟ ଅପରାଧ ଜଡ଼ିତ ଗ୍ୟାଙ୍ଗଷ୍ଟର ହିମାଂଶୁ ଭାଉକୁ ଆମେରିକାରେ ଗିରଫ କରାଯାଇଛି। ସେ ଭାରତର ମୋଷ୍ଟ୍ ୱାଣ୍ଟେଡ୍ ପଳାତକ ତାଲିକାରେ ଥିଲା। ତା' ସହ କୁଖ୍ୟାତ ନୀରଜ ଫରିଦପୁରିଆକୁ ମଧ୍ୟ ଗିରଫ କରାଯାଇଛି। ହିମାଂଶୁ ଓ ନୀରଜଙ୍କୁ ଆମେରିକାର ଫେଡେରାଲ୍ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ (ଏଫବିଆଇ) ଗିରଫ କରିଛି। ହିମାଂଶୁକୁ ଗୁଜରାଟ ଜେଲରେ ବନ୍ଦୀ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଶ୍ନୋଇର ବଡ଼ ଶତ୍ରୁ ବୋଲି ବିବେଚନା କରାଯାଏ। ନୀରଜକୁ ଏକ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଦିଆଯାଇଥିଲା। ହିମାଂଶୁ ଓ ତା'ର ସହଯୋଗୀଙ୍କ ବିରୋଧରେ ହରିୟାଣା, ଦିଲ୍ଲୀ ଓ ଉତ୍ତର ପ୍ରଦେଶରେ ବହୁ ମାମଲା ରୁଜୁ ହୋଇଛି। ହିମାଂଶୁ ବିରୋଧରେ ଇଣ୍ଟରପୋଲ୍ ପକ୍ଷରୁ ଏକ ରେଡ୍ କର୍ଣ୍ଣର ନୋଟିସ୍ ମଧ୍ୟ ଜାରି କରାଯାଇଛି। ସେ ଦେଶରୁ ପଳାୟନ କରି ପର୍ତ୍ତୁଗାଲରେ ଥିବା ରିପୋର୍ଟ ହୋଇଥିଲା। ପୁଲିସ ତଦନ୍ତ ଅନୁଯାୟୀ, ହିମାଂଶୁ ଭାଉ ଭାରତ ଛାଡିବା ପାଇଁ ଜାଲ କାଗଜପତ୍ର ବ୍ୟବହାର କରି ଏକ ନକଲି ପାସପୋର୍ଟ ହାସଲ କରିଥିଲା। ସେ ପର୍ତ୍ତୁଗାଲରୁ ସିଞ୍ଚିକେଟ୍ ପରିଚାଳନା କରୁଥିଲା, ଦିଲ୍ଲୀର କୁଖ୍ୟାତ ନୀରଜ ବାୱାନା ଏବଂ ନବୀନ ବାଲି ଗ୍ୟାଙ୍ଗ୍ ସହଯୋଗରେ କାମ କରୁଥିଲା।

ବିଦେଶୀ ପାଣ୍ଠି ସଂଗ୍ରହ ମାମଲା

ୟାସିନ ମଲିକ ବିରୋଧରେ ଶୁଣାଣି ପାଇଁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୪।୧୦: ବିଚ୍ଛିନ୍ନତାବାଦୀ ୟାସିନ ମଲିକ ପାଇଁ ସମସ୍ୟା ବଢ଼ିବାରେ ଲାଗିଛି। ନୂଆଦିଲ୍ଲୀର ଏକ ସ୍ୱତନ୍ତ୍ର ଏନଆଇ କୋର୍ଟ ମନି ଲଣ୍ଡରିଂ ମାମଲାରେ ମଲିକ ଓ ଅନ୍ୟ ଛଅ ଜଣଙ୍କ ବିରୋଧରେ ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲା ପାକିସ୍ତାନରୁ ହାୱାଲା ଚ୍ୟାନେଲ ମାଧ୍ୟମରେ ବିଦେଶୀ ପାଣ୍ଠି ଗ୍ରହଣ କରିବା ଅଭିଯୋଗ ସହିତ ଜଡିତ। ଅଭିଯୁକ୍ତମାନେ ୮ କୋଟି ୯୪ ଲକ୍ଷ ୮୭ ହଜାର ୬ ଶହ ୩୯ ଟଙ୍କାର ଅପରାଧିକ ଆୟ ଅର୍ଜନ କରିଥିଲେ। ଇଡି ମାମଲା ୨୦୧୭ରେ ଏନଆଇଏ ଦ୍ୱାରା ପଞ୍ଜିକୃତ ଏକ ମାମଲା ଉପରେ ଆଧାରିତ। ଶୁଣାଣି ବନ୍ଦ କକ୍ଷରେ ଅନୁଷ୍ଠିତ ହୋଇଥିଲା। ୟାସିନ ମଲିକ ତିହାର ଜେଲ୍‌ରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ହାଜର ହୋଇ ଅଭିଯୋଗକୁ ଅସ୍ୱୀକାର କରିଛି। ସେ କହିଛି ଯେ, ସେ ମାମଲା ଲଢ଼ିବେ। ସେପ୍ଟେମ୍ବରରେ ଏକ ସ୍ୱତନ୍ତ୍ର ଏନଆଇଏ କୋର୍ଟ ୟାସିନ ମଲିକ ଓ ଅନ୍ୟ ଛଅ ଜଣଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲା ଅନୁଯାୟୀ ଚାର୍ଜ ଫ୍ରେମ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ରାଲି ସ୍ଥଗିତ ପାଇଁ ରାହୁଲଙ୍କୁ ଅନୁରୋଧ କଲା ସିଟିଆଇ

ନୂଆଦିଲ୍ଲୀ, ୨୪।୧୦: କଂଗ୍ରେସ ପକ୍ଷରୁ ନଭେମ୍ବର ୧ ତାରିଖରେ ଦିଲ୍ଲୀର ରାମଲୀଳା ମଇଦାନରେ ଏକ ମେଗା ରାଲି ଆୟୋଜନ କରାଯାଉଛି। ଏଥିରେ ଚିନ୍ତା ପ୍ରକଟ କରି ଦିଲ୍ଲୀର ବ୍ୟବସାୟୀ ଓ ଉଦ୍ୟୋଗୀଙ୍କ ସଂଗଠନ ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ୍ ଇଣ୍ଡଷ୍ଟ୍ରି (ସିଟିଆଇ) କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଚିଠି ଲେଖି ଅନୁରୋଧ କରିଛି ଯେ, ରାଲିକୁ ଦୀପାବଳି ପର୍ଯ୍ୟନ୍ତ ସ୍ଥଗିତ ରଖାଯାଉ। ନହେଲେ ପାର୍ବଣ ଋତୁରେ ବ୍ୟବସାୟ ବୁଡ଼ିଯିବ।

ସିଟିଆଇ ଅଧ୍ୟକ୍ଷ ବ୍ରିଜେଶ ଗୋୟଲ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଏକ ଚିଠିରେ ଲେଖିଛନ୍ତି, ଆମେ ସୂଚନା ପାଇଛୁ ଯେ ଆପଣଙ୍କ ଦଳ ନଭେମ୍ବର ୧ ତାରିଖରେ ରାମଲୀଳା ମଇଦାନରେ ଏକ ମେଗା ରାଲି ଆୟୋଜନ କରୁଛି। ଆମେ ବିନମ୍ରତାର ସହିତ ଅନୁରୋଧ କରୁଛୁ, ଏହି ରାଲିକୁ ନଭେମ୍ବର ୧୦ ଭାଇ ଦୁଜ୍ ପରେ କରାଯାଉ। କାରଣ ଦୀପାବଳି ପାଇଁ ବ୍ୟବସାୟ ବର୍ତ୍ତମାନ ଜୋରଦାର ରହିଛି।

ଚିଠିରେ ଉଲ୍ଲେଖ କରାଯାଇଛି, ଚଳିତ ବର୍ଷ ଧନତେରସ୍ ନଭେମ୍ବର ୬ ରେ, ଦୀପାବଳି ୮ ରେ ଓ ଭାଇ ଦୁଜ୍ ୧୦ ରେ ପଡୁଛି। ଲୋକମାନେ ଗୋଟିଏ ସପ୍ତାହ ପୂର୍ବରୁ ଧନତେରସ୍ ଓ ଦୀପାବଳି ପାଇଁ କିଣାକିଣି ଆରମ୍ଭ କରିଦିଅନ୍ତି। କେବଳ ଧନତେରସ୍‌ରେ ଦିଲ୍ଲୀର ସମସ୍ତ କ୍ଷେତ୍ରରେ ପ୍ରାୟ ୨୫ ହଜାର କୋଟି ଟଙ୍କାର ବ୍ୟବସାୟ ହୋଇଥାଏ, ଯେଉଁଥିରେ ସୁନା, ରୂପା, ବାସନକୁସନ, ଇଲେକ୍ଟ୍ରୋନିକ୍ସ, କପଡ଼ା, ଶୁଖିଲା ଫଳ, ମିଠା, ଅଟୋମୋବାଇଲ୍, ଯାନବାହାନ, ସମ୍ପତ୍ତି ଏବଂ ଉପହାର ସାମଗ୍ରୀ ଆଦି ରହିଥାଏ। ଏହି ବାଣିଜ୍ୟ ଦିଲ୍ଲୀ ଅର୍ଥନୀତିର ମେରୁଦଣ୍ଡ ସଦୃଶ। ସଂଗଠନର ଆକଳନ ଅନୁଯାୟୀ, କନଟ୍ ପ୍ଲେସ୍, ଇଣ୍ଡିଆ ଗେଟ୍ ଏବଂ କେନ୍ଦ୍ରୀୟ ଦିଲ୍ଲୀରେ ରାଲି, ଶୋଭାଯାତ୍ରା ଓ ରାସ୍ତା ବନ୍ଦ ଯୋଗୁଁ ଦିଲ୍ଲୀର ବ୍ୟବସାୟୀମାନେ ପ୍ରାୟ ୩ ହଜାର କୋଟି ଟଙ୍କାର କ୍ଷତି ସହିସାରିଛନ୍ତି। ପାଇକାରୀ ବଜାରଗୁଡ଼ିକକୁ ବାହାରୁ ସାମଗ୍ରୀ ଆସିବା ବନ୍ଦ ହୋଇଯାଇଥିଲା।

ଦିନଟିଏ ଥିଲା ଜନ୍ମଦିନ, ନିଜକୁ ଜାଳିଦେଲେ ଛାତ୍ରୀ

ନୂଆଦିଲ୍ଲୀ, ୨୪।୧୦: ଆସନ୍ତାକାଲି (ଅକ୍ଟୋବର ୨୫) ଥିଲା ତାଙ୍କର ଜନ୍ମଦିନ। ହେଲେ ଜନ୍ମଦିନର ମାତ୍ର କିଛି ଘଣ୍ଟା ପୂର୍ବରୁ ସ୍କୁଲ ପରିସରରେ ଜଣେ ଦ୍ୱାଦଶ ଶ୍ରେଣୀ ଛାତ୍ରୀ ନିଜ ଦେହରେ ଜ୍ୱଳନଶୀଳ ପଦାର୍ଥ ଢାଳି ଆତ୍ମହତ୍ୟା କରିଛନ୍ତି। ପୁଲିସର ପ୍ରାଥମିକ ତଥ୍ୟ ଅନୁଯାୟୀ, ମୃତ ଛାତ୍ରୀଜଣକ ଦିଲ୍ଲୀର ଘୋଣ୍ଡଲୀ ଗାଁର ବାସିନ୍ଦା। ସେ ଦିଲ୍ଲୀରେ ନିଜ ଭଉଣୀଙ୍କ ସହ ରହି ପାଠ ପଢୁଥିବା ବେଳେ ତାଙ୍କ ପିତାମାତା ଗାଁରେ ରୁହନ୍ତି। ଶନିବାର ଦିନ ବିଦ୍ୟାଳୟର ଷଷ୍ଠ ପିରିୟଡ଼ ଚାଲିଥିବା ସମୟରେ ସେ ପାଣି ପିଇବାକୁ ଯିବା କଥା କହି କ୍ଲାସରୁମରୁ ବାହାରକୁ ଯାଇଥିଲେ। ମାତ୍ର ମାତ୍ର ୨ ରୁ ୩ ମିନିଟ୍ ସମୟ ବିତିବା ପରେ ସ୍କୁଲ ସୁରକ୍ଷା ଗାର୍ଡଙ୍କ କୋଠରୀ ତଥା ପାଣି ଟାଙ୍କି ପଛପଟୁ ଚିତ୍କାର ଶୁଣିବାକୁ ମିଳିଥିଲା। ଛାତ୍ରୀଜଣକ ନିଜ ବ୍ୟାଗରୁ ଆଗରୁ ଆଣିଥିବା କୌଣସି ଜ୍ୱଳନଶୀଳ କେମିକାଲ୍ ବା ରାସାୟନିକ ପଦାର୍ଥ ଦେହରେ ଢାଳି ନିଆଁ ଲଗାଇ ଦେଇଥିଲେ।

୫ ରାଜ୍ୟ ପାଇଁ 'ୱାର୍ ରୁମ୍' ଅଧ୍ୟକ୍ଷଙ୍କ ନାମ ଘୋଷଣା

ନୂଆଦିଲ୍ଲୀ, ୨୪।୧୦: ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ସ୍ୱରୂପ, କଂଗ୍ରେସ ପାଞ୍

ଦ୍ୱିତୀୟ ଟି-୨୦ ତିଲକଙ୍କ ଦମ୍‌ଦାର ଇନିଂସ: ଜିତିଲା ଭାରତ

କ୍ରାଏଷ୍ଟଚର୍ଚ୍ଚ,୨୪।୧୦: ଚଳିତ ନ୍ୟୁଜିଲାଣ୍ଡ୍ ବିପକ୍ଷ ଟି-୨୦ ସିରିଜ୍‌ରେ ଆଜି ପୁଣି ଥରେ ଭ୍ରମଣକାରୀ ଭାରତ ବିଜୟୀ ହୋଇଛି। ତିଲକ ବର୍ମାଙ୍କ ଦମ୍‌ଦାର ଇନିଂସ ଆଧାରରେ ଦଳ ନ୍ୟୁଜିଲାଣ୍ଡ୍‌କୁ ୪ ୱିକେଟ୍‌ରେ ପରାସ୍ତ କରି ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୨-୦ରେ ଅଗ୍ରଣୀ ଲାଭ କରିଛି। ମାତ୍ର ୨୬ ବଲ୍‌ରେ ୫୧ ରନ୍ କରି ଅପରାଜିତ ଥିବା ତିଲକ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ପ୍ରଥମେ ବ୍ୟାଟିଂ ପାଇଁ ନ୍ୟୁଜିଲାଣ୍ଡ୍ ୫ ୱିକେଟ୍ ବିନିମୟରେ ୧୮୦ ରନ୍ କରିଥିଲା। ଦଳ ପକ୍ଷରୁ ପୁଣିଥରେ ଗ୍ଲେନ୍ ଫିଲିପ୍ସ ସର୍ବାଧିକ ସ୍କୋରର୍ ରହିଥିଲେ। ସେ ମାତ୍ର ୪୩ ବଲ୍ ଖେଳି ୪ଟି ଲେଖାଏଁ ଚୌକା ଓ ଛକା ଜରିଆରେ ୭୦ ରନ୍ କରିଥିଲେ। ଏହାଛଡ଼ା ବେଭନ୍ ଜ୍ୟାକବ୍ସ ୫ଟି ଚୌକା ଓ ଗୋଟିଏ ଛକା ସହ ୫୮ ରନ୍ କରିବା ସହ ଫିଲିପ୍ସଙ୍କ ସାଥୀରେ ଚତୁର୍ଥ ୱିକେଟ୍‌ରେ ୧୧୬ ରନ୍‌ର ଭାଗୀଦାରୀ କରିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ ୨ଟି ଏବଂ ଭୁବନେଶ୍ୱର କୁମାର, ପ୍ରିନ୍ସ ଯାଦବ ଓ ନୀତୀଶ କୁମାର ରେଡ୍ଡୀ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଭାରତ ୧୯.୫ ଓଭରରେ ୬ଟି ୱିକେଟ୍ ହରାଇ ବିଜୟୀ ହୋଇଥିଲା। ତିଲକ ସର୍ବାଧିକ ୫୧ ରନ୍ କରିଥିବା ବେଳେ ତାଙ୍କର ଏହି ଇନିଂସରେ ଥିଲା ୬ଟି ଚୌକା ଓ ଗୋଟିଏ ଛକା। ଏହାଛଡ଼ା ନମନ୍ ଧୀର ଗୋଟିଏ ଚୌକା ଓ ୩ଟି ଛକା ସହ ମାତ୍ର ୧୭ ବଲ୍‌ରେ ୩୧, ନୀତିଶ କୁମାର ମାତ୍ର ୧୩ ବଲ୍ ଖେଳି ଗୋଟିଏ ଲେଖାଏଁ ଚୌକା ଓ ଛକା ସହ ଅପରାଜିତ ୨୬, ଓପନର ଅଭିଷେକ ଶର୍ମା ୩ଟି ଚୌକା ଓ ଗୋଟିଏ ଛକା ସହ ୨୭ ରନ୍ କରିଥିଲେ। ତିଲକ ଓ ନୀତୀଶଙ୍କ ମଧ୍ୟରେ ସପ୍ତମ ୱିକେଟ୍‌ରେ ଅବିଭାଜିତ ୬୯ ରନ୍‌ର ଭାଗୀଦାରୀ ହୋଇଥିଲା, ଯାହାକି ବିଜୟରେ ମୁଖ୍ୟ ଭୂମିକା ନେଇଥିଲା। ନ୍ୟୁଜିଲାଣ୍ଡ୍ ପକ୍ଷରୁ ଅଧିନାୟକ ମିଚେଲ୍ ସାଣ୍ଟନର୍ ୪ଟି ଏବଂ ଜାକବ୍ ଡଫି ଓ ନାଥନ୍ ସ୍ମିଥ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ସିରିଜ୍‌ର ତୃତୀୟ ମ୍ୟାଚ୍‌ଟି ଆସନ୍ତା ୨୭ରେ ୱେଲିଂଟନ୍‌ଠାରେ ଖେଳାଯିବ।

ଶାନ୍ତି ବଣ୍ଡ୍‌ରେ ସ୍ୱାକ୍ଷର କରିବିନି: ନେହା ବୋରା

ନୂଆଦିଲ୍ଲି, ୨୪।୧୦ : ଅଲ୍ ଇଣ୍ଡିଆ ଷ୍ଟୁଡେ୍ସ ଆସୋସିଏସନ (ଏଆଇଏସଏ)ର ରାଷ୍ଟ୍ରୀୟ ଅଧ୍ୟକ୍ଷ ନେହା ବୋରା ଶାନ୍ତି ଜାରି ରଖିବା ପାଇଁ ୧୦ ହଜାର ଟଙ୍କାର ବଣ୍ଡରେ ସ୍ୱାକ୍ଷର କରିବା ପାଇଁ ସ୍ପଷ୍ଟ ଭାବେ ମନା କରି ଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟଙ୍କର ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ବିଚାରପତି କୋର୍ଟଙ୍କ ନୋଟିସ୍ ବିରୋଧରେ ଦାୟର କରାଯାଇଥିବା ଆବେଦନକୁ ଖାରଜ କରିବା ପରେ ନେହା ବୋରା ଏଭଳି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସେ କହିଛନ୍ତି, ଆମର କୌଣସି ସର୍ତ୍ତ ନାହିଁ। ଆମେ ବଣ୍ଡ ସ୍ୱାକ୍ଷର କରିବୁ ନାହିଁ। ଆମର ଗଣତାନ୍ତ୍ରିକ ଅଧିକାରକୁ ଛଡ଼ାଇ ନିଆଯାଉଛି। ଏହି ବଣ୍ଡରେ ସ୍ୱାକ୍ଷର କରିବା ଦ୍ୱାରା ଆଗାମୀ ଦିନରେ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ ରୋକିବା ପାଇଁ ଏଭଳି ଶାନ୍ତି ବଣ୍ଡର ବ୍ୟବହାର କରାଯିବ। ସେ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି, ଆମର ମତଦାନ ଅଧିକାରକୁ ରୋକିବା ପାଇଁ ଏସଆଇଆରର ସାହାରା ନିଆଯାଇଛି। ୧୩ କୋଟି ଲୋକଙ୍କୁ ଭୋଟର ତାଲିକାରୁ ହଟାଇ ଦିଆଯାଇଛି। ଦେଶରେ ଗଣତାନ୍ତ୍ରିକ ପରମ୍ପରାକୁ ଏହା ଦ୍ୱାରା ସୁରକ୍ଷିତ ହୋଇପାରିବ ନାହିଁ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଟାର୍ଗେଟ୍ ଜିରୋ...

ପ୍ରାୟ ୮୦ ରୁ ୯୦ କିମି ବେଗରେ ପବନ ହେବାର ସମ୍ଭାବନା ରହିଛି। ବିଶେଷକରି ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଅଧିକ ବର୍ଷା ଓ ପବନ ବହିପାରେ। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଆଦି ଜିଲ୍ଲା ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଅନ୍ୟାନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଧ୍ୟ ବର୍ଷାର ସମ୍ଭାବନା ରହିଛି। ଏହି ୫ଟି ଜିଲ୍ଲାରେ ସ୍କୁଲ, କଲେଜ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ୨୮ ଓ ୨୯ ତାରିଖ ଦିନ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେ କହିଥିଲେ ଯେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପହଞ୍ଚାଇବା ପାଇଁ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ପ୍ରସ୍ତୁତ କରାଯାଇଛି। ଓଡ୍ରାଫ୍, ଅଗ୍ନିଶମ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ କରାଯାଇଛି। ପ୍ରାୟ ୬୦ଟି ଓଡ୍ରାଫ୍ ଟିମ୍ ଓ ୧୭ଟି ଏନଡିଆରଏଫ ଟିମ୍‌କୁ ନିୟୋଜିତ କରାଯାଇଛି। ୨୨୫ଟି ଅଗ୍ନିଶମ ଦଳ ସଜାଗ ଅଛନ୍ତି ବୋଲି ଜଣାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ସତର୍କ କରାଯାଇଛି। ପ୍ରଭାବିତ ଅଞ୍ଚଳର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାପ କାମୁଡ଼ା ଇଞ୍ଜେକ୍ସନ୍, ଔଷଧ ଓ ଚିକିତ୍ସା କିଟ୍ ଉପଲବ୍ଧ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଅଗ୍ନିସେବା ଡିଜି, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ, ସ୍ୱାସ୍ଥ୍ୟ ସଚିବ, ଏସଆରସି ଉପସ୍ଥିତ ଥିଲେ।

ମଛଲିପଟ୍ଟନମ୍ ଓ କାକିନାଡ଼ା...

ଡେଇଁପାରେ ବୋଲି ୟୁରୋପୀୟ ପାଣିପାଗ ସଂସ୍ଥା ଇସିଏମଡବ୍ଲ୍ୟୁଏଫ ଆକଳନ କରିଛି। ଏହା ବିଶାଖାପାଟଣାର ଦକ୍ଷିଣରେ ମାଡ଼ ହେବା ନେଇ ୟୁରୋପିଆନ୍ ମଡେଲ ଆକଳନ କରିଛି। ଆମେରିକୀୟ ପାଣିପାଗ ମଡେଲ୍ ଜିଏଫଏସ ଓ ଜର୍ମାନୀର ଆଇକନ ମଡେଲ୍ ମଧ୍ୟ ବାତ୍ୟା ପୂର୍ବାନୁମାନ କରିଛି। ବିଶ୍ୱସ୍ତରୀୟ ପାଣିପାଗ ମଡେଲ୍ ଓ ଆନ୍ଧ୍ରପ୍ରଦେଶ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆକଳନ ଅନୁସାରେ, ଏହି ସମ୍ଭାବ୍ୟ ବାତ୍ୟା ଆସନ୍ତା ୨୮ ସକାଳ ସୁଦ୍ଧା ଆନ୍ଧ୍ରପ୍ରଦେଶର ମଛଲିପଟ୍ଟନମ୍ ଓ କାକିନାଡ଼ା ମଧ୍ୟରେ ସ୍ଥଳଭାଗ ଛୁଇଁବାର ୭୫ରୁ ୯୪ ପ୍ରତିଶତ ସମ୍ଭାବନା ରହିଛି। ସେପଟେ ଭାରତୀୟ ପାଣିପାଗ ବିଭାଗ ଏହାର ଗତିପଥ ଉତ୍ତର ଆନ୍ଧ୍ରରୁ ଦକ୍ଷିଣ ଓଡ଼ିଶା ମଧ୍ୟରେ ରହିବ ବୋଲି ଆକଳନ କରୁଛି। ଏହି ଗତିପଥ ଚୂଡ଼ାନ୍ତ ନୁହେଁ। ବାତ୍ୟାର ପ୍ରାରମ୍ଭିକ ଅବପାତ ସୃଷ୍ଟି ହେବା ପରେ ଏହାର ସଠିକ୍ ପଥ ଓ ସ୍ଥଳଭାଗ ଛୁଇଁବାର ସ୍ଥାନ ସ୍ପଷ୍ଟ ହେବ। ଯଦି ବାତ୍ୟା ଆନ୍ଧ୍ର ଉପକୂଳରେ ସ୍ଥଳଭାଗ ଛୁଏଁ, ତେବେ ଓଡ଼ିଶା ଉପରେ ସିଧାସଳଖ ବାତ୍ୟା ମାଡ଼ର ଭୟ କମିଯିବ। ତଥାପି ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି ଆଦି ଉପକୂଳ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ଓ ପବନର ପ୍ରଭାବ ଦେଖିବାକୁ ମିଳିପାରେ।

ଆଜି ଦେଶବାସୀଙ୍କୁ...

ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ମଧ୍ୟ ଦେବେ। ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ଭାରତୀୟ ରିଜର୍ଭ ବ୍ୟାଙ୍କର ନୂତନ ଡାଟା ସେଣ୍ଟର ଓ ସାଇବର ସୁରକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ଉଦଘାଟନ କରିବେ। ଭାରତର ଆର୍ଥିକ ବ୍ୟବସ୍ଥାରେ ପ୍ରଯୁକ୍ତିର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏଗୁଡ଼ିକ ବ୍ୟାଙ୍କର କମ୍ପ୍ୟୁଟିଂ ଆବଶ୍ୟକତା ପୂରଣ କରିବା ଏବଂ ବ୍ୟାଙ୍କ ଓ ବ୍ୟାପକ ଆର୍ଥିକ କ୍ଷେତ୍ର ପାଇଁ ଏକ ସୁରକ୍ଷିତ, ସ୍ଥିର, ବ୍ୟାପକ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ କମ୍ପ୍ୟୁଟିଂ ଇକୋସିଷ୍ଟମ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି। ୪ଟି ଅତ୍ୟାଧୁନିକ ଡାଟା ସେଣ୍ଟର ଅନ୍ୟାନ୍ୟ ପ୍ରମୁଖ ପଦକ୍ଷେପ ସହ ମିଶନ-କ୍ରିଟିକାଲ୍ ପେମେଣ୍ଟ ଏବଂ ସେଟେଲମେଣ୍ଟ ସିଷ୍ଟମକୁ ପରିଚାଳନା କରିବ। ଏହି ସୁବିଧାକୁ ଅପଟାଇମ୍ ଇନଷ୍ଟିଚ୍ୟୁଟ୍ ଟାୟାର-୪ ମାନକ-ଡାଟା ସେଣ୍ଟର ଭିତ୍ତିଭୂମି ଲାଗି ବିଶ୍ୱ ମାନଦଣ୍ଡ ପାଇଁ ପ୍ରମାଣିତ କରାଯାଇଛି। ଏହା ବିଶ୍ୱବ୍ୟାପୀ ବିଏଫଏସଆଇ (ବ୍ୟାଙ୍କିଂ, ଆର୍ଥିକ ସେବା ଏବଂ ବୀମା) କ୍ଷେତ୍ରରେ ସର୍ବବୃହତ ଟାୟାର -୪ ପ୍ରମାଣିତ ସୁବିଧା ମଧ୍ୟରୁ ଗୋଟିଏ। ଏହା ଡିଜିଟାଲ୍ ଆର୍ଥିକ ସେବାର ବିସ୍ତାର ସହ ସୁରକ୍ଷିତ ଡିଜିଟାଲ୍ ଭିତ୍ତିଭୂମି ଗଠନ କରିବ। ଏହା ସାଇବର ସୁରକ୍ଷା ଏବଂ ଉଦ୍ୟୋଗ-ପ୍ରଯୁକ୍ତିବିଦ୍ୟା ତାଲିମ ସହ ଗବେଷଣା ଓ କ୍ଷେତ୍ରସ୍ତରୀୟ ଦକ୍ଷତା ବିକାଶ ପାଇଁ ଏକ ଉତ୍ସର୍ଗୀକୃତ ପ୍ଲାଟଫର୍ମ ପ୍ରଦାନ କରିବ।

ସୋଲାର ଲଗାଇ...

ଆନ୍ଧ୍ରର ଗତିବିଧି ରୋକିବାକୁ ଦୃଢ଼ ପଦକ୍ଷେପ କାହିଁକି ନିଆଯାଉନାହିଁ, ସେ ପ୍ରତି ତୁରନ୍ତ ସରକାର ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି ସ୍ଥାନୀୟ ବିଧାୟକ। ସେପଟେ କୋଟିଆରେ ଆନ୍ଧ୍ର ନିର୍ବାଚନ କରିବା ନେଇ ବିଜ୍ଞପ୍ତି ପ୍ରକାଶ କରିବା ପ୍ରସଙ୍ଗରେ କଠୋର ହୋଇଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ କୋରାପୁଟ ଜିଲ୍ଲାପାଳଙ୍କ ଜରିଆରେ କୋର୍ଟ ଅବମାନନା ମାମଲା ଦାୟର କରାଯାଇଛି। କୋଟିଆରେ ସରପଞ୍ଚ ଓ ସମିତି ସଭ୍ୟ ନିର୍ବାଚନ କରାଇବାକୁ ଆନ୍ଧ୍ରର ପଦକ୍ଷେପକୁ ନେଇ ଓଡ଼ିଶା ଆପତ୍ତି ଉଠାଇଛି। ଗୋଟିଏ ଅଞ୍ଚଳରେ ଦୁଇଟି ଭିନ୍ନ ପ୍ରଶାସନିକ ବ୍ୟବସ୍ଥା ଅଧୀନରେ ପ୍ରତିନିଧି ରହିବା ପ୍ରସଙ୍ଗ ଉଠାଇ ଏହା ପଞ୍ଚାୟତ ଓ ଅନ୍ୟାନ୍ୟ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ ବୋଲି ଅଭିଯୋଗ କରାଯାଇଛି।

ମେଟ୍ରୋ ପ୍ରକଳ୍ପ...

କରିଥିଲେ। ଏଥିପାଇଁ କାମ ବି ଆରମ୍ଭ ହୋଇଥିଲା। କିନ୍ତୁ ନୂଆ ସରକାର କ୍ଷମତାକୁ ଆସିବା ପରେ ପ୍ରକଳ୍ପକୁ ବନ୍ଦ କରିଦେଲେ। ମେଟ୍ରୋ ବଦଳରେ ନୂଆ ସରକାର ଫ୍ଲାଏଓଭର କରିବାକୁ ନିଷ୍ପତ୍ତି ନେଲେ। ଫ୍ଲାଏଓଭର ଦ୍ୱାରା କେତେ ଭିଡ଼ କମିବ, ସେନେଇ ସନ୍ଦେହ ରହିଛି। କିନ୍ତୁ କାହିଁକି ଏ ନିଷ୍ପତ୍ତି ନିଆଗଲା, ତା'ର ସ୍ପଷ୍ଟତା ଏବେ ଯାଏଁ ନାହିଁ। ମେଟ୍ରୋ ହୋଇଥିଲେ ଟ୍ରାଫିକ ସମସ୍ୟା ଦୂର ହୋଇଥାନ୍ତା ବୋଲି ସେ କହିଛନ୍ତି। ସେପଟେ ମେୟର ଉଠାଇଥିବା ପ୍ରଶ୍ନର ଜବାବ ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ। ସେ କହିଛନ୍ତି ଯେ ମେଟ୍ରୋ ବନ୍ଦ ହୋଇନାହିଁ, ବରଂ ସ୍ଥଗିତ ରହିଛି। ସହରର ଆବଶ୍ୟକତା ଦୃଷ୍ଟିରୁ ମେଟ୍ରୋକୁ ନେଇ ସର୍ଭେ ଚାଲୁଛି। ସହରର ଉନ୍ନତି ପାଇଁ ମେଟ୍ରୋର ଆବଶ୍ୟକତାକୁ ଅନୁଭବ କରାଯାଇ ସଠିକ ସମୟରେ ସଠିକ କାର୍ଯ୍ୟ କରାଯାଉଛି। ତେଣୁ କୌଣସି ପ୍ରକଳ୍ପ ବନ୍ଦ କରାଯାଇନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏଥିସହ ଭୁବନେଶ୍ୱରର ଟ୍ରାଫିକ ସମସ୍ୟା ଦୂର କରିବାକୁ ସରକାର ଜୟଦେବ ବିହାରଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ଫ୍ଲାଏଓଭର କରୁଛନ୍ତି। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇସାରିଛି।

କୃଷି ଓ କୃଷକଙ୍କ...

ବର୍ଗକୁ ସଶକ୍ତ କରିବା ସହ ନାଗରିକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ଆମେ ସଂକଳ୍ପବଦ୍ଧ। ମହାପ୍ରଭୁ ଶ୍ରୀଜଗନ୍ନାଥ, ମା' ସମଲେଶ୍ୱରୀ ଏବଂ ମା' ରଣେଶ୍ୱର ରାମଚଣ୍ଡୀଙ୍କ ଅପାର କୃପାରୁ ଓଡ଼ିଶା ଓ ଛତିଶଗଡ଼ ଉଭୟ ରାଜ୍ୟରେ ଶିକ୍ଷାର ବିକାଶ, ସ୍ୱାସ୍ଥ୍ୟ ସେବାର ସୁଦୃଢ଼ୀକରଣ ଓ ଯୁବବର୍ଗଙ୍କ ପାଇଁ ବ୍ୟାପକ ରୋଜଗାର ସୁଯୋଗ ସୃଷ୍ଟି ହୋଇପାରିଛି ବୋଲି ସେ ପ୍ରକାଶ କରିଛନ୍ତି। ଏହି ମହାନ ବିକାଶ ଯାତ୍ରାରେ ସମାଜର ସବୁ ସ୍ତରରୁ ସକ୍ରିୟ ସହଯୋଗ ଓ ଭାଗିରଥୀ ପ୍ରୟାସ ଜରୁରୀ ବୋଲି ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମା' ରଣେଶ୍ୱର ରାମଚଣ୍ଡୀଙ୍କ ଆରାଧନା ଓ ଆସ୍ଥା ଆମର ସମୃଦ୍ଧ ଧାର୍ମିକ ପରମ୍ପରା ଓ ସାଂସ୍କୃତିକ ପରିଚୟ ବୋଲି ମତ ବ୍ୟକ୍ତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଗଡ଼ଫୁଲଝରସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ଓ ଏହି ମାଟିରେ ଗୁରୁ ନାନକ ଦେବଙ୍କ ଆଗମନ ସହ ଜଡ଼ିତ ସ୍ମୃତି ଏହି ଅଞ୍ଚଳର ଆଧ୍ୟାତ୍ମିକ ମହତ୍ତ୍ୱକୁ ଆହୁରି ବଢ଼ାଇଛି। କାର୍ଯ୍ୟକ୍ରମରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ ମଧ୍ୟ ଉପସ୍ଥିତ ଥିଲେ।

ଜେନ୍-ଜୀ'ଙ୍କ...

ଆନ୍ଦୋଳନ ଚଳାଇ ଏବେ ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରୁଛନ୍ତି। ଫଳରେ ବିଭିନ୍ନ ଦଳ ଏବେ ସେମାନଙ୍କ ସପକ୍ଷରେ ମୁହଁ ଖୋଲିବାକୁ ବାଧ୍ୟ ହେଉଛନ୍ତି। ଖୋଦ୍ ନବୀନ ପଟ୍ଟନାୟକ ଗିରଫ ସିଜେପି ନେତାଙ୍କ ସପକ୍ଷରେ ଟ୍ୱିଟ୍ କରିବା ଏହାର ଏକ ବଡ଼ ଉଦାହରଣ। ତେବେ ଓଡ଼ିଶାରେ ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଆସୁଥିବାରୁ ବିଜେଡି ନେତାମାନେ ସୁଚିନ୍ତିତ ଭାବେ ଜେନ୍-ଜୀ' ଗୋଟି ଚଳାଇବାରେ ଲାଗିଛନ୍ତି। ବିଜେଡି ଭଲ ଭାବେ ଜାଣିଛି ଯେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଜେନ୍-ଜୀ'ମାନେ ବି ନିର୍ଣ୍ଣାୟକ ହେବେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହେବେ। କାରଣ ବିଜେଡି ସରକାର ସମୟରେ ଯେଭଳି ଭାବେ ସରପଞ୍ଚ, ସମିତି ସଭ୍ୟମାନଙ୍କର ମାସିକ ପାଉଣା ବ୍ୟବସ୍ଥା ହୋଇଛି ତାହା ଏବେ ଗାଁଗହଳର ଯୁବବର୍ଗଙ୍କୁ ତ୍ରିସ୍ତରୀୟ ନିର୍ବାଚନ ପ୍ରତି ବେଶ୍ ଆକୃଷ୍ଟ କରୁଛି। ତେଣୁ ଏହି ଜେନ୍-ଜୀ'ମାନଙ୍କୁ ଯିଏ ଯେତେ ନିଜର କରିପାରିବ ସିଏ ସେତେ ପରିମାଣରେ ପଞ୍ଚାୟତ ଓ ପୌର ନିର୍ବାଚନରେ ବାଜି ମାରିବ। ସୁଜାତା ବିଜେଡିରେ ଯୋଗ ଦେବା ପରେ ଧୀରେ ଧୀରେ ସଂଗଠନରେ ପରିବର୍ତ୍ତନ ସହ ଆଗକୁ ବଢୁଛନ୍ତି। ଆଉ ଏବେ ଏଥିରେ ସାମିଲ କରିଛନ୍ତି ଜେନ୍-ଜୀ'ମାନଙ୍କୁ। କାରଣ କେବଳ ଓଡ଼ିଶା ରାଜନୀତିରେ ନୁହେଁ, ସମଗ୍ର ଦେଶରେ ଜେନ୍-ଜୀ'ମାନେ ରାଜନୀତିରେ ବୟସ୍କମାନଙ୍କୁ ପଛକୁ ଠେଲିବାରେ ଲାଗିଛନ୍ତି। ଏହି ଧାରାରେ ଯିଏ ଯେତେ ଅଧିକ ସାମିଲ ହେବ ନିର୍ବାଚନ ରାଜନୀତିରେ ସିଏ ସେତେ ସଫଳ ହେବ। ଏହାକୁ ଦୃଷ୍ଟିରେ ରଖି ସୁଜାତା ଜେନ୍-ଜୀ'ମାନଙ୍କ ନିକଟତର ହେଉଥିବା ବେଳେ ବିଜେଡି ଏଥିରୁ କେତେକ ଲାଭ ଉଠାଇବ ତାହା ଆଗାମୀ ସମୟ ହିଁ କହିବ।

ସୁଭଦ୍ରା ଶକ୍ତି...

ଅମାନୁଷିକ ବ୍ୟବହାର ବିରୋଧରେ ମା' ତାରିଣୀ ଏସ୍‌ଏଚ୍‌ଜି ପକ୍ଷରୁ କଟକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଏଥିସହ ରାଜ୍ୟ ପୁଲିସ ପକ୍ଷରୁ ଅନ୍ୟାୟ ଭାବେ ଦାବି ଭଡ଼ାକୁ ପ୍ରତ୍ୟାହାର, ବିଜୁଳି-ପାଣି ସଂଯୋଗ ପୁନଃସ୍ଥାପନ, ହୋଇଥିବା କ୍ଷତିର ଭରଣା ଓ ମହିଳାଙ୍କୁ ଭିତରେ ରଖି ତାଲା ପକାଇଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏପଟେ ଜିଲ୍ଲା ପ୍ରଶାସନ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ ପରେ ଏସଏଚଜି ମହିଳାମାନଙ୍କୁ 'ଉଦ୍ୟୋଗୀ' ହେବା ନିମନ୍ତେ ପ୍ରୋତ୍ସାହିତ କରିବାକୁ ସରକାରଙ୍କ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ଅବ୍ୟବହୃତ ସରକାରୀ ସମ୍ପତ୍ତିକୁ ମାଗଣାରେ ହସ୍ତାନ୍ତର କରାଯାଉଛି। ପ୍ରଶାସନିକ ସ୍ତରରେ ଆଲୋଚନା ଓ ନିୟମାବଳୀ ବଳବତ୍ତର ଥିବା ସତ୍ତ୍ୱେ କୌଣସି ଲିଖିତ ନୋଟିସ୍ ନଦେଇ ଗତ ୨୨ ତାରିଖ ରାତିରେ ବିଲ୍ଡିଂ ସେକ୍ସନ କର୍ମଚାରୀମାନେ ଅତର୍କିତ ଭାବେ ପହଞ୍ଚି ମହିଳାମାନେ ଭିତରେ ଥିବା ସମୟରେ ହିଁ ଗେଟ୍‌ରେ ତାଲା ଝୁଲାଇଦେଇଥିଲେ। ପରଦିନ ସକାଳୁ ବିଜୁଳି ଓ ପାଣି ସଂଯୋଗ କାଟି ସମସ୍ତ ଆସବାବପତ୍ରକୁ ବାହାର ରଖି କ୍ୟାଣ୍ଟିନରେ ତାଲା ଝୁଲାଇ ଦେଇଥିଲେ। ଏହା ଓଡ଼ିଶା ପୁଲିସ ନୁହେଁ, ରାଜ୍ୟ ସରକାରଙ୍କ ମହିଳା ଏସଏଚଜି ନୀତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଚୋରବାଗାନ ଘଟଣାରେ ୬୦ ଜଣଙ୍କ ବୟାନ ରେକର୍ଡ

କୋଲକାତା, ୨୪।୧୦ (ସଂଚାର ବ୍ୟୁରୋ): ଚୋରବାଗାନ ଘଟଣାରେ ତଦନ୍ତକାରୀ ଦଳ ବର୍ତ୍ତମାନ ସୁଦ୍ଧା ୬୦ ଜଣଙ୍କ ବୟାନ ରେକର୍ଡ କରିଛନ୍ତି। ଘଟଣାସ୍ଥଳରେ ଉପସ୍ଥିତ ଥିବା ଓ ଭିଡ଼ ନିୟନ୍ତ୍ରଣରେ ସାମିଲ ଥିବା ପୁଲିସ ହୋମ୍ ଗାର୍ଡ, ସ୍ୱେଚ୍ଛାସେବୀ, ଘରୋଇ ସୁରକ୍ଷା କର୍ମୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କଠାରୁ ବୟାନ ନିଆଯାଇଛି। ଘଟଣା ସମୟରେ କେଉଁ ପ୍ରକାରର ଘୋଷଣା କରାଯାଇଥିଲା, ତାହା ଜାଣିବାକୁ ପୁଲିସ ମୁଖ୍ୟତଃ ଚେଷ୍ଟା କରୁଛି। ଏହାଛଡ଼ା, ପୁଲିସ ଗିରଫ ହୋଇଥିବା ସେଖୁ ଓ କାଲିଆଙ୍କ ସ୍

ମୃତ୍ୟୁ ପରେ ବି ସରୁନି ଦୁର୍ଦ୍ଦଶା

ମଶାଣିକୁ ନାହିଁ ରାସ୍ତା

ପଥରିଆ ରାସ୍ତା ଓ ଜଙ୍ଗଲ ଦେଇ ଯାଉଛି ମୃତଦେହ

୪୦୦ରୁ ଊର୍ଦ୍ଧ୍ୱ ପରିବାରଙ୍କ ଦୁଃଖ ଶୁଣିବ କିଏ ?

ବନ୍ଧୁଗାଁ,୨୪।୧୦ (ସଂଚାର ବ୍ୟୁରୋ): ଜୀବନ ଥିବା ଯାଏଁ ରାସ୍ତା ପାଇଁ ସଂଘର୍ଷ, ଆଉ ଜୀବନ ଚାଲିଗଲା ପରେ ଶେଷକୃତ୍ୟ ପାଇଁ ବି ସଂଘର୍ଷ। ଏଠି ମୃତ୍ୟୁ ପରେ ବି ମଣିଷର ଦୁର୍ଦ୍ଦଶା ସରୁନାହିଁ। ଗାଁରୁ ମଶାଣିକୁ ଯିବା ପାଇଁ ନାହିଁ ଉପଯୁକ୍ତ ରାସ୍ତା। ପଥରିଆ ଓ ସଂକୀର୍ଣ୍ଣ ପଥ ସାଙ୍ଗକୁ ଘଞ୍ଚ ଜଙ୍ଗଲ ଦେଇ ବୋହି ନେବାକୁ ପଡୁଛି ମୃତଦେହ। ଶୋକରେ ଭାଙ୍ଗିପଡ଼ିଥିବା ପରିବାର ପାଇଁ ଶେଷ ବିଦାୟ ମଧ୍ୟ ପାଲଟୁଛି ଆଉ ଏକ କଠିନ ପରୀକ୍ଷା। ଏଭଳି ଦୁରବସ୍ଥାର ଚିତ୍ର ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍‌ର ଜାଗୁଗୁଡ଼ା ଗ୍ରାମରେ।

ଗ୍ରାମରେ ୪୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କ ପାଇଁ ପୃଥକ୍ କବରସ୍ଥାନ ରହିଥିଲେ ମଧ୍ୟ ସେଠାକୁ ଯିବା ପାଇଁ ନାହିଁ ଆବଶ୍ୟକ ରାସ୍ତା। ବିଶେଷକରି ଅନୁସୂଚିତ ଜାତି ବର୍ଗର ପ୍ରାୟ ୨୫ଟି ପରିବାର ଏହି ସମସ୍ୟାରେ ଅଧିକ ହତ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ଅନ୍ୟ ସମ୍ପ୍ରଦାୟର ଲୋକମାନେ ମଧ୍ୟ ସମାନ ସମସ୍ୟା ଭୋଗୁଛନ୍ତି।

ଖରାଦିନେ କଷ୍ଟେମଷ୍ଟେ ଯାତାୟାତ କରିହେଉଥିବା ବେଳେ ବର୍ଷା ଆସିଲେ ସ୍ଥିତି ଅଧିକ ଜଟିଳ ହୋଇପଡୁଛି। ପଥରିଆ ରାସ୍ତା ଓ ଜଙ୍ଗଲିଆ ପଥ ଅତିକ୍ରମ କରି କବରସ୍ଥାନରେ ପହଞ୍ଚିବା ସହଜ ହେଉନାହିଁ। ପରିବାରର କେହି ଆତ୍ମୀୟଙ୍କ ମୃତ୍ୟୁ ହେଲେ ଶୋକାକୁଳ ପରିବେଶରେ ମୃତଦେହକୁ ଶେଷ ଠିକଣା ପର୍ଯ୍ୟନ୍ତ ନେବା ଲାଗି ନାନା ଅସୁବିଧାର ସାମ୍ନା କରିବାକୁ ପଡୁଛି। ଯେଉଁ ସମୟରେ ପରିବାରକୁ ସାନ୍ତ୍ୱନା ଓ ସହଯୋଗର ଆବଶ୍ୟକତା ରହିଛି, ସେହି ସମୟରେ ରାସ୍ତା ସମସ୍ୟା ସେମାନଙ୍କ ଯନ୍ତ୍ରଣାକୁ ଆହୁରି ବଢ଼ାଇ ଦେଉଛି।

ରାସ୍ତା ନାହିଁ, ଜମି ବିବାଦ ବି ଥମୁନାହିଁ :

କେବଳ ରାସ୍ତା ସମସ୍ୟା ନୁହେଁ, କବରସ୍ଥାନର କିଛି ଅଂଶକୁ ଗ୍ରାମର କେତେକ ବ୍ୟକ୍ତି ଅକ୍ତିଆର କରି ଚାଷ କରୁଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି। ଫଳରେ କବରସ୍ଥାନର ବ୍ୟବହାର ଓ ସୁରକ୍ଷାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଏହି ସମସ୍ୟାର ସମାଧାନ ପାଇଁ ପଞ୍ଚାୟତଠାରୁ ବ୍ଲକ୍ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଜଣାଇଥିଲେ ମଧ୍ୟ ଏଯାଏଁ କୌଣସି ସ୍ଥାୟୀ ସମାଧାନ ହୋଇନଥିବା ଗ୍ରାମବାସୀ କହିଛନ୍ତି।

ପ୍ରଶାସନ ଶୁଣିବ କେବେ ?

ମୃତ୍ୟୁ ପରେ ସତ୍ମାନର ସହ ଶେଷକୃତ୍ୟ ସମ୍ପନ୍ନ କରିବା ପ୍ରତ୍ୟେକ ପରିବାର ପାଇଁ ଅତ୍ୟନ୍ତ ଜରୁରୀ। ଏଥିପାଇଁ ଦୀର୍ଘଦିନର ସମସ୍ୟାକୁ ଆଉ ଅଣଦେଖା ନକରି ପ୍ରଶାସନ ତୁରନ୍ତ ରାସ୍ତା ନିର୍ମାଣ ଓ କବରସ୍ଥାନ ଜମିର ସୁରକ୍ଷା ଦିଗରେ ପଦକ୍ଷେପ ନେବା ଆବଶ୍ୟକ।

ଏବେ ବଡ଼ ପ୍ରଶ୍ନ— ଜାଗୁଗୁଡ଼ାବାସୀଙ୍କୁ ମଶାଣି ପର୍ଯ୍ୟନ୍ତ ରାସ୍ତା ମିଳିବ କେବେ ?

କାର୍ଯ୍ୟରତ ସୈନିକଙ୍କ ଅକାଳ ମୃତ୍ୟୁ

ଜନ୍ମମାଟିରେ ଶେଷକୃତ୍ୟ ସମ୍ପନ୍ନ

ହିଞ୍ଜିଳିକା.ଟୁ., ୨୪।୧୦ (ସଂଚାର ବ୍ୟୁରୋ): ହିଞ୍ଜିଳି ବ୍ଲକ୍ ତଥା ବେଲଗାଁ ଥାନା ଗଞ୍ଜଳା ବଡ଼ଧୋବାସାହିର ବାୟୁସେନାରେ କାର୍ଯ୍ୟରତ ସୈନିକ ବିଷ୍ଣୁ ସେଠାଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ଭାରତୀୟ ପ୍ରତିରକ୍ଷା ବିଭାଗର ଆସାମ ଏୟାର ବେସର ବାୟୁସେନାରେ ନିୟୋଜିତ ଥିଲେ। କାମାକ୍ଷା ସହରକୁ ବାଇକରେ ଆସିଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ତେବେ ଆଜି ତାଙ୍କର ମରଶରୀର ଏକ ସ୍ୱତନ୍ତ୍ର ଗାଡ଼ି ଯୋଗେ ନିଜ ଜନ୍ମମାଟି ଗଞ୍ଜଳାରେ ପହଞ୍ଚିଥିଲା | ଶରୀର ପହଞ୍ଚିବା ପରେ ପ୍ରଥମେ ଶୋଭାଯାତ୍ରା କରାଯାଇଥିଲା | ଗାଁ ପରିକ୍ରମା ସମୟରେ ଉଭୟପାର୍ଶ୍ୱ ଲୋକାରଣ୍ୟ ହୋଇଉଠିଥିଲା | ସୈନିକ ଯବାନଙ୍କୁ ହରାଇ କେବଳ ପରିବାର ନୁହେଁ, ବରଂ ପୂରା ଅଞ୍ଚଳ ଶୋକସନ୍ତପ୍ତ ହୋଇପଡ଼ିଛି । ମରଶରୀର ପହଞ୍ଚିବା ପରେ ଜ୍ଞାତିକୁଟୁମ୍ବ ତଥା ସାଥୀସହୋଦରଙ୍କ କାନ୍ଦବୋବାଳିରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା | ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିବା ସହ ସ୍ଥାନୀୟ ଅଞ୍ଚଳରେ ଶହ ଶହ ଲୋକଙ୍କ ଭିଡ଼ ଜମିଥିଲା । ପରେ ଗାଁ ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ଓ ଗାର୍ଡ ଅଫ୍ ଅନର ସହ ଜନ୍ମମାଟିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା | ଜଣେ କର୍ତ୍ତବ୍ୟରତ ଯବାନଙ୍କର ଏଭଳି ଅକାଳ ବିୟୋଗ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି ।

ଇଣ୍ଡିଆ ବ୍ଲକ୍ ଡାକରାରେ ସିପିଆଇଏମ୍-ସିଆଇଟିୟୁ ପକ୍ଷରୁ ପ୍ରତିବାଦ ଦିବସ ପାଳିତ

ଯାଜପୁର ରୋଡ଼, ୨୪।୧୦ (ସଂଚାର ବ୍ୟୁରୋ): ଇଣ୍ଡିଆ ବ୍ଲକ୍ ର ଆହ୍ୱାନ କ୍ରମେ ଦେଶବ୍ୟାପୀ ପ୍ରତିବାଦ ଦିବସ ପାଳନ ଅବସରରେ ସିପିଆଇଏମ୍ ଓ ସିଆଇଟିୟୁ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ଯାଜପୁର ରୋଡ଼ରେ ପ୍ରତିବାଦ ଶୋଭାଯାତ୍ରା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି।

ଏହି ପ୍ରରିପ୍ରେକ୍ଷୀରେ ଯାଜପୁର ରୋଡ଼ ରେଳ ଷ୍ଟେସନ ନିକଟରୁ ଶତାଧିକ କର୍ମୀ ଓ ସମର୍ଥକଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ବାହାରି ଗୋପବନ୍ଧୁ ଛକରେ ପହଞ୍ଚିଥିଲା। ସେଠାରେ ସିପିଆଇଏମ୍ ନେତା ତଥା ସିଆଇଟିୟୁ ଜିଲ୍ଲା ସଭାପତି କମରେଡ ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ତେବେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା, ଅବୈଧ ଏସ୍.ଆଇ.ଆର୍. ପ୍ରକ୍ରିୟା ବାତିଲ, ଭୋଟର ତାଲିକାରୁ ବାଦ ପଡ଼ିଥିବା ସମସ୍ତ ଯୋଗ୍ୟ ଭୋଟରଙ୍କ ନାମ ତୁରନ୍ତ ପୁନଃ ସଂଯୋଗ, ଗଣତନ୍ତ୍ର ଓ ମତଦାନ ଅଧିକାରର ସୁରକ୍ଷା ଭଳି ପ୍ରମୁଖ ଦାବି ରହିଥିଲା।

ଏହି ସଭାରେ ସିପିଆଇଏମ୍ ଯାଜପୁର ଜିଲ୍ଲା ସମ୍ପାଦକ ଡଃ. ନିର୍ମଳ ରଥ, ସୁରେଶ ସାହୁ, ପନି କିସ୍କୁ, ସୁରେଶ କୁମାର ସାହୁ, ଲିଟା ଲାଗୁରି, ମାଳତୀ ହାଁସଦା, ରବିନ୍ଦ୍ର ପାତ୍ର, ଗୁରୁବାରୀ ଲାଗୁରି, ଗାୟତ୍ରୀ ନାୟକ, ରଶ୍ମିରେଖା ନାୟକ, ଅନିତା ନାୟକ, ଜୟରାମ ମୁର୍ମୁ ପ୍ରମୁଖ ବକ୍ତବ୍ୟ ରଖି ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ କେନ୍ଦ୍ର ବିଜେପି ସରକାରଙ୍କ ନୀତିକୁ ତୀବ୍ର ସମାଲୋଚନା କରିଥିଲେ।

ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ବିଲେଇଗଡ଼-୧ରେ ପାଣି ଚାଲୁ କରିବାକୁ ଚାଷୀଙ୍କ ଦାବି

ସୁନ୍ଦରଗଡ଼, ୨୪।୧୦ (ସଂଚାର ବ୍ୟୁରୋ): ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ବିଲେଇଗଡ଼ -୧ ରେ ଜଳସେଚନ ପାଇଁ ପାଣି ଚାଲୁ କରିବାକୁ ବିଲେଇଗଡ଼ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। ଏନେଇ ଚାଷୀମାନେ ସମ୍ପୃକ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଛନ୍ତି। ଚାଷ କାର୍ଯ୍ୟରେ ଜଳସେଚନର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଉକ୍ତ ପ୍ରକଳ୍ପରେ ଶୀଘ୍ର ପାଣି ଚାଲୁ କରିବାକୁ ଚାଷୀମାନେ ଅନୁରୋଧ କରିଛନ୍ତି। ପ୍ରକଳ୍ପ ମାଧ୍ୟମରେ ଜଳସେଚନ ସୁବିଧା ଉପଲବ୍ଧ ହେଲେ ଚାଷ କାର୍ଯ୍ୟରେ ସହାୟତା ମିଳିପାରିବ ବୋଲି ଚାଷୀମାନେ ଆଶା ପ୍ରକାଶ କରିଛନ୍ତି।

ଚାଷୀମାନେ ପାଣି ପାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିବାର କିଛି ସମୟ ମଧ୍ୟରେ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପାଣି ଚଳାଇବା ଆରମ୍ଭ ହୋଇଯାଇଛି। ଏବେ ଚାଷୀ ମାନଙ୍କୁ ଟିକିଏ ଆଶ୍ୱସ୍ତି ମିଳିଛି । ଚାଷୀ ପ୍ରଫୁଲ୍ଲ କୁମାର ପଟେଲଙ୍କ ନେତୃତ୍ୱରେ ମାନସ କୁମାର ପଟେଲ, ରାଧାକାନ୍ତ ନାଏକ, କ୍ଷିତି କୁମାର ପଟେଲ, ପଦ୍ମନ ମହାନନ୍ଦିଆ,ଡେକା ମୁଣ୍ଡା, ଅନିରୁଦ୍ଧ ମହାନନ୍ଦିଆ ଓ ଗୁରୁଚରଣ ମହାନନ୍ଦିଆ ପାଣି ଚଳାଇବା ପାଇଁ ଦାବୀ କରିଥିଲେ ।

ରାବଣ ପୋଡ଼ି ମଞ୍ଚରେ ରାଜନୈତିକ କଟାକ୍ଷ

ବିଧାୟକ ଓ ପୂର୍ବତନ ମନ୍ତ୍ରୀଙ୍କ ବୟାନକୁ ନେଇ ଚର୍ଚ୍ଚା

ଟିଟିଲାଗଡ଼,୨୪।୧୦ (ସଂଚାର ବ୍ୟୁରୋ): ଟିଟିଲାଗଡ଼ ସହରରେ ଏଥର ରାବଣ ପୋଡ଼ି ସହ ରାଜନୈତିକ କଟାକ୍ଷ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ସହରରେ ଅନୁଷ୍ଠିତ ଦୁଇଟି ରାବଣ ଦହନ କାର୍ଯ୍ୟକ୍ରମରେ ବର୍ତ୍ତମାନର ବିଧାୟକ ଓ ପୂର୍ବତନ ମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ରାଜନୈତିକ ମହଲରୁ ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ଆଲୋଚନା ଜୋର ଧରିଛି। ଉଭୟ ନେତା ଟିଟିଲାଗଡ଼ର ସମ୍ମାନ, ବିକାଶ ଓ ଜନସ୍ୱାର୍ଥ ପାଇଁ କାମ କରୁଥିବା ଦାବି କରୁଥିବାବେଳେ ମଞ୍ଚରୁ ଦିଆଯାଇଥିବା ମନ୍ତବ୍ୟ ରାଜନୈତିକ ଚର୍ଚ୍ଚାକୁ ନୂଆ ଦିଗ ଦେଇଛି। ରାବଣ ଦହନର ଧାର୍ମିକ ଓ ସାଂସ୍କୃତିକ ପରିବେଶ ମଧ୍ୟରେ ରାଜନୈତିକ କଟାକ୍ଷ ଶୁଣି ଦର୍ଶକଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଥିବାବେଳେ ଏହାକୁ ନେଇ ସହରରେ ଭିନ୍ନଭିନ୍ନ ମତ ମଧ୍ୟ ପ୍ରକାଶ ପାଉଛି।

୨୫ ବର୍ଷ ବନାମ ଅଢ଼େଇ ବର୍ଷର ବିକାଶ!

ରାବଣ ପୋଡ଼ି ମଞ୍ଚରେ ଆରମ୍ଭ ହୋଇଥିବା ରାଜନୈତିକ ଚର୍ଚ୍ଚା ଏବେ ସୋସିଆଲ ମିଡ଼ିଆରେ ମଧ୍ୟ ପ୍ରତିଫଳିତ ହେଉଛି। ପୂର୍ବତନ ୨୫ ବର୍ଷର ଶାସନକାଳରେ ହୋଇଥିବା ବିକାଶ ଏବଂ ବର୍ତ୍ତମାନର ଅଢ଼େଇ ବର୍ଷର ଶାସନକାଳରେ ହୋଇଥିବା କାର୍ଯ୍ୟକୁ ନେଇ ସମର୍ଥକଙ୍କ ମଧ୍ୟରେ ଆରୋପ-ପ୍ରତ୍ୟାରୋପ ଚାଲିଛି। କେଉଁ ଶାସନକାଳରେ ଅଞ୍ଚଳର କେତେ ବିକାଶ ହୋଇଛି, ତାହାକୁ ନେଇ ସୋସିଆଲ ମିଡ଼ିଆରେ ଯୁକ୍ତିତର୍କ ଜୋର ଧରିଛି।

ତେବେ ରାଜନୈତିକ ଦଳର ସମର୍ଥକଙ୍କ ଏହି ବାକ୍‌ଯୁଦ୍ଧ ମଧ୍ୟରେ ଟିଟିଲାଗଡ଼ର ବାସ୍ତବ ବିକାଶ କେତେ ହୋଇଛି, ତାହାର ନିରପେକ୍ଷ ମୂଲ୍ୟାଙ୍କନ ଜରୁରି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

କଟାକ୍ଷ ନୁହେଁ, ବିକାଶ ହେଉ ମାପକାଠି

ଟିଟିଲାଗଡ଼ ସହରରେ ରାସ୍ତାଘାଟ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ନିଯୁକ୍ତି ଓ ଅନ୍ୟାନ୍ୟ ମୌଳିକ ସମସ୍ୟାକୁ ନେଇ ଲୋକଙ୍କ ଆଶା ଓ ଆକାଂକ୍ଷା ରହିଛି। ଏଭଳି ସ୍ଥିତିରେ କେଉଁ ନେତା ମଞ୍ଚରୁ କାହାକୁ କଟାକ୍ଷ କଲେ, ତାହାଠାରୁ ଅଧିକ ଗୁରୁତ୍ୱ ବହନ କରୁଛି ଜନସାଧାରଣଙ୍କ ସମସ୍ୟାର ସମାଧାନ ଏବଂ ବିକାଶମୂଳକ କାର୍ଯ୍ୟର ବାସ୍ତବ ଚିତ୍ର।

ଗଣତନ୍ତ୍ରରେ ରାଜନୈତିକ ସମାଲୋଚନା ଓ ବାକ୍‌ଯୁଦ୍ଧ ସ୍ୱାଭାବିକ। କିନ୍ତୁ ଏହା ଯେତେବେଳେ ଜନସମସ୍ୟାର ସମାଧାନ ଓ ବିକାଶର ଆଲୋଚନାକୁ ଆଗକୁ ନେବ, ସେତେବେଳେ ତାହାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବ। ଟିଟିଲାଗଡ଼ର ମାଟି, ମାନସମ୍ମାନ ଓ ସ୍ୱାର୍ଥ ପାଇଁ କାମ କରୁଥିବା ନେଇ ଦାବି କରୁଥିବା ନେତାମାନେ ନିଜ ନିଜର ପ୍ରତିଶ୍ରୁତିକୁ କାର୍ଯ୍ୟରେ କେତେ ପ୍ରତିଫଳିତ କରୁଛନ୍ତି, ତାହା ହିଁ ହେବ ଜନସାଧାରଣଙ୍କ ପାଇଁ ପ୍ରକୃତ ମାପକାଠି। ତେଣୁ ରାବଣ ପୋଡ଼ି ମଞ୍ଚର କଟାକ୍ଷ ଓ ସୋସିଆଲ ମିଡ଼ିଆର ବାକ୍‌ଯୁଦ୍ଧ ଭିତରେ ଟିଟିଲାଗଡ଼ର ବିକାଶ କେତେ ଆଗେଇଛି, ତାହା ଆଗାମୀ ଦିନରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହୋଇ ରହିବ

ବାଇକ୍ ଡିକି ଭାଙ୍ଗି ୨.୧୫ ଲକ୍ଷ ଲୁଟ

ହିଞ୍ଜିଳିକାଟୁ,୨୪।୧୦ (ସଂଚାର ବ୍ୟୁରୋ): ବାଇକ ରଖି ଚା ପିଇବାକୁ ଯାଇଥିବା ବେଳେ ହିଞ୍ଜିଳିକାଟୁ ବସଷ୍ଟାଣ୍ଡ ନିକଟରେ ବାଇକ ଡିକି ଭାଙ୍ଗି ୨ ଲକ୍ଷ ୧୫ ହଜାର ଟଙ୍କା ଲୁଟି ନେଲେ ଦୁବୁର୍ତ୍ତ | ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି |

ସୂଚନା ଅନୁସାରେ , ହିଞ୍ଜିଳି ଥାନା ପିଉଳ ଗ୍ରାମ ପାତ୍ର ସାହିର ପିଙ୍କୁ ପରିଡ଼ା ଶୁକ୍ରବାର ପୂର୍ବାହ୍ନରେ ଏସବିଆଇ ଶାଖାରୁ ୨ ଲକ୍ଷ ୧୫ ହଜାର ଟଙ୍କା ଉଠାଇ ବାଇକ୍ ଡିକିରେ ରଖି ବାହାରିଥିଲେ | ପରେ ବସଷ୍ଟାଣ୍ଡ ନିକଟରେ ବାଇକ ରଖି ଚା ପିଇବାକୁ ଯାଇଥିଲେ | ସେଠାରେ ଜଣେ ଅଚିହ୍ନା ଯୁବକ ୩୦୦ ଟଙ୍କା ପକାଇ ଟଙ୍କା ପଡିଗଲା ବୋଲି ପିଙ୍କୁ ପରିଡ଼ାଙ୍କୁ କହିଥିବା ବେଳେ ଶ୍ରୀ ପରିଡା ମୋର ନାହିଁ କହିଥିଲେ | ପରେ ବାଇକକୁ ଦେଖିଲା ପରେ ବାଇକ ଡିକି ଭଙ୍ଗାଯାଇଥିବା ଏବଂ ଟଙ୍କା ନଥିବା ଦେଖି ସେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ | ତେବେ ଦୁର୍ବୃତ୍ତମାନେ ପୂର୍ବରୁ ପିଛା କରୁଥିବା ନେଇ ଅନୁମାନ କରାଯାଉଛି | ପରେ ଏ ନେଇ ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି ପିଙ୍କୁ ପରିଡ଼ା | ପୋଲିସ ୭୮୫/୨୦୨୬ ନମ୍ବରରେ ଏକ ମାମଲା ରୁଜୁ କରି ବସଷ୍ଟାଣ୍ଡ ଓ ସମ୍ପୃକ୍ତ ବ୍ୟାଙ୍କର ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ କିଛି ଜଣକୁ ଅଟକ ରଖି ପଚରାଉଚରା କରିବା ସହ ଘଟଣାର ତଦନ୍ତ ଜାରି ରଖିଛି |

ସତ୍ୟବାଦୀ ବ୍ଲକ ଭଙ୍ଗାରୁଜା ଘଟଣା

ଆଉ ୨ ଗିରଫ, କୋର୍ଟ ଚାଲାଣ

ସତ୍ୟବାଦୀ,୨୪।୧୦ (ସଂଚାର ବ୍ୟୁରୋ): ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ଭଙ୍ଗାରୁଜା ଘଟଣାରେ ପୋଲିସ ଆଉ ୨ ଜଣ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ନୂଆବୁଢ଼ାକେରା ଗ୍ରାମର ନିରଞ୍ଜନ ଦୀକ୍ଷିତ ଓ ଭଟପୁର ପ୍ରଧାନସାହିର ପ୍ରହ୍ଲାଦ ମଲ୍ଲିକ। ଉଭୟଙ୍କୁ ସତ୍ୟବାଦୀ ଜେଏମ୍‌ଏଫ୍‌ସି କୋର୍ଟରେ ଚାଲାଣ କରାଯାଇଛି।

ପୁଲିସ ଅନୁଯାୟୀ, ସତ୍ୟବାଦୀ ବ୍ଲକର ବିଡିଓ ଦେବାଶିଷ ନାୟକଙ୍କ ଅଭିଯୋଗ ଆଧାରରେ ୧୪ ଅକ୍ଟୋବରରେ ସତ୍ୟବାଦୀ ଥାନାରେ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଅନୁସାରେ, ସେହିଦିନ ଦିନ ପ୍ରାୟ ୧୨ଟା ୩୦ରେ ୧୦୦ରୁ ୧୫୦ ଜଣଙ୍କ ଏକ ଗୋଷ୍ଠୀ ଜାତୀୟ ରାଜପଥ-୩୧୬ ପଟୁ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଅଭିଯୋଗ ଅନୁଯାୟୀ, ଗୋଷ୍ଠୀର କିଛି ବ୍ୟକ୍ତି ଜୋରଜବରଦସ୍ତ ବ୍ଲକ କାର୍ଯ୍ୟାଳୟ ଭିତରେ ଥିବା ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ପ୍ରବେଶ କରି ସରକାରୀ ସମ୍ପତ୍ତି ନଷ୍ଟ କରିବା ସହ ବିଭିନ୍ନ ସରକାରୀ ରେକର୍ଡ ଓ କାଗଜପତ୍ର ଚିରି କ୍ଷତିଗ୍ରସ୍ତ କରିଥିଲେ। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ସତ୍ୟବାଦୀ ଥାନାର ଏସ୍‌ଆଇ ବୁଲୁ ସେଠୀ ତଦନ୍ତ ଜାରି ରଖିଛନ୍ତି। ମାମଲାରେ ବିଏନ୍‌ଏସ୍‌ର ବିଭିନ୍ନ ଧାରା ସହ ପିଡିପିପି ଆଇନର ଧାରା ୩(୧) ଲାଗୁ କରାଯାଇଛି।

ସତ୍ୟବାଦୀ ବ୍ଲକ ଭଙ୍ଗାରୁଜା ଘଟଣା

ସାମୟିକ ଭାବେ ବିଜେଡିର ଧାରଣା ପ୍ରତ୍ୟାହୃତ

ସତ୍ୟବାଦୀ,୨୪।୧୦ (ସଂଚାର ବ୍ୟୁରୋ): ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ଭଙ୍ଗାରୁଜା ଘଟଣାକୁ ନେଇ ଦୀର୍ଘ ୧୧ ଦିନ ଧରି ଚାଲିଥିବା ବିଜେଡିର ଧାରଣା ଶନିବାର ସାମୟିକ ଭାବେ ପ୍ରତ୍ୟାହୃତ ହୋଇଛି। ସମ୍ଭାବ୍ୟ ବାତ୍ୟା ପରିସ୍ଥିତି ସହ ପୋଲିସର ଚଢ଼ାଉ ଓ ଗିରଫଦାରୀ ଜାରି ରହିଥିବାରୁ ଦଳୀୟ କର୍ମୀ ଓ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଧାରଣା ପ୍ରତ୍ୟାହାର କରାଯାଇଥିବା ବିଜେଡି ପକ୍ଷରୁ କୁହାଯାଇଛି। ଘଟଣା ପରେ ପୂର୍ବରୁ ୪ ଜଣଙ୍କୁ ପୋଲିସ ଗିରଫ କରିଥିବାବେଳେ ଆଉ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପୋଲିସ କାର୍ଯ୍ୟାନୁଷ୍ଠାନ ଜାରି ଥିବାରୁ ଏହି ସମୟରେ ଧାରଣା ଜାରି ରଖିବା ଅପେକ୍ଷା ସାମୟିକ ବିରତି ନେବାକୁ ଦଳ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି।

ସ୍ଥାନୀୟ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଓ ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଲିକଙ୍କ ସହ ଆଲୋଚନା ପରେ ବିଜେଡି ନେତା ଉମାକାନ୍ତ ସାମନ୍ତରାୟ ଗଣମାଧ୍ୟମକୁ ଏ ସମ୍ପର୍କରେ ସ

Ministry of Home Affairs
Government of India

ଉତ୍ସାହିତ କରନ୍ତୁ ସେହି ବୀରମାନଙ୍କୁ
ଯେଉଁମାନେ ପରାସ୍ତ କରିଥିଲେ
ନକ୍ସଲବାଦକୁ

ଆଭ୍ୟନ୍ତରୀଣ ସୁରକ୍ଷା
ବାହିନୀକୁ ସଲାମ

ଜାତୀୟ ଏକତା ଦିବସ
୩୧ ଅକ୍ଟୋବର, ୨୦୨୬
ଏକତା ନଗର, ଗୁଜରାଟ

ଏକତାର ବିବିଧ ରଙ୍ଗ ଦେଖନ୍ତୁ,
ଗୋଟିଏ ସ୍ଥାନରେ

ଜାତୀୟ ଏକତା ଦିବସ
୩୧ ଅକ୍ଟୋବର, ୨୦୨୬
ଏକତା ନଗର, ଗୁଜରାଟ

Rashtriya Ekta Diwas
31st OCTOBER, 2026
Statue of Unity, Ekta Nagar, Gujarat

ସୂଚନା ଏବଂ ରହିବା ପାଇଁ ସ୍ଥାନ ବୁକ୍ କରିବାକୁ ସ୍କାନ କରନ୍ତୁ
କିମ୍ବା ପରିଦର୍ଶନ କରନ୍ତୁ rashtriyaektadiwas.com

ଶ୍ରୀ ନରେନ୍ଦ୍ର ମୋଦି
ମାନନୀୟ ପ୍ରଧାନମନ୍ତ୍ରୀ

CBC 19101/13/0018/2627

ବାତ୍ୟା ମୁକାବିଲା ପାଇଁ ସରକାରଙ୍କ ପ୍ରସ୍ତୁତି

● ସମସ୍ତ ବିଭାଗକୁ ସତର୍କ ରହିବାକୁ ନିର୍ଦ୍ଦେଶ
● ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଉପରେ ଗୁରୁତ୍ୱ



ଭୁବନେଶ୍ୱର,୨୪।୧୦(ସଂଚାର ବ୍ୟୁରେ): ସମ୍ଭାବ୍ୟ ବାତ୍ୟାର ମୁକାବିଲା ଓ ଧନଜୀବନ କ୍ଷୟକ୍ଷତି ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କୃଷି, ଶକ୍ତି, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ଓ ଜଳସମ୍ପଦ ବିଭାଗ ସମେତ ଅଗ୍ନିଶମ ସେବା ଓ ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ କାର୍ଯ୍ୟାନୁଷ୍ଠାନ ବାହିନୀ (ଓଡ୍ରାଫ୍) କୁ ସଜାଗ ରଖାଯାଇଛି। ଜରୁରିକାଳୀନ ପରିସ୍ଥିତିରେ ତ୍ୱରିତ ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ସୁନିଶ୍ଚିତ କରିବା ସହ ଆବଶ୍ୟକ ମାନବ ସମ୍ବଳ ଓ ଯନ୍ତ୍ରପାତି ପ୍ରସ୍ତୁତ ରଖିବାକୁ ଗୁରୁତ୍ୱ ଦିଆଯାଇଛି।

ବାତ୍ୟା ଓ ବର୍ଷା ଯୋଗୁଁ ଫସଲର କ୍ଷୟକ୍ଷତି ହ୍ରାସ କରିବାକୁ କୃଷକଙ୍କ ପାଇଁ ଆବଶ୍ୟକ ପରାମର୍ଶ ଜାରି କରାଯାଇଛି। ୮୦ରୁ ୮୫ ପ୍ରତିଶତ ପାଚିଥିବା ଧାନକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖିବା ସହ ଅମଳ ହୋଇଥିବା ଫସଲକୁ ପଲିଥିନ୍‌ରେ ଘୋଡ଼ାଇ ରଖିବାକୁ କୁହାଯାଇଛି। ଅତିରିକ୍ତ ବର୍ଷାଜଳ ନିଷ୍କାସନ ପାଇଁ ଜମିରେ ଥିବା ନାଳଗୁଡ଼ିକୁ ସଫା ରଖିବା ଏବଂ ସାର ଓ କୀଟନାଶକ ପ୍ରୟୋଗକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ପାଚିଥିବା ମକା, ମାଣ୍ଡିଆ, ମୁଗ, ବିରି, ଅନ୍ୟାନ୍ୟ ଡାଲିଜାତୀୟ ଫସଲ ଓ ଅମଳ ଉପଯୋଗୀ ପନିପରିବାକୁ ବର୍ଷା ପୂର୍ବରୁ ଅମଳ କରିବାକୁ କୁହାଯାଇଛି। ବର୍ଷା ପରେ ଜମିରୁ ଜଳ ନିଷ୍କାସନ, ପନିପରିବା ମାଣ୍ଡାକୁ ସୁଦୃଢ଼ କରିବା ଏବଂ ଫସଲରେ ଜୀଟ ଓ ରୋଗ ଚିହ୍ନଟ କରି ଉପଯୁକ୍ତ ଉପଚାର ଉପରେ ଗୁରୁତ୍ୱ ଦିଆଯାଇଛି। ବାତ୍ୟା ମୁକାବିଲା ପାଇଁ ବିଦ୍ୟୁତ୍ ବିତରଣ ସଂସ୍ଥାଗୁଡ଼ିକୁ ବିପର୍ଯ୍ୟୟ ପରିଚାଳନା ଯୋଜନା ସକ୍ରିୟ କରିବା ସହ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍ ଲାଇନ୍ ନିକଟରେ ଥିବା ଗଛଡାଳ କାଟିବା ସହ ବିଦ୍ୟୁତ୍ ଖୁଣ୍ଟ, ଟ୍ରାନ୍ସଫର୍ମର, ତାର ଓ ଅନ୍ୟାନ୍ୟ ଆବଶ୍ୟକ ଯନ୍ତ୍ରପାତି ମହଜୁଦ ରଖାଯାଇଛି। ଗ୍ରୀଡକୋ, ଓପିଟିସିଏଲ, ଏସଏଲଡିସି ଓ ବିଦ୍ୟୁତ୍ ବିତରଣ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ପାଇଁ ଗ୍ରୀଡକୋକୁ କେନ୍ଦ୍ର କରି ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରାଯାଇଛି। ବିଦ୍ୟୁତ୍ ଯୋଗାଣ ବ୍ୟାହତ ହେବାର ଆଶଙ୍କା ହ୍ରାସ, ତ୍ୱରିତ ପୁନରୁଦ୍ଧାର ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ଆବଶ୍ୟକ ବ୍ୟବସ୍ଥା ସହ ଯୋଗାଯୋଗ ଓ ପରିବହନ ସାମଗ୍ରୀ ମହଜୁଦ ରଖାଯାଇଛି।

ସେହିପରି ସମୁଦ୍ରରେ ଥିବା ସମସ୍ତ ମତ୍ସ୍ୟଜୀବୀଙ୍କୁ ଆଜି ସୁଦ୍ଧା କୂଳକୁ ଫେରିଆସିବା ଏବଂ ଗଭୀର ସମୁଦ୍ରକୁ ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାଣୀ ଚିକିତ୍ସାଳୟ, ଡିସ୍ପେନ୍‌ସାରୀ ଓ ପ୍ରାଣୀ ସହାୟତା କେନ୍ଦ୍ରଗୁଡ଼ିକରେ ଆବଶ୍ୟକ ଔଷଧ ମହଜୁଦ ରଖିବା ସହ ଗୋରୁଗାଈଙ୍କ ସୁରକ୍ଷା ଓ ଗୋଖାଦ୍ୟ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଛି। ଜିଲ୍ଲା ଓ ବ୍ଲକ୍ ସ୍ତରରେ ପର୍ଯ୍ୟାୟ କ୍ରମେ କଣ୍ଟ୍ରୋଲ ରୁମ୍ ପରିଚାଳନା ସହ ଜରୁରିକାଳୀନ ପ୍ରାଣୀ ଚିକିତ୍ସା ଔଷଧ ଓ ଟିକା ଉପଲବ୍ଧ ରଖାଯିବ। ଏଥିସହ ବ୍ଲକ୍ ସ୍ତରରେ ଭେଟେରିନାରି ରାପିଡ୍ ରେସ୍‌ପନ୍ସ ଟିମ୍ ଗଠନ କରାଯିବାକୁ ବ୍ୟବସ୍ଥା ହୋଇଛି। ବିଭାଗ ପକ୍ଷରୁ ନିର୍ଦ୍ଧାରିତ ମାନକ ପରିଚାଳନା ପ୍ରକ୍ରିୟା (ଏସଓପି) ଅନୁଯାୟୀ ପ୍ରସ୍ତୁତି ନିଆଯାଇଛି। ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରାଯିବା ସହ ବାତ୍ୟା ଓ ବନ୍ୟା ପରିସ୍ଥିତି ଉପରେ ନଜର ରଖାଯାଇଛି। ଅନୁମତି ବିନା ଅଧିକାରୀମାନେ ମୁଖ୍ୟାଳୟ ଛାଡ଼ି ନ ଯିବାକୁ ନିର୍ଦ୍ଦେଶ ରହିଛି। କଚ୍ଚାଘର ଓ ବିପଦପୂର୍ଣ୍ଣ ଗୃହରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା, ନିମ୍ନାଞ୍ଚଳରେ ଜଳଯୋଗାଣ ବ୍ୟବସ୍ଥା ଓ ପମ୍ପଗୁଡ଼ିକୁ ପ୍ରସ୍ତୁତ ରଖିବା ଓ ରିଲିଫ୍ କରିଡରକୁ ଯାତାୟାତ ଉପଯୋଗୀ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି।

ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ବାତ୍ୟା ଓ ବନ୍ୟା କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଛି। ଫ୍ଲଡ୍ ସେଲ୍ ଓ ଜିଲ୍ଲା ପ୍ରଶାସନ ସହ ନିୟମିତ ଯୋଗାଯୋଗ ରଖାଯାଇଛି। ପୁନରୁଦ୍ଧାର କାର୍ଯ୍ୟର ସମନ୍ୱୟ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ରାସ୍ତା ମରାମତି, ପଡ଼ିଥିବା ଗଛ ଓ ଆବର୍ଜନା ସଫା କରିବା, ବନ୍ଧର କ୍ଷତିଗ୍ରସ୍ତ ଅଂଶ ମରାମତି କରିବା ଏବଂ ଯୋଗାଯୋଗ ପଥ ପୁନରୁଦ୍ଧାର ପାଇଁ ଆବଶ୍ୟକ ମାନବସମ୍ବଳ, ଯନ୍ତ୍ରପାତି ଓ ସାମଗ୍ରୀ ପ୍ରସ୍ତୁତ ରଖାଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ଜଳଭଣ୍ଡାରଗୁଡ଼ିକର ଜଳସ୍ତର ଓ ନଦୀବନ୍ଧର ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି। ନଦୀବନ୍ଧର ସୁରକ୍ଷା, ଆବଶ୍ୟକ ସ୍ଥଳେ ଅତିରିକ୍ତ ଜଳ ନିଷ୍କାସନ ଏବଂ ସମ୍ଭାବ୍ୟ ବନ୍ୟା ନିୟନ୍ତ୍ରଣ ପାଇଁ ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ପାଇଁ ଅଗ୍ନିଶମ ସେବା ଟିମ୍‌ଗୁଡ଼ିକୁ ସଜାଗ ରଖାଯାଇଛି। ଉଦ୍ଧାରକାରୀ ଯନ୍ତ୍ରପାତି, ଇନଫ୍ଲେଟେବଲ୍ ବୋଟ୍ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ସହ ତ୍ୱରିତ ସହାୟତା ଯୋଗାଇବା ପାଇଁ ଟିମ୍‌ଗୁଡ଼ିକ ପ୍ରସ୍ତୁତ ରହିଛନ୍ତି।

ସମ୍ଭାବ୍ୟ ବାତ୍ୟା ଭୟ

ଦୁର୍ଗାପୂଜା, ଲକ୍ଷ୍ମୀପୂଜା ତୋରଣ ଖୋଲିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୪।୧୦(ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟାକୁ ନଜର ରଖି ସମସ୍ତ ଏନଏସି, ମ୍ୟୁନିସିପାଲିଟି ଏବଂ ମହାନଗର ନିଗମକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ମଣ୍ଡପରେ ହୋଇଥିବା ତୋରଣ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚୁରନ୍ତ ଦୁର୍ଗାପୂଜା ମଣ୍ଡପଗୁଡ଼ିକର ତୋରଣ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାରେ ପବନର ବେଗ ଏବଂ ପ୍ରବଳ ବର୍ଷାକୁ ନଜରରେ ରଖି କୌଣସି କ୍ଷୟକ୍ଷତି ଯେଭଳି ନହୁଏ, ସେଥିପାଇଁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ସେହିଭଳି ଲକ୍ଷ୍ମୀପୂଜା ମଣ୍ଡପରେ ତୋରଣ ପାଇଁ ମଧ୍ୟ ସମାନ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି ମନ୍ତ୍ରୀ। ଅନ୍ୟପକ୍ଷରେ ବାତ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକରେ ସ୍କୁଲ ଛୁଟି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳମାନେ ଏନେଇ ନିଜେ ନିଷ୍ପତ୍ତି ନେଇପାରିବେ। ବିଶେଷକରି ଦକ୍ଷିଣ ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟାର ପ୍ରଭାବ ଅଧିକ ରହିବ। କୋରାପୁଟ, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଭଳି ଜିଲ୍ଲାରେ ଏହାର ପ୍ରଭାବ ଅଧିକ ରହିବ ବୋଲି ଆକଳନ କରାଯାଇଛି।

● ପରକୀୟା ପ୍ରେମ ପାଇଁ ସ୍ୱାମୀକୁ ହତ୍ୟା

ପ୍ରେମିକ ସହ ସ୍ତ୍ରୀ ଗିରଫ

ଅନୁଗୋଳ,୨୪।୧୦(ସଂଚାର ବ୍ୟୁରୋ): ନିଜ ପ୍ରେମ ପାଇଁ ସ୍ୱାମୀକୁ ହତ୍ୟା କରିଛି ସ୍ତ୍ରୀ। ସ୍ତ୍ରୀ ନିଜ ପ୍ରେମିକ ସହ ସ୍ୱାମୀକୁ ମାରିଦେଲା। କୁରାଢ଼ିରେ ଅତି ନିର୍ମମ ଭାବେ ହତ୍ୟା କଲା ସ୍ତ୍ରୀ। ସ୍ୱାମୀକୁ ଚିକେନ୍ ତରକାରୀରେ ବିଷ ଦେଇ ଗଳା ଚିପିବା ସହ କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ଘଟଣାରେ ପୁଲିସ ଅଭିଯୁକ୍ତ ସ୍ତ୍ରୀ ଓ ତାଙ୍କ ପ୍ରେମିକଙ୍କୁ ଗିରଫ କରିଛି। ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା କଣଲୋଇ ଗାଁରେ ଅଭାବନୀୟ ଘଟଣା। ଦିଲ୍ଲୀପ ସେଠୀଙ୍କ ସ୍ତ୍ରୀ ସୌଦାମିନୀଙ୍କ ସହ ନୂଆଗାଁ ବଡ଼ସାହିର ଖଗେଶ୍ୱରଙ୍କର ଅବୈଧ ପ୍ରେମ ସମ୍ପର୍କ ଥିଲା। ଏହାକୁ ଦିଲ୍ଲୀପ ପ୍ରତିରୋଧ କରୁଥିଲେ। ତେଣୁ ସ୍ତ୍ରୀ ଓ ତାଙ୍କ ପ୍ରେମିକ ଉଭୟ ତାଙ୍କୁ ରାସ୍ତାରୁ ହଟାଇବାକୁ ଚକ୍ର-ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଗାଁରେ ଅପେରା ଚାଲୁଥିବା ବେଳେ ଯୋଜନା ମୁତାବକ ଦିଲ୍ଲୀପଙ୍କୁ ହତ୍ୟା କରାଯାଇଥିଲା। ତିକେନ୍ ତରକାରୀରେ ମୃଷା ମାରିବା ବିଷ ମିଶାଇ ଖାଇବାକୁ ଦେଇଥିଲେ ସ୍ତ୍ରୀ। ଦିଲ୍ଲୀପ ଅଚେତ ହୋଇପଡ଼ିବା ପରେ ତାଙ୍କ ଗଳା ଚିପିବା ସହ କୁରାଢ଼ିରେ ମୁଣ୍ଡକୁ ପ୍ରହାର କରି ହତ୍ୟା କରିଥିଲେ ଅଭିଯୁକ୍ତ। ଏହାପରେ ପ୍ରମାଣ ନଷ୍ଟ ଓ ନିଜକୁ ନିର୍ଦ୍ଦୋଷ ଦର୍ଶାଇବା ଲାଗି ଉଭୟେ ଅପେରା ଦେଖିବାକୁ ଚାଲିଯାଇଥିଲେ। ରାତି ପ୍ରାୟ ୨ଟା ୪୦ରେ ଘରକୁ ଫେରି ଅଜଣା ଦୁର୍ବୃତ୍ତ ଆକ୍ରମଣ କରିଥିବା ଭଳି ନାଟକ କରିଥିଲେ। ମୃତକଙ୍କ ମା'ଙ୍କ ଅଭିଯୋଗ ଆଧାରରେ ବାଗଡ଼ିଆ ପୁଲିସ ଓ ଅନୁଗୋଳ ସାଇଣ୍ଟିଫିକ୍ ଟିମ୍ ଘଟଣାର ଖୋଲତାଡ଼ କରି ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିବା ସହ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଲକ୍ଷେରୁ ଊର୍ଦ୍ଧ୍ୱ ଟଙ୍କା ସହ ୯ ମୋବାଇଲ ଜବତ, ୭ ଗିରଫ

ଗଞ୍ଜାମ,୨୪।୧୦(ସଂଚାର ବ୍ୟୁରୋ): ରମ୍ଭା ଥାନା ପୁଲିସକୁ ଆଜି ମିଳିଛି ବଡ଼ ସଫଳତା। ପୋଇରାଶି ପଞ୍ଚାୟତ ବରପଲ୍ଲୀ ଓ ଭୁଆଁଭୂଇଁ ଗ୍ରାମ ନିକଟସ୍ଥ ଠାକୁରାଣୀ ମନ୍ଦିରଠାରେ ଜୁଆଆଡ୍ଡା ଚାଲିଥିବା ବେଳେ ରମ୍ଭା ଥାନା ଆଇଆଇସି କୁମାର ମୁଦୁଲିଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରିଥିଲା। ସେଠାରୁ ୭ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧ ଲକ୍ଷ ୬ ହଜାର ଟଙ୍କା ସହ ୯ଟି ମୋବାଇଲ୍ ଜବତ କରିଛି ରମ୍ଭା ପୁଲିସ। ଗିରଫ ବ୍ୟକ୍ତିମାନେ ଅଜୟ ବେହେରା, ରବୀନ୍ଦ୍ର ନାଥ ବେହେରା, ନରସିଂହ ବେହେରା, ଜୟଦେବ ବେହେରା, ପ୍ରଶାନ୍ତ ବେହେରା, ସୁଶାନ୍ତ ବେହେରା ଓ ଅଶୋକ ବେହେରା ବୋଲି ରମ୍ଭା ଥାନା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

ରେଳ ଧାରଣାରୁ ପୁଲିସ ଏଏସଆଇଙ୍କ ମୃତଦେହ ଉଦ୍ଧାର

କଟକ, ୨୪।୧୦ (ସଂଚାର ବ୍ୟୁରୋ): ରେଳ ଧାରଣାରୁ ମିଳିଛି ଏଏସଆଇଙ୍କ ମୃତଦେହ। କଟକ ଲିଙ୍କ୍ ରୋଡ୍ କାଠଯୋଡ଼ି ଷ୍ଟେସନ୍ ନିକଟ ରେଳ ଧାରଣାରୁ ପୁଲିସ ଏଏସଆଇଙ୍କ ମୃତଦେହ ମିଳିଛି। ମୃତକ ଏଏସ୍‌ଆଇ ଜଣଙ୍କ ହେଲେ ଜିତେନ୍ଦ୍ର ସମାନ୍ତରାୟ। ତେବେ ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୁଲିସ ଘଟଣାର ତଦନ୍ତ କରୁଛି। ତେବେ କେଉଁ ପରିସ୍ଥିତିରେ ଓ କିପରି ତାଙ୍କ ମୃତଦେହ ଟ୍ରେନ ଟ୍ରାକ୍‌କୁ ଆସିଲା, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ଏହା ଏକ ଦୁର୍ଘଟଣା, ଆତ୍ମହତ୍ୟା ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି, ସେନେଇ ଜିଆରପି ଓ ସ୍ଥାନୀୟ ପୁଲିସ ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ଘଟଣାସ୍ଥଳରୁ ଆବଶ୍ୟକ ନମୁନା ସଂଗ୍ରହ କରିବା ସହ ତାଙ୍କ ପରିବାର ଲୋକ ଓ ସହକର୍ମୀଙ୍କୁ ପଚରାଉଚରା ଚଳାଇଛି। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ଭାଲୁ ଆକ୍ରମଣରେ ପରିବା ତୋଳିବାକୁ ଯାଇଥିବା ମହିଳାଙ୍କ ମୃତ୍ୟୁ



ବୋରିଗୁମ୍ଭା,୨୪।୧୦ (ସଂଚାର ବ୍ୟୁରୋ) : ବାଡ଼ିରେ ଲୁଚିଥିଲା ଭାଲୁ । ପରିବା ତୋଳିବାକୁ ଯାଇଥିବା ବେଳେ ମହିଳାଙ୍କୁ କଲା ଆକ୍ରମଣ। ଏଥିରେ ମହିଳାଙ୍କ ମତ୍ୟୁ ଘଟିଥିବା ବେଳେ, ଭାଲୁଟି ଜଙ୍ଗଲ ଭିତରକୁ ଚାଲିଯାଇଥିବା ଜଣାପଡ଼ିଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବୋରିଗୁମ୍ଭା ବ୍ଲକ୍ ବୋଡ଼ିଗାଁ ଟେକିଗୁଡ଼ା ଗାଁରେ । ମୃତକ ହେଉଛନ୍ତି ଗାଁର ପାର୍ବତୀ ମୁଦୁଲି (୭୨) । ସୂଚନା ଅନୁସାରେ, ପାର୍ବତୀ ମୁଦୁଲି ଅପରାହ୍ଣରେ ପରିବା ତୋଳିବା ପାଇଁ ଘର ପଛପଟ ବାଡ଼ିକୁ ଯାଇଥିଲେ। ସେହି ସମୟରେ ସେଠାରେ ଥିବା ଏକ ମାଆ ଭାଲୁ ଏବଂ ତା'ର ଦୁଇଟି ଛୁଆ ଭାଲୁ ପାର୍ବତୀଙ୍କୁ ଆକ୍ରମଣ କରି କ୍ଷତାକ୍ତ କରିପକାଇଥିଲେ। ଏଥିରେ ମହିଳା ଜଣକ ଗୁରୁତର ଆହତ ହୋଇପଡ଼ିଥିଲେ । ତେବେ ତାଙ୍କ ଚିତ୍କାର ଶୁଣି ଗାଁ ଲୋକ ପହଞ୍ଚି ଭାଲୁକୁ ଘଉଡ଼ାଇଥିଲେ। ଆଉ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପାର୍ବତୀଙ୍କୁ ଉଦ୍ଧାର କରି କୁମୁଲି ମେଡ଼ିକାଲ ଓ ପରେ ବୋରିଗୁମ୍ଭା ମେଡ଼ିକାଲ ନେଇଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ଗାଁ ଲୋକେ ଅଭିଯୋଗ ଅନୁସାରେ, ପ୍ରାୟ ଦୁଇ ମାସ ଧରି ବୋଡ଼ିଗାଁ ଅଞ୍ଚଳରେ ଭାଲୁ ଆତଙ୍କ ଦେଖା ଦେଇଛି। ଏନେଇ ବନ ବିଭାଗକୁ ଅବଗତ କରାଯାଇଛି। ହେଲେବି ଭାଲୁ ଆସି ଆକ୍ରମଣ କରିବା ବିଭାଗ ପକ୍ଷରୁ କରାଯାଉଥିବା ପାଟ୍ରୋଲିଂ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

● ଜାତୀୟ ସହରାଞ୍ଚଳ ସମ୍ମିଳନୀରେ ଓଡ଼ିଶାର ସୁଲଭ ଗୃହନିର୍ମାଣ ଆଭିମୁଖ୍ୟ

'ବନ୍ଧୁ' ଯୋଜନା, ନୀତିଗତ ସଂସ୍କାର ମଡେଲ୍ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୪।୧୦(ସଂଚାର ବ୍ୟୁରୋ): ସହରାଞ୍ଚଳରେ ଗୃହର ଚାହିଦା ଓ ଯୋଗାଣ ମଧ୍ୟରେ ଥିବା ବ୍ୟବଧାନ ଦୂର କରିବା ସହ ସମସ୍ତଙ୍କ ପାଇଁ ସୁଲଭ ଗୃହ ଉପଲବ୍ଧ କରାଇବା ଦିଗରେ ଓଡ଼ିଶା ସରକାରଙ୍କ ପଦକ୍ଷେପ ଦ୍ୱିତୀୟ ଜାତୀୟ ସହରାଞ୍ଚଳ ସମ୍ମିଳନୀ-୨୦୨୬ରେ ଉପସ୍ଥାପିତ ହୋଇଛି। ଏଠାରେ ଆୟୋଜିତ 'ସୁଲଭ ଗୃହନିର୍ମାଣ-ଚାହିଦା ଓ ଯୋଗାଣର ଗତିଶୀଳତା' ଶୀର୍ଷକ ଅଧିବେଶନରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ରାଜ୍ୟର ସମନ୍ୱିତ ଗୃହନିର୍ମାଣ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ।

ଏହି ଅବସରରେ 'ବନ୍ଧୁ' ପଦକ୍ଷେପ ଉପରେ ଆଲୋକପାତ କରାଯାଇଥିଲା। ଏହି ପଦକ୍ଷେପ ପାଇଁ ପାଞ୍ଚ ବର୍ଷରେ ୧,୬୧୫ କୋଟି ଟଙ୍କା ବରାଦ କରାଯାଇଛି। ଏହା ଗୃହ ନିର୍ମାଣ ପ୍ରକଳ୍ପକୁ ସହାୟତା, ନିର୍ମାଣ ଶ୍ରମିକଙ୍କୁ ପ୍ରୋତ୍ସାହନ ଓ ଯୋଗ୍ୟ ପରିବାରଙ୍କ ପାଇଁ ଗୃହ ସହାୟତାର ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଛି। ଜମିହୀନ ଓ ଅନ୍ୟାନ୍ୟ ବଞ୍ଚିତ ପରିବାରଙ୍କ ପାଇଁ ସୁଲଭ ଗୃହ, ଭଡ଼ା ଗୃହ ଓ ଅସ୍ଥାୟୀ ଆଶ୍ରୟ ବ୍ୟବସ୍ଥାକୁ ମଧ୍ୟ ଏହା ଗୁରୁତ୍ୱ ଦେଉଛି।

ରାଜ୍ୟର ଗୃହନିର୍ମାଣ ମଡେଲ୍‌ରେ ହିତାଧିକାରୀଙ୍କ ନିଜସ୍ୱ ଉଦ୍ୟମରେ ଗୃହ ନିର୍ମାଣ, ସୁଲଭ ଗୃହ ପ୍ରକଳ୍ପ, ବସ୍ତିର ସ୍ଥାନୀୟ ପୁନର୍ବିକାଶ, ପୁନର୍ବାସ ଓ ଭଡ଼ା ଗୃହ ଅନ୍ତର୍ଭୁକ୍ତ। ସହରାଞ୍ଚଳରେ ହିତାଧିକାରୀଙ୍କ ନିଜସ୍ୱ ଉଦ୍ୟମରେ ପ୍ରାୟ ୧.୪ ଲକ୍ଷ ଘର ନିର୍ମାଣ ଶେଷ ହୋଇ ଲୋକମାନେ ସେଥିରେ ବସବାସ କରୁଛନ୍ତି। ଏଥିସହ 'ବନ୍ଧୁ' ଅଧୀନରେ ରାଉରକେଲା, ଢେଙ୍କାନାଳ, ପାରାଦୀପ ଓ ଝାରସୁଗୁଡ଼ାରେ ଭଡ଼ା ଗୃହର ପୁନରୁଦ୍ଧାର ପ୍ରକଳ୍ପକୁ ସହାୟତା ଦିଆଯାଉଛି। ସୁଲଭ ଗୃହ ନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ଷ୍ଟାମ୍ପ ଡ୍ୟୁଟି ଓ ପଞ୍ଜୀକରଣ ଶୁଳ୍କ ହ୍ରାସ, ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ ଓ ନିମ୍ନ ଆୟ ବର୍ଗ ପାଇଁ ଗୃହ ବ୍ୟବସ୍ଥା, ଅତିରିକ୍ତ ଫ୍ଲୋର୍ ଏରିଆ ରେସିଓ ଓ ଟ୍ରାନ୍ସଫରେବଲ୍ ଡେଭଲପମେଣ୍ଟ ରାଇଟ୍ସ ଭଳି ନୀତିଗ

ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୭,୪୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୫,୧୪୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୭,୪୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୫,୧୪୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୭,୪୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୫,୧୪୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୭,୫୮୦ ଟଙ୍କା ଓ ୨୨ କ୍ୟାରଟେ ୧,୩୫,୨୯୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୭,୪୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୧୪୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୭,୪୩୦ ଓ ୨୨ କ୍ୟାରେଟ ମୂଲ୍ୟ ଦର ୧,୩୫,୧୪୦ ଟଙ୍କା ରହିଛି । ଅନ୍ୟପଟେ ରୂପା ମୂଲ୍ୟ କିଲୋ ପିଛା ୨,୨୯,୯୦୦ ଟଙ୍କା ହୋଇଛି ।



ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

ନୂଆ ଅବତାରରେ ଆସିଲା ମାରୁତି ଭିକ୍ଟୋରିସ୍

ନୂଆଦିଲ୍ଲୀ, ୨୪।୧୦: ଭାରତୀୟ ଅଟୋମୋବାଇଲ୍ ବଜାରରେ ମାରୁତି ସୁଜୁକିର ଚାହିଦା ବେଶ୍ ଅଧିକ ରହିଛି। କମ୍ପାନୀର ବିଭିନ୍ନ ମଡେଲ୍‌କୁ ଗ୍ରାହକଙ୍କ ଭଲ ପ୍ରତିକ୍ରିୟା ମିଳୁଥିବା ବେଳେ ଏବେ ଚର୍ଚ୍ଚାରେ ରହିଛି ମାରୁତି ସୁଜୁକି ଭିକ୍ଟୋରିସ୍‌ର ନୂଆ ଅରମ୍ ଏଡିସନ୍। ଗାଡ଼ିର ଲୁକ୍‌କୁ ଆହୁରି ଆକର୍ଷଣୀୟ ଓ ପ୍ରିମିୟମ୍ କରିବା ପାଇଁ କମ୍ପାନୀ ଏଥିରେ ଅନେକ କସ୍‌ମେଟିକ୍ ପରିବର୍ତ୍ତନ ସହ ନୂଆ ଆକ୍ସେସରିଜ୍ ସାମିଲ କରିଛି।

ଏହି ନୂଆ ଏଡିସନ୍‌ର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଏହାର କପର୍ ଓ କ୍ରୋମ୍ ଫିନିସ୍। କାର୍‌ର ଫ୍ରଣ୍ଟ ସାଇଡ ଓ ବ୍ୟାକ ସାଇଡର ସ୍କିଡ୍ ପ୍ଲେଟ୍ ସହ ହ୍ୱିଲ୍ ଆଡ୍‌ରେ କପର୍ ରଙ୍ଗର ଆକ୍ସେଣ୍ଟ୍ ଦିଆଯାଇଛି। ଏହା ଗାଡ଼ିର ବଡି କଲର୍ ସହ ଏକ ଆକର୍ଷଣୀୟ କଣ୍ଟ୍ରାଷ୍ଟ୍ ସୃଷ୍ଟି କରୁଛି। ସେହିପରି ଫ୍ରଣ୍ଟ୍ ଗ୍ରିଲ୍, ଫେଣ୍ଡର୍ସ, ଫ୍ରଣ୍ଟ ଓ ବ୍ୟାକ ବମ୍ପର୍, ବଡି ସାଇଡ୍ ମୋଲ୍ଡିଂ ଏବଂ ଡୋର୍ ଭାଇଜର୍‌ରେ କ୍ରୋମ୍ ଫିନିସ୍ ଦିଆଯାଇଛି। କପର୍ ଓ କ୍ରୋମ୍‌ର ଏହି କମ୍ବିନେସନ ଗାଡ଼ିକୁ ଷ୍ଟାଣ୍ଡାର୍ଡ ମଡେଲ୍ ତୁଳନାରେ ଅଧିକ ପ୍ରିମିୟମ୍ ଲୁକ୍ ପ୍ରଦାନ କରୁଛି। ଯାହା ଲଗଜୁରିଅସ ଫିଲ ପ୍ରଦାନ କରିବ। କେବଳ ବାହାର ଲୁକ୍ ନୁହେଁ, ଗାଡ଼ିର ଭିତର ପାର୍ଟର ପ୍ରୋଟେକ୍ସନ ଓ ସୁବିଧା ପାଇଁ ମଧ୍ୟ ନୂଆ ଆକ୍ସେସରିଜ୍ ସାମିଲ କରାଯାଇଛି। ଏଥିରେ ଅଲ୍-ୱେଦର୍ 3D ଫ୍ଲୋର୍ ମ୍ୟାଟ୍, 3D ଲଗେଜ୍ କମ୍ପାର୍ଟମେଣ୍ଟ ମ୍ୟାଟ୍ ଏବଂ ରିୟର୍ ଟ୍ରଙ୍କ୍ ସିଲ୍ ଗାର୍ଡ ରହିଛି। ଏହି ସାମଗ୍ରୀଗୁଡ଼ିକ ଗାଡ଼ିର ଚଟାଣ ଓ ବୁଟ୍ ଏରିଆକୁ ଧୂଳି, ମଇଳା ଏବଂ ସ୍କ୍ରାଚ୍‌ରୁ ପ୍ରୋଟେକ୍ସନ ଦେବାରେ ସହାୟକ ହେବ।

ଅନ୍ୟପଟେ, ଗାଡ଼ିର ମେନ ଫିଚର୍ସ ପୂର୍ବପରି ରହିଛି। ଏଥିରେ ଭେଣ୍ଟିଲେଟେଡ୍ ସିଟ୍, ବଡ଼ ଇନ୍‌ଫୋଟେନ୍‌ମେଣ୍ଟ ସ୍କ୍ରିନ୍ ଏବଂ ୩୬୦-ଡିଗ୍ରୀ କ୍ୟାମେରା ଭଳି ମର୍ଡନ ସୁବିଧା ମିଳୁଛି। ଇଞ୍ଜିନରେ ମଧ୍ୟ କୌଣସି ପରିବର୍ତ୍ତନ ହୋଇନାହିଁ। ଏହି ଅରମ୍ ଏଡିସନ୍ ପ୍ୟାକେଜ୍ ମୁଖ୍ୟତଃ ଷ୍ଟ୍ରଙ୍ଗ୍ ହାଇବ୍ରିଡ୍ ଭାରିଆଣ୍ଟ୍‌ଗୁଡ଼ିକ ପାଇଁ ଉପଲବ୍ଧ ବୋଲି ଦିଆଯାଇଥିବା ତଥ୍ୟରେ ଉଲ୍ଲେଖ ରହିଛି। ଏଥିରେ ୧.୫ ଲିଟର୍ ପେଟ୍ରୋଲ୍ ଇଞ୍ଜିନ୍ ସହ ଇଲେକ୍ଟ୍ରିକ୍ ମୋଟର୍ ଏବଂ ଲିଥିୟମ୍-ଆୟନ୍ ବ୍ୟାଟେରୀ ପ୍ୟାକ୍‌ର କମ୍ବିନେସନ ରହିଛି। ଏହି ସିଷ୍ଟମ୍ ପ୍ରାୟ ୧୧୭ PS ମିଳିତ ପାୱାର୍ ଉତ୍ପାଦନ କରୁଥିବା ଦାବି କରାଯାଇଛି। ଏହା ସହ e-CVT ଅଟୋମେଟିକ୍ ଗିଅର୍‌ବକ୍ସ ମିଳୁଛି। କମ୍ପାନୀର ଦାବି ଅନୁଯାୟୀ, ଏହାର ମାଇଲେଜ୍ ଲିଟର୍ ପିଛା ୨୮.୬୫ କିଲୋମିଟର୍।

ଏବେ ଆସନ୍ତୁ ଦାମ୍ ବିଷୟରେ ଜାଣିବା। ଭିକ୍ଟୋରିସ୍ ଅରମ୍ ଏଡିସନ୍‌ର ଆକ୍ସେସରି କିଟ୍‌ର ମୂଲ୍ୟ ୨୨,୯୯୦ ଟଙ୍କା ରଖାଯାଇଥିବା ରିପୋର୍ଟରେ କୁହାଯାଇଛି। ଗ୍ରାହକମାନେ ନିଜ ପସନ୍ଦର ଷ୍ଟ୍ରଙ୍ଗ୍ ହାଇବ୍ରିଡ୍ ଭାରିଆଣ୍ଟ୍ ସହ ଏହି ପ୍ୟାକେଜ୍ ଯୋଡ଼ିପାରିବେ। ତେବେ ଭିକ୍ଟୋରିସ୍‌ର ଭାରିଆଣ୍ଟ୍, ମୂଲ୍ୟ ଓ ଆକ୍ସେସରି ପ୍ୟାକେଜ୍‌ର ଉପଲବ୍ଧତା ସମ୍ପର୍କରେ କିଣିବା ପୂର୍ବରୁ ଡିଲରଙ୍କଠାରୁ ନିଶ୍ଚିତ ହେବା ଜରୁରୀ। ଯେଉଁ ଗ୍ରାହକମାନେ ନିଜ କାର୍‌କୁ ଅଧିକ ଷ୍ଟାଇଲିସ୍ ଓ ପ୍ରିମିୟମ୍ ଲୁକ୍ ଦେବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଭିକ୍ଟୋରିସ୍ ଅରମ୍ ଏଡିସନ୍ ଆକ୍ସେସରି କିଟ୍ ଏକ ଆକର୍ଷଣୀୟ ବିକଳ୍ପ ହୋଇପାରେ।

ଶସ୍ତା ହେଲା ମ୍ୟାଲେରିଆ ଭ୍ୟାକ୍ସିନ

ନୂଆଦିଲ୍ଲୀ,୨୪।୧୦: ଶସ୍ତା ହେଲା ମ୍ୟାଲେରିଆ ଭ୍ୟାକ୍ସିନ। ୪୦ ପ୍ରତିଶତ ପର୍ଯ୍ୟନ୍ତ ଦର କମାଇଲା ଭାରତ ବାୟୋଟେକ। ଏନେଇ କମ୍ପାନୀ ସୋସିଆଲ୍ ମିଡିଆ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛି। କମ୍ପାନୀ ମ୍ୟାଲେରିଆ ଭ୍ୟାକ୍ସିନ 'ମୋସ୍କିଭାକ୍' (MOSQIVAC) ର ଦାମରେ ୪୦ ପ୍ରତିଶତ ହ୍ରାସ ଘୋଷଣା କରିଛି। ଏହି ଭ୍ୟାକ୍ସିନକୁ ଲୋକେ RTS,S/AS01 ଭାବରେ ମଧ୍ୟ ଜାଣନ୍ତି।

ଏନେଇ ଭାରତ ବାୟୋଟେକ ଏକ୍ସରେ ପୋଷ୍ଟ କରି ଲେଖିଛି ଯେ କମ୍ପାନୀର ଏଭଳି ନିଷ୍ପତ୍ତି ଯୋଗୁ ୧ ମିଲିଅନ ଶିଶୁଙ୍କ ସୁରକ୍ଷା ହୋଇପାରିବ। ତା ସହିତ ଲୋକଙ୍କର ୫୦ ମିଲିଅନ ଆମେରିକୀୟ ଡଲାର ସଞ୍ଚୟ ହୋଇପାରିବ। ହାଇଦ୍ରାବଦ କମ୍ପାନୀ ଭାରତ ବାୟୋଟେକ ନିଜର ଏକ୍ସ ପୋଷ୍ଟରେ ଲେଖିଛି "ୟୁନିସେଫ୍ (UNICEF) ଦ୍ୱାରା ସମ୍ପାଦିତ ଏବଂ ଗାଭି (Gavi) ଦ୍ୱାରା ଆର୍ଥିକ ସହାୟତା ପ୍ରାପ୍ତ ଏକ ଚୁକ୍ତି ଅନୁଯାୟୀ, ଟିକାର ମୂଲ୍ୟ ପ୍ରାୟ ୪୦ ପ୍ରତିଶତ ହ୍ରାସ କରାଯାଇଛି।" କମ୍ପାନୀ ଆହୁରି କହିଛି ଯେ GSK ବିକଶିତ କରିଥିବା RTS,S/AS01 ହେଉଛି ବିଶ୍ୱର ପ୍ରଥମ ମ୍ୟାଲେରିଆ ଟିକା। ବର୍ତ୍ତମାନ ଭାରତ ବାୟୋଟେକ୍ (Bharat Biotech) ଏହାକୁ MOSQIVAC® ବ୍ରାଣ୍ଡ ନାମରେ ପ୍ରଡକ୍ସନ କରୁଛି।" ମ୍ୟାଲେରିଆ ଜ୍ୱର ଯୋଗୁ ପ୍ରତି ମିନିଟ୍‌ରେ ଜଣେ ଶିଶୁର ମୃତ୍ୟୁ ହେଉଛି। ତେଣୁ ଏହାର ଭ୍ୟାକ୍ସିନ ଦର ୪୦ ପ୍ରତିଶତ ପର୍ଯ୍ୟନ୍ତ କମାଇବା ଅତ୍ୟନ୍ତ ଜରୁରୀ ଥିଲା ବୋଲି ଭାରତ ବାୟୋଟେକ କହିଛି।

ଭାରତର ବିଦେଶୀ ମୁଦ୍ରା ଭଣ୍ଡାରରେ ବଡ଼ ହ୍ରାସ

ଦୁଇ ସପ୍ତାହରେ କମିଲା ୧୩.୫୭ ବିଲିୟନ ଡଲାର!

ନୂଆଦିଲ୍ଲୀ, ୨୪।୧୦: ଭାରତର ଅର୍ଥନୈତିକ ସ୍ଥିତି ଏବଂ ବୈଦେଶିକ ବାଣିଜ୍ୟ କ୍ଷେତ୍ର ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ଦ୍ୱାରା ପ୍ରଦତ୍ତ ସାପ୍ତାହିକ ରିପୋର୍ଟ ଅନୁଯାୟୀ, ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ କ୍ରମାଗତ ହ୍ରାସ ଘଟିବାରେ ଲାଗିଛି। ଅକ୍ଟୋବର ୧୬ରେ ଶେଷ ହୋଇଥିବା ସପ୍ତାହରେ ଦେଶର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରରେ ପ୍ରାୟ ୫ ବିଲିୟନ ଡଲାରର ହ୍ରାସ ଘଟିଛି। ଏହି ହ୍ରାସ ଫଳରେ ଦେଶର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାର ହ୍ରାସ ପାଇ ୭୨୧.୦୨ ବିଲିୟନ ଡଲାରକୁ ଖସିଆସିଛି। ସୂଚନାଯୋଗ୍ୟ ଯେ, ଏହାର ପୂର୍ବ ସପ୍ତାହରେ ମଧ୍ୟ ବୈଦେଶିକ ମୁଦ୍ରା ଭଣ୍ଡାରରୁ ୮.୫୭୮ ବିଲିୟନ ଡଲାର କମିଯାଇ ଏହା ୭୨୬.୦୨୭ ବିଲିୟନ ଡଲାର ରହିଥିଲା। ଚଳିତ ବର୍ଷ ସେପ୍ଟେମ୍ବର ୪ରେ ଶେଷ ହୋଇଥିବା ସପ୍ତାହରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ଏକ ଅଭୂତପୂର୍ବ ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଥିଲା, ଯାହାକି ୭୮୫.୭୦୭ ବିଲିୟନ ଡଲାରରେ ପହଞ୍ଚିଥିଲା। ମାତ୍ର ସେହି ସର୍ବୋଚ୍ଚ ଶିଖର ତୁଳନାରେ ସାମ୍ପ୍ରତିକ ସପ୍ତାହଗୁଡ଼ିକରେ ଏଥିରେ କ୍ରମଗତ ହ୍ରାସ ଘଟିଥିବା ପରିଲକ୍ଷିତ ହୋଇଛି। ଅକ୍ଟୋବର ୧୬ ସପ୍ତାହରେ ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରର ମୁଖ୍ୟ ଅଂଶ ହୋଇଥିବା ବିଦେଶୀ ମୁଦ୍ରା ପରିସମ୍ପତ୍ତିରେ ବଡ଼ଧରଣର ହ୍ରାସ ଘଟିଛି। ଏହା ୫.୭୫୮ ବିଲିୟନ ଡଲାର ହ୍ରାସ ପାଇ ମୋଟ ୫୯୧.୮୪୭ ବିଲିୟନ ଡଲାରକୁ ଖସିଆସିଛି। ଅନ୍ୟପକ୍ଷରେ, ଦେଶର ସୁନା ଭଣ୍ଡାର କ୍ଷେତ୍ରରେ ଏକ ଆଶ୍ୱସ୍ତିକର ବୃଦ୍ଧି ଘଟିଛି। ସମାନ ସପ୍ତାହରେ ସୁନା ଭଣ୍ଡାର ୭୦.୬ କୋଟି ଡଲାର ବୃଦ୍ଧି ପାଇ ମୋଟ୍ ୧୦୫.୮ ବିଲିୟନ ଡଲାରରେ ପହଞ୍ଚିଥିବା ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୂଚନା ମିଳିଛି।

ନୂଆ ଅବତାରରେ ଆସିଲା ମାରୁତି ସୁଜୁକି ୱାଗନ୍-ଆର୍

ଭୁବନେଶ୍ୱର,୨୪।୧୦: ଭାରତୀୟ ଅଟୋମୋବାଇଲ୍ ବଜାରରେ ଗ୍ରାହକଙ୍କ ପ୍ରଥମ ପସନ୍ଦ ପାଲଟିଥିବା ହ୍ୟାଚବ୍ୟାକ୍ କାର୍ ମାରୁତି ସୁଜୁକି ୱାଗନ୍-ଆର୍ (Maruti Suzuki WagonR) ଏବେ ଆହୁରି ଆକର୍ଷଣୀୟ ଓ ଆଧୁନିକ ଫିଚର୍ସ ସହିତ ନୂଆ ଅବତାରରେ ବଜାରକୁ ଆସିଛି। ଦେଶର ସବୁଠାରୁ ଲୋକପ୍ରିୟ ଫ୍ୟାମିଲି କାର୍ ଭାବେ ଗଣାଯାଉଥିବା ଏହି ଗାଡ଼ିଟିରେ କମ୍ପାନୀ ସୁରକ୍ଷା ଓ ମାଇଲେଜ୍ ଉପରେ ବିଶେଷ ଧ୍ୟାନ ଦେଇଛି। ନୂଆ ୱାଗନ୍-ଆରରେ କମ୍ପାନୀ ସ୍ପୋର୍ଟି 'ଫ୍ଲୋଟିଂ ରୁଫ୍' ଡିଜାଇନ୍ ଏବଂ ଆକର୍ଷଣୀୟ ଆଲୋୟ ୱିଲ୍‌ସ (Alloy Wheels) ପ୍ରଦାନ କରିଛି। ଏହା ବ୍ୟତୀତ ନୂଆ ଫ୍ରଣ୍ଟ ଗ୍ରୀଲ୍, ଆଡଜଷ୍ଟେବଲ୍ ORVMs (ବାହାର ମିରର୍) ଏବଂ ଆକର୍ଷଣୀୟ ଡୁଆଲ୍-ଟୋନ୍ କଲର୍ ଅପସନ୍ ଗାଡ଼ିକୁ ଆହୁରି ପ୍ରିମିୟମ୍ ଲୁକ୍ ଦେଉଛି। ପେଟ୍ରୋଲ୍ ଭାରିଆଣ୍ଟରେ ପ୍ରାୟ ୨୩.୫୬ ରୁ ୨୫.୧୯ କିମି/ଲିଟର୍ ଏବଂ ସିଏନଜି ଭାରିଆଣ୍ଟରେ ପ୍ରାୟ ୩୩.୪୬ କିମି/କିଗ୍ରା ପର୍ଯ୍ୟନ୍ତ ମାଇଲେଜ୍ ମିଳିଥାଏ, ଯାହା ଏହାକୁ ସେଗ୍‌ମେଣ୍ଟରେ ସବୁଠାରୁ ଅଧିକ ଇନ୍ଧନ ସଞ୍ଚୟକାରୀ କାର୍ କରିଛି । କ୍ୟାବିନ୍‌ରେ ଯାତ୍ରୀଙ୍କ ସୁବିଧା ପାଇଁ ଅନେକ ଆଧୁନିକ ଫିଚର୍ସ ଦିଆଯାଇଛି | ଏଥିରେ ୭-ଇଞ୍ଚ୍ SmartPlay Studio ଟଚ୍‌ସ୍କ୍ରିନ୍ ଇନ୍‌ଫୋଟେନ୍‌ମେଣ୍ଟ ସିଷ୍ଟମ୍ ସହ ପ୍ରଶସ୍ତ କ୍ୟାବିନ୍, ଅଧିକ ହେଡ୍‌ରୁମ୍ ଏବଂ ୩୪୧ ଲିଟର୍‌ର ବଡ଼ ବୁଟ୍ ସ୍ପେସ୍ ମିଳିବ | ସେହିପରି ସୁରକ୍ଷାକୁ ପ୍ରାଥମିକତା ଦେଇ ଏଥିରେ ଡୁଆଲ୍ ଏୟାରବ୍ୟାଗ୍ / ୬ଟି ଏୟାରବ୍ୟାଗ୍ ସୁବିଧା ଦିଆଯାଇଛି | କେବଳ ଏତିକି ନୁହେଁ ଏବିଏସ ସହିତ ଇବିଡ଼ି ରିୟର ପାର୍କିଂ ସେନ୍ସର, ହିଲ୍ ହୋଲ୍ଡ ଆସିଷ୍ଟ ଭଳି ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଛି।

ଡାଲି ଦର ବି ଉପରମୁହାଁ

ଭୁବନେଶ୍ୱର,୨୪।୧୦:ଗରିବ ଓଡ଼ିଆଙ୍କ ମୁଖ୍ୟ ଭୋଜନ ହେଉଛି ଭାତ ଡାଲି। ସେହି ଦୁଇ ଭୋଜନ ପ୍ରସ୍ତୁତ କରିବା ଏବେ ଅଧିକାଂଶ ପରିବାର ପାଇଁ କଷ୍ଟକର ହୋଇପଡ଼ିଛି। ଖୋଲା ବଜାରରେ ଚାଉଳ ଦରବୃଦ୍ଧି ଏବେ ଗ୍ରାହକଙ୍କ ଚିନ୍ତା ବଢ଼ାଇଛି। ମାସକ ଭିତରେ ବିଭିନ୍ନ କିସମ ଚାଉଳ ଦର କିଲୋ ପିଛା ୧୦ରୁ ୨୫ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଭାତ ରାଜ୍ୟର ପ୍ରମୁଖ ଖାଦ୍ୟ ହୋଇଥିବାରୁ ଚାଉଳ ଦରରେ ଏହି ବୃଦ୍ଧି ସମାଜର ବିଭିନ୍ନ ବର୍ଗକୁ ପ୍ରଭାବିତ କରିଛି। ସରୁ ଚାଉଳ କେଜି ୯୦ ଟଙ୍କାରେ ପହଞ୍ଚିଛି। ଏପଟେ ଡାଲି ବି ମହଙ୍ଗା ହେବାରେ ଲାଗିଛି। ଯେଉଁ ଡାଲିର ଦର କିଛି ଦିନ ତଳେ ୧୩୦ ଟଙ୍କା ଥିଲା, ତାହା ଏବେ ୧୩୫ ଟଙ୍କାରେ ଓ ୧୩୫ ଟଙ୍କାଏ। ଡାଲି ୧୪୨ ଟଙ୍କାରେ ବିକ୍ରି ହେଉଛି। ମାସକ ଭିତରେ ଡାଲି ଦର ୨୦ରୁ ୩୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ବଜାର ତଥ୍ୟ ଅନୁସାରେ, ମୋଟା ଅରୁଆ ଓ ଉଷୁନା ଚାଉଳ କେଜି ୪ରୁ ୬ ଟଙ୍କା ବୃଦ୍ଧି ପାଇ ୩୨-୩୬ ଟଙ୍କା ହୋଇଯାଇଛି। କିଛି ଦିନ ପୂର୍ବେ ସେହି ଚାଉଳ କେଜିକୁ ୨୮-୩୦ ଟଙ୍କାରେ ବିକ୍ରି ହେଉଥିଲା। ସେହିପରି ଜିରା ରାଇସ୍ ଦର ପ୍ରାୟ ୧୫ ଟଙ୍କା ବୃଦ୍ଧି ପାଇ ୬୦ରୁ ୬୫ ଟଙ୍କା ହୋଇଛି, ଯାହା ପୂର୍ବରୁ ୪୫ରୁ ୫୦ ଟଙ୍କାରେ ମିଳିଯାଉଥିଲା। ବାଲାମି ଉଷୁନା ଚାଉଳ କେଜି ୫୫-୬୦ ଟଙ୍କାରେ ବିକ୍ରି ହେଉଛି। କିଛିଦିନ ପୂର୍ବରୁ ଏହି ଚାଉଳ କେଜି ପିଛା ୪୦-୪୫ ଟଙ୍କାରେ ମିଳୁଥିଲା। ଭଲ ସରୁ ଚାଉଳ ଦର ୮୫-୯୦ ଟଙ୍କାକୁ ବୃଦ୍ଧି ପାଇଛି। ସେହି ଚାଉଳ କିଛି ଦିନ ତଳେ କେଜି ୬୦-୬୫ ଟଙ୍କାରେ ବିକ୍ରି ହେଉଥିଲା। ଏ ସମ୍ପର୍କରେ ଓଡ଼ିଶା ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ଯେଉଁ ଚାଉଳର କ୍ୱିଣ୍ଟାଲ ପିଛା ଦର ପୂର୍ବରୁ ୫୦୦୦ ଟଙ୍କା ଥିଲା ତାହା ବଢ଼ି ୬୩୦୦ ଟଙ୍କା ହୋଇଛି। ସେହିପରି ୭୦୦୦ ଟଙ୍କିଆ ଚାଉଳ ଦର ୯୨୦୦ ଟଙ୍କା ହୋଇଛି। ଉଭୟ ଫାଇନ୍ ଓ ସୁପର ଫାଇନ୍ ଚାଉଳ ଦର ବଢ଼ିଥିବା ସେ କହିଛନ୍ତି। କଟକ ବଣିଜ ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛଟେଇ କହିଛନ୍ତି, ବଜାରରେ ବିକ୍ରି ହେଉଥିବା ବିଭିନ୍ନ କିସମର ଚାଉଳ ଦର ମାସକ ଭିତରେ ବଢ଼ିଛି। ମୋଟା ଅରୁଆ ଓ ଉଷୁନା, ସରୁ ଚାଉଳ, ବାଲାମି ଉଷୁନା ଚାଉଳ ଓ ଜିରା ରାଇସ୍ ମୂଲ୍ୟରେ ବୃଦ୍ଧି ଘଟିଛି। ରାଜ୍ୟର ବାର୍ଷିକ ଚାଉଳ ଆବଶ୍ୟକତା ହେଉଛି ପ୍ରାୟ ୬୪ ଲକ୍ଷ ଟନ୍। ସେଥିରୁ ୫୦-୫୫ ଲକ୍ଷ ଟନ୍ ସାଧାରଣବର୍ଗର ଚାଉଳ ରହିଛି। ସେଥିରୁ ଅଧିକାଂଶ ବିଭିନ୍ନ ସରକାରୀ ଯୋଜନାରେ ହିତାଧିକାରୀଙ୍କୁ ପ୍ରଦାନ କରାଯାଉଛି ଓ ଲୋକମାନେ ଘରେ ପ୍ରସ୍ତୁତ କରି ବ୍ୟବହାର କରୁଛନ୍ତି। ଅବଶିଷ୍ଟ ପ୍ରାୟ ୧୦ ଲକ୍ଷ ଟନ୍ ଫାଇନ୍ ଓ ସୁପର ଫାଇନ୍ ଚାଉଳ ବାହାରୁ ମଗାଇବାକୁ ପଡ଼ୁଛି। ସେହି ସବୁ ଚାଉଳ ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଛତିଶଗଡ଼, ବିହାର ଓ ପଶ୍ଚିମବଙ୍ଗରୁ ଆସୁଛି। ଓଡ଼ିଶା ନିଜ ଆବଶ୍ୟକତାର ୨୦-୩୦ ପ୍ରତିଶତ ଚାଉଳ ବାହାର ରାଜ୍ୟରୁ ଆଣିବାକୁ ବାଧ ହେଉଛି। ତେଣୁ ସେହି ସବୁ ରାଜ୍ୟ ଚାଉଳ ଦର ବଢ଼ାଉଲେ ତାହାର ସିଧାସଳଖ ପ୍ରଭାବ ଓଡ଼ିଶା ବଜାର ଉପରେ ପଡୁଛି। ଚଳିତ ବର୍ଷ ରାଜ୍ୟରେ ବ୍ୟାପକ ବନ୍ୟାରେ ଫସଲ ନଷ୍ଟ ହୋଇଛି। ଏବେ ବାତ୍ୟା ମାଡ଼ି ଆସୁଛି। ତେଣୁ ଧାନ ଅମଳ ପ୍ରଭାବିତ ହେବା ଆଶଙ୍କା ରହିଛି। ଯଦି ତାହାର ପ୍ରଭାବରେ ଧାନ ଅମଳ କମିଯିବ ତେବେ ଆଗାମୀ ଦିନରେ ଚାଉଳ ଦରବୃଦ୍ଧିକୁ ଅଟକାଇବା କଷ୍ଟକର ହୋଇପଡ଼ିବ।

ନଭେମ୍ବର ପହିଲାରୁ ବଦଳିଯିବ ଡ୍ରାଇଭିଂ ଲାଇସେନ୍ସ, ମୋବାଇଲ କଲିଂ ଓ ଗ୍ୟାସ୍ ସିଲିଣ୍ଡର ଦର

ନୂଆଦିଲ୍ଲୀ,୨୪।୧୦: ଦେଶ ଏବଂ ଜାତୀୟ ରାଜଧାନୀ କ୍ଷେତ୍ର (NCR)ରେ ଆସନ୍ତା ୧ ନଭେମ୍ବର ୨୦୨୬ରୁ ସାଧାରଣ ଜନତାଙ୍କ ଜୀବନ ସହିତ ଜଡ଼ିତ ଅନେକ ବଡ଼ ପରିବର୍ତ୍ତନ ଲାଗୁ ହେବାକୁ ଯାଉଛି। ଫେକ ଏବଂ ସ୍ପାମ କଲ ଉପରେ ରୋକ ଲଗାଇବା ପାଇଁ ବିନା କୌଣସି ଥାର୍ଡ ପାର୍ଟି ଆପ ସାହାଯ୍ୟରେ ସରକାରୀ କଲର୍ ଆଇଡି (Caller ID) ନିୟମ ଆରମ୍ଭ ହେବାକୁ ଯାଉଛି। ଏହା ବ୍ୟତୀତ, ଦିଲ୍ଲୀ

ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପ୍ରସ୍ତୁତ

୪୫ଟି ଆଶ୍ରୟସ୍ଥଳୀ ପ୍ରସ୍ତୁତ, ଆବଶ୍ୟକ ପଡ଼ିଲେ ହେବ ସ୍ଥାନାନ୍ତରଣ

ପାରାଦ୍ୱୀପ,୨୪।୧୦ (ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଘୂର୍ଣ୍ଣିଝଡ଼ ବାତ୍ୟାର ରୂପ ନେଇ ଆନ୍ଧ୍ରପ୍ରଦେଶର କାକିନାଡା ନିକଟରେ ସ୍ଥଳଭାଗ ଛୁଇଁବାର ଆଶଙ୍କା ରହିଛି। ଏହାର ପ୍ରଭାବରେ ଜଗତସିଂହପୁର ଜିଲ୍ଲାରେ ଅରେଞ୍ଜ ଆଲର୍ଟ ଜାରି ହେବା ସହ ବର୍ଷା ଏବଂ ଘଣ୍ଟାପ୍ରତି ୫୦ରୁ ୬୫ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି।

ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଶ୍ରୀ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏସ୍‌ପି ଶ୍ରୀ ଅଙ୍କିତ କୁମାର ବର୍ମାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ବିଡିଓ ଓ ତହସିଲଦାରମାନେ

ଯୋଗଦେଇ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ପ୍ରସ୍ତୁତି ସମୀକ୍ଷା କରିଥିଲେ।

ବାଲିକୁଦା, ଏରସମା ଓ କୁଜଙ୍ଗ ବ୍ଲକର ଉପକୂଳବର୍ତ୍ତୀ ତଥା ବାତ୍ୟାପ୍ରବଣ ଅଞ୍ଚଳ ଉପରେ ପ୍ରଶାସନ ସ୍ୱତନ୍ତ୍ର ନଜର ରଖିଛି। କଚ୍ଚାଘରେ ରହୁଥିବା ଲୋକ, ତଳିଆ ଅଞ୍ଚଳର ବାସିନ୍ଦା, ବିସ୍ଥାପିତ ଶ୍ରମଜୀବୀ ଏବଂ ଆସନ୍ନା ତିନି ସପ୍ତାହ ମଧ୍ୟରେ ପ୍ରସବ ତାରିଖ ଥିବା ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରି ଆବଶ୍ୟକ ସ୍ଥଳେ ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବାକୁ ଯୋଜନା ହୋଇଛି।

ଜିଲ୍ଲାର ୪୫ଟି ଆଶ୍ରୟସ୍ଥଳୀ ସହ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଆଶ୍ରୟସ୍ଥଳୀରେ ଆଲୋକ, ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳ, ଶୁଖିଲା ଖାଦ୍ୟ ଓ ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟ ଯୋଗାଣର ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଆବଶ୍ୟକ ଔଷଧ, ଆମ୍ବୁଲାନ୍ସ ଓ ରାପିଡ୍ ରେସ୍ପନ୍ସ ଟିମ୍ ପ୍ରସ୍ତୁତ ରଖିବା ସହ ଜଳମଗ୍ନ ଅଞ୍ଚଳରୁ ଜଳ ନିଷ୍କାସନ, ଡ୍ରେନ୍ ସଫେଇ, ରାସ୍ତା ମରାମତି ଓ ବିପଜ୍ଜନକ ବିଦ୍ୟୁତ୍ ଖୁଣ୍ଟି ହଟାଇବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏଥିସହ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି। ଦୁର୍ଗାପୂଜା ପାଇଁ ନିର୍ମିତ ଅସ୍ଥାୟୀ ତୋରଣ ଓ ପୂଜାମଣ୍ଡପଗୁଡ଼ିକୁ ଅକ୍ଟୋବର ୨୫ ତାରିଖ ସୁଦ୍ଧା ଖୋଲିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଉପରେ ମଧ୍ୟ ପ୍ରଶାସନ ନଜର ରଖିବ।

ଜିଲ୍ଲା ଜରୁରୀକାଳୀନ ବିଭାଗରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏହାର ଯୋଗାଯୋଗ ନମ୍ବର ୨୨୦୩୬୮। ଜିଲ୍ଲାପାଳ ଶ୍ରୀ ଜେ. ସୋନାଲ କହିଛନ୍ତି ଯେ, ବର୍ତ୍ତମାନର ସୂଚନା ଅନୁଯାୟୀ ଜିଲ୍ଲା ପ୍ରତି ବଡ଼ ବିପଦର ଆଶଙ୍କା ନାହିଁ। ତେଣୁ ଜନସାଧାରଣ ଭୟଭୀତ ନହୋଇ ଗୁଜବରୁ ଦୂରେଇ ରହିବା ସହ ପ୍ରଶାସନକୁ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି।

ବ୍ୟାନର ଫାଡ଼ିବାକୁ କେନ୍ଦ୍ର କରି ଉତ୍ତେଜନା

ମହିଳା ସଂଘର କର୍ମକର୍ତ୍ତାଙ୍କୁ ଗାଳିଗୁଲଜ ଓ ଧମକ ଅଭିଯୋଗ

ମହାକାଳପଡ଼ା,୨୪।୧୦(ସଂଚାର ବ୍ୟୁରୋ): ମହିଳା ସଂଘର ପ୍ରଥମ ବୈଠକ ପାଇଁ ଲଗାଯାଇଥିବା ବ୍ୟାନରକୁ ଫାଡ଼ିବା ଘଟଣାକୁ କେନ୍ଦ୍ର କରି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ମଙ୍ଗଳପୁର ଗ୍ରାମର ୪ ନମ୍ବର ୱାର୍ଡରେ ଉତ୍ତେଜନା ପ୍ରକାଶ ପାଇଛି। ଏହାକୁ ନେଇ ମହିଳା ସଂଘର କର୍ମକର୍ତ୍ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ରାଧାମାଧବ ମହିଳା ସଂଘ ପକ୍ଷରୁ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରାଯାଇଛି।

ସୂଚନା ଅନୁଯାୟୀ, ମଙ୍ଗଳପୁର ୪ ନମ୍ବର ୱାର୍ଡର ରାଧାମାଧବ ମହିଳା ସଂଘ ପକ୍ଷରୁ ସଂଘର ପ୍ରଥମ ବୈଠକ ଆୟୋଜନ ପାଇଁ ଗୁରୁବାର ଏକ ବ୍ୟାନର ଲଗାଯାଇଥିଲା। ତେବେ ଗ୍ରାମର ସନିଆ ମଲ୍ଲିକଙ୍କ ୧୧ ବର୍ଷୀୟ ପୁଅ ଚେରୁଆ ମଲ୍ଲିକ ଉକ୍ତ ବ୍ୟାନର ଉପରକୁ ଟେକା ପକାଇବା ସହ ତାହାକୁ ଫାଡ଼ି ଦେଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଜାଣିବା ପରେ ମହିଳା ସଂଘର କର୍ମକର୍ତ୍ତାମାନେ ସମ୍ପୃକ୍ତ ପରିବାରର ଘରକୁ ଯାଇ ଏ ସମ୍ପର୍କରେ ପଚାରିଥିଲେ। ସେହି ସମୟରେ ପିଲାର ବାପା ଘରେ ନଥିବାରୁ ଫୋନ୍ ଯୋଗେ ସଂଘର ସଦସ୍ୟମାନଙ୍କ ସହ କଥା ହୋଇଥିଲେ। ତେବେ ମହିଳା ସଂଘର ଅଭିଯୋଗ ଅନୁଯାୟୀ, ଏହି ସମୟରେ ସନିଆ ମଲ୍ଲିକଙ୍କ କକା ମନୁ ମଲ୍ଲିକ ଓ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ସେଠାରେ ପହଞ୍ଚି ସଂଘର ମହିଳା କର୍ମକର୍ତ୍ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ସଂଘକୁ ନେଇ ଅପମାନଜନକ ମନ୍ତବ୍ୟ ଦେବା ସହ ସମସ୍ତଙ୍କୁ ଧମକ ଦେଇଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏହାପରେ ରାଧାମାଧବ ମହିଳା ସଂଘ ପକ୍ଷରୁ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଥିଲା।

୩୬ ବର୍ଷ ପରେ ଏକାଠି ହେଲେ ୧୯୯୦ ବ୍ୟାଚ୍‌ର ସହପାଠୀ

ମାର୍ଶାଘାଇ,୨୪।୧୦(ସଂଚାର ବ୍ୟୁରୋ): ଦୀର୍ଘ ୩୬ ବର୍ଷ ପରେ ଏକାଠି ହୋଇ ପୁରୁଣା ସ୍ମୃତି ସାଉଁଟିଛନ୍ତି ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୦ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀ। ଏହି ଅବସରରେ ସହପାଠୀମାନେ ନିଜ ନିଜ ପାରିବାରିକ ସ୍ଥିତି ସମ୍ପର୍କରେ ଆଲୋଚନା କରିବା ସହ ପରସ୍ପରର ସୁଖଦୁଃଖରେ ସାଥୀ ହେବାକୁ ସଂକଳ୍ପ ନେଇଥିଲେ।

ପ୍ରେମାନନ୍ଦ ଲେଙ୍କାଙ୍କ ସଂଯୋଜନାରେ ଆୟୋଜିତ ଏହି ବନ୍ଧୁମିଳନରେ ଦିବଂଗତ ସହପାଠୀଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା ପରେ ଉପସ୍ଥିତ ବନ୍ଧୁମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଂଶୁମାନ ଚୌଧୁରୀ, ନିହାର ପ୍ରସାଦ ରଥ, ପ୍ରିୟରଞ୍ଜନ ନାୟକ ଓ ପ୍ରେମାନନ୍ଦ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତେ ନାଚଗୀତରେ ମସଗୁଲ ହୋଇଥିଲେ। ଏଥିରେ ୪୫ ଜଣ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

ଗଜଲକ୍ଷ୍ମୀ ପୂଜାକୁ ନେଇ ଚଳଚଞ୍ଚଳ ମାର୍ଶାଘାଇ

ମାର୍ଶାଘାଇ,୨୪।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରମୁଖ ଗଣପର୍ବ ଗଜଲକ୍ଷ୍ମୀ ପୂଜାକୁ ନେଇ ମାର୍ଶାଘାଇ ଅଞ୍ଚଳରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ପୂଜା ମଣ୍ଡପଗୁଡ଼ିକରେ ମା' ଗଜଲକ୍ଷ୍ମୀଙ୍କ ଆରାଧନା ପାଇଁ ପ୍ରସ୍ତୁତି ଜୋରଦାର ହୋଇଥିବା ବେଳେ ଆଲୋକମାଳା, ତୋରଣ ଓ ଆକର୍ଷଣୀୟ ସାଜସଜ୍ଜାରେ ବଜାର ଅଞ୍ଚଳ ନୂଆ ରୂପ ନେଉଛି।

ମାର୍ଶାଘାଇ ବ୍ଲକର ମାର୍ଶାଘାଇ ବଜାର ସମେତ କୁଆଁରପାଳ, ନେମ୍ବରା ଓ ଅଙ୍ଗୁଳାଇ ବଜାରରେ ବହୁ ସଂଖ୍ୟାରେ ପୂଜା ମଣ୍ଡପ ନିର୍ମାଣ କରାଯାଇ ମା'ଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଇଁ ପ୍ରସ୍ତୁତି ଚାଲିଛି। ମାର୍ଶାଘାଇ ବଜାରରେ ନଅ ଦିନ ଧରି ମା'ଙ୍କ ପୂଜାର୍ଚ୍ଚନା କରାଯିବା ପରେ ଦଶମ ଦିନରେ ମେଲଣ ଓ କ୍ରମାନୁସାରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ।

ଏହି ମେଲଣରେ କୁମ୍ଭାରସାହିର ଥାନପତି, ଲକ୍ଷ୍ମୀ ଛକ, ମାର୍ଶାଘାଇ ହାଟମଣ୍ଡପ, ଜୁଣ ଛକ, ବନମାଳୀ ଛକ, ଗାଁ ମାର୍ଶାଘାଇର ଅନନ୍ତଶୟନ ମେଢ଼, କଣକଷଟି ଏବଂ ବନ୍ଧସାହି ଛକର ହନୁମାନ ମେଢ଼ ସାମିଲ ହେବେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ସାହ ବଢ଼ିବାରେ ଲାଗିଛି।

ବର୍ତ୍ତମାନ ଅଧିକାଂଶ ମଣ୍ଡପରେ ସାଜସଜ୍ଜା କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ମାର୍ଶାଘାଇ ବଜାରର ପ୍ରବେଶପଥ ଜୁଣ ଛକରେ ଆକର୍ଷଣୀୟ ତୋରଣ ନିର୍ମାଣ ସହ ଆଲୋକୀକରଣ କାର୍ଯ୍ୟ ଜାରି ରହିଛି। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ପୂଜା ମଣ୍ଡପ ନିକଟସ୍ଥ ବଜାର ସମୁଚ୍ଚୟର ଛାତ ଉପରେ ଅସ୍ଥାୟୀ ଛାଉଣି ନିର୍ମାଣ କରାଯାଇଛି। ଏଥିସହ ମାର୍ଶାଘାଇ ପଞ୍ଚାୟତ ପକ୍ଷରୁ ସ୍ୱାଗତ ଫଳକ ସ୍ଥାପନ କରାଯାଇଛି, ଯାହା ପୂଜାର ଆକର୍ଷଣକୁ ଆହୁରି ବଢ଼ାଇଛି।

ଅନ୍ୟପକ୍ଷରେ, ପୂଜା ସମୟରେ ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ପବନକୁ ନେଇ ଚିନ୍ତା ବଢ଼ିଛି। ପବନରେ ଅସୁରକ୍ଷିତ ତୋରଣ ଓ ଆଲୋକ ସାଜସଜ୍ଜା ଭାଙ୍ଗିପଡ଼ି ଧନଜୀବନ କ୍ଷତିର ଆଶଙ୍କା ଥିବାରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଶାସନ ପରାମର୍ଶ ଦେଇଛି। ବିଶେଷକରି ରାସ୍ତା ଉପରେ ନିର୍ମିତ ତୋରଣଗୁଡ଼ିକୁ ହଟାଇବା ସହ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ କୁହାଯାଇଛି। ପୂଜାର ଆନନ୍ଦ ଓ ଉତ୍ସାହ ମଧ୍ୟରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଯେପରି ବାଧାପ୍ରାପ୍ତ ନ ହୁଏ, ସେଥିପ୍ରତି ଆୟୋଜକ ଓ ପ୍ରଶାସନର ସତର୍କ ଦୃଷ୍ଟି ରହିବା ଆବଶ୍ୟକ।

ଗଜଲକ୍ଷ୍ମୀ ପୂଜା ପୂର୍ବରୁ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

ଢେଙ୍କାନାଳ,୨୪।୧୦ (ସଂଚାର ବ୍ୟୁରୋ): ଆସନ୍ତା ଗଜଲକ୍ଷ୍ମୀ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଏବଂ ସହରରେ ଆଇନଶୃଙ୍ଖଳା ରକ୍ଷା ସହ ଜନସାଧାରଣଙ୍କ ମଧ୍ୟରେ ସୁରକ୍ଷାବୋଧ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ସନ୍ଧ୍ୟାରେ ଢେଙ୍କାନାଳ ପୁଲିସ ପକ୍ଷରୁ ଏକ ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା। ଏସ୍‌ପି ଶ୍ରୀ ଅଜିଙ୍କ୍ୟ ବାବୁରାଓ ମାନେଙ୍କ ନେତୃତ୍ୱରେ ଆୟୋଜିତ ଏହି ଫ୍ଲାଗ୍‌ମାର୍ଚ୍ଚରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ସମେତ ପୂଜା ପାଇଁ ନିୟୋଜିତ ପୁଲିସ ବଳ ଅଂଶଗ୍ରହଣ କରିଥିଲେ। ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ୍‌ରୁ ଆରମ୍ଭ ହୋଇଥିବା ଏହି ମାର୍ଚ୍ଚ ବାଜିଚୌକ ଦେଇ ଏସ୍‌ପି କାର୍ଯ୍ୟାଳୟ ମୁଖ୍ୟାଳୟରେ ଶେଷ ହୋଇଥିଲା।

ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ପି ଶ୍ରୀ ମାନେ କହିଥିଲେ ଯେ ଗଜଲକ୍ଷ୍ମୀ ପୂଜା ଢେଙ୍କାନାଳର ସମସ୍ତଙ୍କର ପର୍ବ। ଏହାକୁ ସଫଳ ଓ ଶୃଙ୍ଖଳିତ କରିବାରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ରହିଛି। ତେଣୁ ଆଇନଶୃଙ୍ଖଳା ରକ୍ଷା ଦିଗରେ ପୁଲିସକୁ ସହଯୋଗ କରିବା ସହ ପୂଜାକୁ ସମସ୍ତଙ୍କ ପାଇଁ ସୁରକ୍ଷିତ କରିବା ନିମନ୍ତେ ସେ ସହରବାସୀଙ୍କୁ ଆହ୍ୱାନ ଦେଇଥିଲେ। ପୂଜା ସମୟରେ ମୋଟ ୨୪ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ରହିବେ। ସୁରକ୍ଷା ବ୍ୟବସ୍ଥାର ସୁପରିଚାଳନା ପାଇଁ ୧୮ଟି ଆଉଟ୍‌ପୋଷ୍ଟ ସ୍ଥାପନ କରାଯାଇଛି। ସହରରେ ଚୋରି, ନିଶାଦ୍ରବ୍ୟ କାରବାର ଓ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟକଳାପ ରୋକିବା ପାଇଁ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଛି। ପ୍ରମୁଖ ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକ ଉପରେ ଡ୍ରୋନ୍ କ୍ୟାମେରା ମାଧ୍ୟମରେ ନଜର ରଖାଯିବ। ପ୍ରତ୍ୟେକ ପୂଜା ମଣ୍ଡପରେ ପୁଲିସ କର୍ମଚାରୀ ନିୟୋଜିତ ରହିବେ। ରୂପା ଅଳଙ୍କାରରେ ସଜ୍ଜିତ ମେଢ଼ଗୁଡ଼ିକର ସୁରକ୍ଷା ପାଇଁ ସଶସ୍ତ୍ର ପୁଲିସ ମୁତୟନର ବ୍ୟବସ୍ଥା ହୋଇଛି।

ପୂଜା ସମୟରେ ଭିଡ଼ର ସୁଯୋଗ ନେଇ ସୁନାଚେନ୍ ଲୁଟ୍ ଭଳି ଘଟଣା ରୋକିବା ପାଇଁ ସାଧା ପୋଷାକରେ ସ୍ୱତନ୍ତ୍ର ପୁଲିସ ଟିମ୍ ମୁତୟନ ରହିବେ। ପୂଜା ସମୟରେ ସହରକୁ ଆସୁଥିବା ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଯାନବାହନ ଚଳାଚଳ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା ଓ ପାର୍କିଂ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଉପରେ ପୁଲିସ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଗଜଲକ୍ଷ୍ମୀ ପୂଜାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁବ୍ୟବସ୍ଥିତ ଭାବେ ପାଳନ କରିବା ଦିଗରେ ଢେଙ୍କାନାଳ ପୁଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି ଗ୍ରହଣ କରାଯାଇଛି।

ଜବ୍ କାର୍ଡଧାରୀ ଶ୍ରମିକଙ୍କୁ ଶୋଷଣ କରୁଛି ମେସିନ

ଢେଙ୍କାନାଳ, ୨୪।୧୦ (ସଂଚାର ବ୍ୟୁରୋ): କଙ୍କଡ଼ାହାଡ଼ ବ୍ଲକ ପଙ୍ଗାତିରା ପଂଚାୟତ ଝୁଟିଆବନ୍ଧ ଠାରୁ ମାଧନାଳୀ ସାହି ରାସ୍ତାର ଜବ କାର୍ଡଧାରୀ ଶ୍ରମିକ ହାତ ବାନ୍ଧି ବସିଛନ୍ତି । ଅସଲ କଥା ହେଉଛି ଜବ କାର୍ଡ ଶ୍ରମିକ କାମ ପାଉନାହାନ୍ତି। କିନ୍ତୁ ମେସିନ ସାହାଯ୍ୟରେ କାମ କରି ନିଜ ଲୋକଙ୍କର ଜବ କାର୍ଡ ଡିମାଣ୍ଡ ପଡୁଛି । ଏଥିରେ କେହି ବିରୋଧ କରୁନାହାନ୍ତି ଯଦି କିଏ ବିରୋଧ କରିବ ବିଧାୟକ ଚାପ ପଡିବ । ବିଧାୟକ ନିଜ ଦଳୀୟ ଲୋକଙ୍କୁ କାମ ଦେଉଛନ୍ତି । ଏହି ରାସ୍ତାର ନାଗରିକ ସୂଚନା ଫଳକ ନାହିଁ । ଗାଁ ସାଥ୍ ନାମରେ ଫାଇଲ ଖୋଲି ଦଳର କର୍ମୀମାନଙ୍କୁ ମିଳୁଛି କାମ । ସରକାର ମନରେଗା ଯୋଜନାକୁ ଭିବି -ଜି ରାମ କି ପରିବର୍ତ୍ତନ କରିଛନ୍ତି ଦୁର୍ନୀତି ରୋକିବାପାଇଁ କିନ୍ତୁ ଦୁର୍ନୀତି ବଢ଼ିଚାଲିଛି ୱେବ ସାଇଡରୁ ତଥ୍ୟ ମିଳୁଛି ଶ୍ରମିକ କାମ କରୁଛନ୍ତି । ଦିନ ଦିପହରେ ଜେସିପି ସାହାଯ୍ୟରେ କାମ କରାଯାଉଛି । ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଂଚଳବାସୀ ଦାବୀ କରିଛନ୍ତି ।

ଗ୍ରାମ୍ୟ ରାସ୍ତା ପାଲଟିଛି ମରଣଯନ୍ତ୍ର।

ମରାମତି ପାଇଁ ଦାବି କଲେ ଗ୍ରାମବାସୀ

ନିଶ୍ଚିନ୍ତକୋଇଲି,୨୪।୧୦ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ଅସୁରେଶ୍ୱର ପଞ୍ଚାୟତ କାଳିଦାସ ଗାଁର ୮ ନଂ ୱାର୍ଡରେ ଥିବା ଗ୍ରାମ୍ୟ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଦୀର୍ଘ ବର୍ଷ ହେବ ଏହି ରାସ୍ତା ନିର୍ମାଣ କରାଯାଇଥିଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣ ଓ ମରାମତି କରାଯାଉନଥିବାରୁ ଉକ୍ତ ରାସ୍ତାଟି ଫାଟି ଦୁଇ ଫାଳ ହୋଇଯାଇଥିବା ବେଳେ ରାସ୍ତା ପାର୍ଶ୍ୱରେ ଥିବା ସୁରକ୍ଷା ପାଚେରୀକୁ ମଧ୍ୟ ଭାଙ୍ଗିଯାଇଥିବା ଦେଖାଯାଇଛି। ପ୍ରତ୍ୟେକ ଦିନ ଯାତାୟାତ ପାଇଁ ଏହି ରାସ୍ତା ଉପରେ ୩୦ଟି ପରିବାର ନିର୍ଭର କରୁଥିବା ବେଳେ ରାସ୍ତାର ଅବସ୍ଥା ଏଭଳି ହୋଇଥିବାରୁ ଯାତାୟାତ ପାଇଁ ସେମାନେ ନାହିଁ ନଥିବା ହୀନସ୍ଥା ହେଉଛନ୍ତି।

ଏହି ଗ୍ରାମର ବାମପଟେ ଲୁଣାନଦୀ ପ୍ରବାହିତ ହେଉଥିଲା ବେଳେ ଡାହାଣପଟେ କେନ୍ଦ୍ରାପଡ଼ା ମୁଖ୍ୟ କେନାଲ ଯାଇଛି। ଗ୍ରାମ ମଧ୍ୟ ଦେଇଯାଇଥିବା ଉକ୍ତ ରାସ୍ତାଟି ମୁଖ୍ୟ ରାସ୍ତାକୁ ସଂଯୋଗୀକରଣ କରୁଥିବାରୁ ଗ୍ରାମବାସୀମାନଙ୍କ ପାଇଁ ଏହା ଏକମାତ୍ର ବାଟ ଅଟେ। ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ପଞ୍ଚାୟତଠାରୁ ଆରମ୍ଭକରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ତୁରନ୍ତ ଉକ୍ତ ରାସ୍ତାକୁ ନୂତନ ଭାବେ ନିର୍ମାଣ କରିବା ପାଇଁ ଗ୍ରାମବାସୀମାନେ ପ୍ରଶାସନିକ ସ୍ତରରେ ଦାବି କରିଛନ୍ତି।

୨୨କେଜି ଗଞ୍ଜେଇ ଜବତ, ମହିଳା ଗିରଫ

ଫୁଲବାଣି,୨୪।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା କ୍ କୁଆଗାଁ ଥାନା ପୋଲିସ ଗଞ୍ଜେଇ ଚାଲଣକାରୀ ମହିଳା ଠାରୁ ୨୨ କିଲୋ ଗଞ୍ଜେଇ ସହ ମୋବାଇଲ ଓ ହଜାର ଟଙ୍କା ଜବତ ଜଣାପଡିଛି। ଉକ୍ତ ପୋଲିସ ଦଳରେ କ.କୁଆଗାଁ ଥାନା ଅଧିକାରୀ ସବ୍‌ଇନ୍ସପେକ୍ଟର ଅଶୋକ ତ୍ରିପାଠୀ,ଏଏସଆଇ ବାସୁଦେବ ସୁରେନ୍ଦ୍ର ରାଜହଂସଙ୍କ ସମେତ କର୍ମଚାରୀ ମାନେ ସାମିଲ ହୋଇ ଥିବା ବେଳେ ଦାରିଙ୍ଗବାଡି ଛକରେ ପଶ୍ଚିମ ବଙ୍ଗକୁ ନେବା ପାଇଁ ଏକ ଜରି ଅଖା ଧରି ଏକ ମହିଳା ବସକୁ ଅପେକ୍ଷା କରି ଥିଲା।ତେବେ

ପୋଲିସ ସନ୍ଦେହରେ ତଲାସୀ କରିଥିଲା କ.ନୂଆଗାଁ ଗଞ୍ଜେଇ ଥିବା ପୋଲିସ ପେଟ୍ରୋଲିଂ ଜବତ କରିଥିଲା। ପରେ ଉକ୍ତ ଚୋରା ସ୍ଥାନରେ ମାଜିଷ୍ଟ୍ରେଟ ଭାବେ ଅତିରିକୁ ତହସିଲଦାର ବସୁଧା ପ୍ରଧାନ ଓ ଅନ୍ୟ ନଗଦ ପାଞ୍ଚ କର୍ମଚାରୀଙ୍କ ଉପସ୍ଥିତିରେ ଉକ୍ତ ଜରି ଅଖାରେ ଥିବା ୨୨ କେଜି ଗଞ୍ଜେଇ ଜବତ ପେଟ୍ରୋଲିଂ କରିବା ସହ ଚୋରା ଚାଲାଣ କାରୀ

SANCHAR
ସଂଚାର
ରବିବାର ୨୫ ଅକ୍ଟୋବର ୨୦୨୬

ସ୍ୱାସ୍ଥ୍ୟ



ପାଦ ଫାଟୁଛି କି ?

ପାଦ ଫାଟିବା ଏକ ସାଧାରଣ କଥା। କିନ୍ତୁ ଅବହେଳା କରିବାଯୋଗ୍ୟ ନୁହେଁ। ନଚେତ ଏହା ଅନେକ ସମୟରେ ବିପଦ ସୃଷ୍ଟି କରିପାରେ। ବେଳେ ବେଳେ ଏହା ସ୍ୱାସ୍ଥ୍ୟ ସହିତ ଜଡିତ ସମସ୍ୟା ସମ୍ପର୍କରେ ସଙ୍କେତ ଦେଇଥାଏ। ପାଦ ଫାଟିବାର ସମସ୍ୟା ଶୀତ ଋତୁ, ଅତ୍ୟଧିକ ଶୁଷ୍କ ପରିବେଶ, ଦୀର୍ଘ ସମୟ ଠିଆ ହୋଇ କାମ କରିବା, ଖାଲି ପାଦରେ ଚାଲିବା, ଶରୀରରେ ଜଳର ଅଭାବ କିମ୍ବା ଚର୍ମର ଯଥେଷ୍ଟ ଆର୍ଦ୍ରତା ନ ରହିବା ଭଳି ବିଭିନ୍ନ କାରଣରୁ ହୋଇପାରେ। କିନ୍ତୁ ଏଥିପ୍ରତି ଅବହେଳା କରିବା ମଧ୍ୟ ଉଚିତ୍ ନୁହେଁ। ଖାସ୍ କରି ମଧୁମେହ, ଥାଇରଏଡ୍ ସମସ୍ୟା କିମ୍ବା କିଛି ଚର୍ମରୋଗ ଥିବା ବ୍ୟକ୍ତିଙ୍କ ମଧ୍ୟରେ ପାଦ ଫାଟିବା ଭଳି ସମସ୍ୟା ଅଧିକ ଦେଖାଯାଏ। ତେଣୁ ପାଦର ମଧ୍ୟ ଯତ୍ନ ନିଶ୍ଚୟ ନିଅନ୍ତୁ। ପାଦରେ ହେଉଥିବା ଯନ୍ତ୍ରଣାକୁ ଆମେ ସବୁବେଳେ ଜାଣିବା ପରେ ମଧ୍ୟ ଅଣଦେଖା କରିଦେଇଥାଉ। କିନ୍ତୁ ଏହା ବିଭିନ୍ନ ରୋଗର ସଙ୍କେତ ଦେଇଥାଏ। ହାଇ କୋଲେଷ୍ଟ୍ରଲର ଲକ୍ଷଣ ଗୋଡରେ ମଧ୍ୟ ଦେଖାଯାଏ। ଯଦି ଆପଣ ଠିକ୍ ସମୟରେ ଏଥିପ୍ରତି ଧ୍ୟାନ ନଦିଅନ୍ତି ତେବେ ଆଗକୁ ଯାଇ ସମସ୍ୟା ସୃଷ୍ଟି କରିପାରେ। ତେବେ ଏହି ଲକ୍ଷଣଗୁଡିକୁ ଅଣଦେଖା କରନ୍ତୁନାହିଁ। ନଚେତ ଆପଣ ହୃଦଘାତର ଶିକାର ହେବା ସହ ଉଚ୍ଚ ରକ୍ତଚାପ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। କେବଳ ଏତିକି ନୁହେଁ ଆପଣଙ୍କ ଶରୀରରେ ଅନେକ ପ୍ରକାରର ରୋଗ ମଧ୍ୟ ଦେଖାଦେଇଥାଏ।

ଯଦି ଯନ୍ତ୍ରଣାକୁ ଠିକ୍ ସମୟରେ ଉପଚାର କରାନଯାଏ, ତେବେ ଅଧିକ ସମସ୍ୟା ଦେଖାଯାଇପାରେ। କାରଣ ପେରିଫେରଲ ଆର୍ଟରୀ ଡିସଅର୍ଡର ଏମିତି ଏକ ରୋଗ, ଯାହା ଅନ୍ୟ ଲକ୍ଷଣ କାରଣରୁ ହୁଏ ନାହିଁ। ପାଦରେ ଯନ୍ତ୍ରଣା, ହୃଦ ରୋଗର ପ୍ରାରମ୍ଭିକ ଲକ୍ଷଣ ଭାବେ ମନାଯାଏ। ତେଣୁ ପାଦରେ ଯନ୍ତ୍ରଣା, ଓଜନ ଲାଗିବା, ଜଳାପୋଡା ଲକ୍ଷଣକୁ କେବେ ବି ଅଣଦେଖା କରନ୍ତୁ ନାହିଁ। ତେବେ ଆସନ୍ତୁ ଏହା ସମ୍ପର୍କରେ ସମ୍ପୂର୍ଣ୍ଣ ଭାବେ ଜାଣିବା।

ଶୀତଦିନେ ପାଦ ଥଣ୍ଡା ହୋଇଯିବା ଏକ ସାଧାରଣ କଥା। କିନ୍ତୁ ଯଦି ଖରାଦିନେ ମଧ୍ୟ ଏହା ଦେଖିବାକୁ ମିଳେ ତେବେ ଆପଣ ଜାଣନ୍ତୁ ଯେ ଆପଣଙ୍କ ଶରୀରରେ କିଛି ସମସ୍ୟା ରହିଛି। ଯାହା ହାଇ କୋଲେଷ୍ଟ୍ରଲର ଲକ୍ଷଣ ହୋଇପାରେ। ଏଭଳି ପରିସ୍ଥିତିରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ଏଥିସହିତ ହାଇ କୋଲେଷ୍ଟ୍ରଲ ଯୋଗୁଁ ପାଦକୁ ହେଉଥିବା ରକ୍ତ ସଞ୍ଚାଳନ ଉପରେ ମଧ୍ୟ ପ୍ରଭାବ ପଡିଥାଏ। ରକ୍ତ ଅଭାବ ଯୋଗୁଁ ପାଦର ଚର୍ମ ଏବଂ ନଖର ରଙ୍ଗ ବଦଳିବାକୁ ଆରମ୍ଭ କରିଥାଏ। ଏହା ବ୍ୟତୀତ ଅନେକ ଲୋକ ରାତିରେ ଶୋଇବା ସମୟରେ ଗୋଡ ଫାଟିଯାଇଥାଏ। ଯାହା ହାଇ କୋଲେଷ୍ଟ୍ରଲର ଏକ ସାଧାରଣ ସଙ୍କେତ। ପାଦ ବ୍ୟତୀତ ଗୋଇଠି ପାଦ ଅଙ୍ଗୁଳିରେ ମଧ୍ୟ ଫାଟ ଦେଖାଯାଏ ଯାହାର ପ୍ରଭାବ ନିଦ ଉପରେ ପଡିଥାଏ।

ଷ୍ଟ୍ରେସ୍‌ରେ ରହି ଅଫିସ୍ କାମ କରୁଛନ୍ତି ?

ଅଫିସ୍‌ରେ ଷ୍ଟ୍ରେସ୍ ଅନୁଭବ କରୁଛନ୍ତି କି ? ତେବେ ବ୍ୟସ୍ତ ହୁଅନ୍ତୁନି। କିଛି ସହଜ ଉପାୟ ଆପଣାଇବା ସହ ଏହାକୁ ଦୂର କରିପାରିବେ। ମାଇକ୍ରୋ ଷ୍ଟ୍ରେଚ୍ ବ୍ରେକ୍: ନ୍ୟାସନାଲ୍ ଲାଇବ୍ରେରୀ ଅଫ୍ ମେଡିସିନ୍‌ରେ ପ୍ରକାଶିତ ଜାପାନର ଏକ ମେଡିକାଲ ଗବେଷଣା ଅନୁସାରେ ପ୍ରତି ଘଣ୍ଟାରେ ଥରେ ଷ୍ଟ୍ରେଚ୍ ବ୍ରେକ୍ ନେବା ଜରୁରି। ବେକ ଓ କାନ୍ଧକୁ ହାଲ୍‌କା ଷ୍ଟ୍ରେଚ୍ କରନ୍ତୁ। ଫଳରେ ଷ୍ଟ୍ରେସ୍ କମ୍ ରହିବା ଶରୀରରେ ରକ୍ତ ପ୍ରବାହ ବଢିବା ସହ ମାଂସପେଶୀ ମଧ୍ୟ ଫ୍ରି ରହିପାରିବେ।

ସକାରାତ୍ମକ ଦୃଷ୍ଟିକୋଣ: ଅଫିସ୍‌ରେ ଷ୍ଟ୍ରେସ୍ ଅନୁଭବ କଲେ, ୨ ମିନିଟ୍ ପାଇଁ ଆଖି ବନ୍ଦ କରି କୌଣସି ଶାନ୍ତ ଜାଗାର ପରିକଳ୍ପନା କରନ୍ତୁ। ଏପରି କରିବା ଦ୍ୱାରା ମନ ଶାନ୍ତ ହେବାସହ ଚିନ୍ତା ଆପେ ଆପେ ଦୂର ହୋଇଥାଏ।

ଅରୋମା ଷ୍ଟିକ୍ ବ୍ୟବହାର କରନ୍ତୁ: ଲାଭେଣ୍ଡର୍ ବା ପିଞ୍ଚରମେଣ୍ଟ ପରି ହାଲ୍‌କା ବାସ୍ନାକୁ ଶୁଙ୍ଘିବା ଦ୍ୱାରା ମଧ୍ୟଷ୍ଟ୍ରେସ୍‌କୁ କମ୍ କରିପାରିବେ। ଏଥିପାଇଁ ଅଫିସ୍ ଡେସ୍କରେ ଲାଭେଣ୍ଡର୍ ବାପିଞ୍ଚରମେଣ୍ଟ ଷ୍ଟିକ୍ ରଖିବାକୁ ପଡିଥାଏ। ବାୟୋମେଡ୍ ସେଣ୍ଟ୍ରାଲ ଜର୍ଣ୍ଣାଲରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଏସବୁ ଷ୍ଟିକ୍‌ର ବାସ୍ନା ଚିନ୍ତା, ଅବସାଦ ଓନିଦର ଗୁଣବତ୍ତାରେ ସୁଧାର ଆଣିଥାଏ।

ଆଇ ପାମିଙ୍ଗ୍ ଟେକ୍ନୋଲୋଜି: ଅଫିସରେ ଲଗାତାର ସ୍କ୍ରିନ୍‌କୁ ଦେଖି କାମ କରିବା ଦ୍ୱାରା ଆଖି ଓ ମସ୍ତିଷ୍କ ଥକିପଡିଥାଏ। କେବେ କେବେ ଭ୍ରମ ମଧ୍ୟ ସୃଷ୍ଟି ହୋଇଥାଏ। ସେଥିପାଇଁ ୩୦ ସେକେଣ୍ଡ ପାଇଁ ପାପୁଲିକୁ ଆଖି ଉପରେ ରଖିବା ଦ୍ୱାରା ଷ୍ଟ୍ରେସ୍ ହର୍‌ମୋନ୍ କମିବା ସହ ମସ୍ତିଷ୍କ ସତେଜ ହୋଇଥାଏ। ତେଣୁ ଅଫିସ୍‌ରେ ଆଇ ପାମିଙ୍ଗ୍‌ଟେକ୍ନୋଲୋଜି ମଧ୍ୟ ଆପଣାଇପାରିବେ।

ମଣିଷ କର୍କଟ ପୀଡ଼ିତ ହେଉଛି କାହିଁକି ?

କର୍କଟ ଭାରତରେ ମୃତ୍ୟୁର ପ୍ରମୁଖ କାରଣ ସାଜିଛି। ୨୦୨୨ରେ ୧୪.୧ ଲକ୍ଷ ନୂଆ ମାମଲା ଓ ୯.୨ ଲକ୍ଷଙ୍କ ମୃତ୍ୟୁ ହୋଇଥିବା ରେକର୍ଡ ରହିଛି। ଏହାର ମୁଖ୍ୟ କାରଣ ରୋଗ ବିଳମ୍ବରେ ଜଣାପଡିବା। ଚାଲନ୍ତୁ ଜାଣିବା କର୍କଟ ଆଡଭାନ୍ସ ଷ୍ଟେଜ୍‌ରେ ଜଣାପଡିବାର କାରଣ କ'ଣ ? କର୍କଟ ରୋଗ ଗମ୍ଭୀର ସମସ୍ୟା, ଯାହାର ନାଁ ଶୁଣିଲେ ଲୋକଙ୍କ ଭିତରେ ଭୟ ସୃଷ୍ଟି ହୋଇଥାଏ। ସାରା ବିଶ୍ୱରେ ମୃତ୍ୟୁର ସବୁଠାରୁ ବଡ଼ କାରଣ ମଧ୍ୟରେ କର୍କଟ ସାମିଲ୍ ରହିଛି। ରେକର୍ଡ ଅନୁସାରେ ଭାରତରେ ୧୪.୧ ଲକ୍ଷ ନୂଆ କର୍କଟ ମାମଲା ସାମ୍ନାକୁ ଆସିବା ସହ ୯.୨ ଲକ୍ଷଙ୍କର ମୃତ୍ୟୁ ହୋଇଥିବା ରେକର୍ଡ ରହିଛି। ଏହାର ସବୁଠାରୁ ବଡ଼ କାରଣ ହେଉଛି ରୋଗର ଚିହ୍ନଟରେ ବିଳମ୍ବ ହେବା। ବିଜ୍ଞାନ ଖୁବ୍ ପ୍ରଗତି କରିଥିଲେ ମଧ୍ୟ କର୍କଟ ରୋଗର ଚିହ୍ନଟ ପ୍ରାୟତଃ ସବୁବେଳେ ଆଡଭାନ୍ସ ଷ୍ଟେଜ୍‌ରେ ହେଉଛି। ଫଳରେ ରୋଗର ଚିହ୍ନଟ ଓ ଚିକିତ୍ସା ପ୍ରାୟତଃ ଅସମ୍ଭବ ହୋଇପଡୁଛି। କାହିଁକି ପ୍ରାରମ୍ଭିକ ପର୍ଯ୍ୟାୟରେ ଜଣାପଡୁନାହିଁ ଚାଲନ୍ତୁ ଜାଣିବା ଫରିଦାବାଦର ମେଡିକାଲ୍ ଅଙ୍କୋଲୋଜିଷ୍ଟ ପ୍ରଶାନ୍ତ ମେହେତାଙ୍କଠାରୁ।

ରେକର୍ଡ ଉପରେ ନଜର ପକାନ୍ତୁ: ଆଇସିଏମ୍‌ଆର୍ ନ୍ୟାସନାଲ କ୍ୟାନସର ରେଜେଷ୍ଟ୍ରି ପ୍ରୋଗ୍ରାମ ଅନୁସାରେ ୬୦ ପ୍ରତିଶତ ସର୍ଭାଇକାଲ୍ କର୍କଟ ଓ ୫୬ ପ୍ରତିଶତ ବ୍ରେଷ୍ଟ କର୍କଟର ଚିହ୍ନଟ ଖୁବ୍ ଡେରିରେ ହୋଇଥାଏ। ହେଡ୍ ଆଣ୍ଡ ନେକ୍ କର୍କଟର ଚିହ୍ନଟ ପ୍ରାୟତଃ ଶେଷ ପର୍ଯ୍ୟାୟରେ ଜଣାପଡିଥାଏ। ଫୁସ୍ଫୁସ୍ କର୍କଟରେ ୪୫ରୁ ୪୮ ପ୍ରତିଶତ ମାମଲା ଚିକିତ୍ସା ଆରମ୍ଭ ହେବା ବେଳକୁ ଏହା ଶରୀରର ଅନ୍ୟ ଅଙ୍ଗକୁ ମାଡି ସାରିଥାଏ।

ସଚେତନତା ଓ ସ୍କ୍ରିନିଂର ଅଭାବ: ଲୋକମାନେ କର୍କଟର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ କରିବାକୁ ନେଇ ସେତେଟା ସଚେତନ ନୁହନ୍ତି। ଭାରତରେ ରୁଟିନ୍ ଚେକଅପ୍ ଓ ସ୍କ୍ରିନିଂ କରିବା ସେତେଟା ବିକଶିତ ହୋଇପାରିନାହିଁ। ସ୍କ୍ରିନିଂରେ ଲକ୍ଷଣ ଦେଖାଯିବା ପୂର୍ବରୁ ରୋଗ ଚିହ୍ନଟ ହୋଇଥାଏ, ଯାହା ଏବେ ଖୁବ୍ କମ୍ ଲୋକ କରିଥାନ୍ତି।

ସାମାଜିକ ଡର ଓ ସଙ୍କୋଚ: ଆଜି ବି ସମାଜରେ କର୍କଟ କହିଲେ ମୃତ୍ୟୁ ନିଶ୍ଚିତ ବୋଲି ଧରି ନିଆଯାଏ। ତେଣୁ ଲୋକମାନେ ଡରରେ କୌଣସି ଅସାମାନ୍ୟ ପରିବର୍ତ୍ତନକୁ ନେଇ ଡାକ୍ତରଙ୍କ ପରାମର୍ଶ କରି ନଥାନ୍ତି। ବିଶେଷକରି ମହିଳାମାନେ ସ୍ତନ କର୍କଟ ଓ ସର୍ଭାଇକାଲ କର୍କଟକୁ ନେଇ ଡାକ୍ତର ପରାମର୍ଶ ପ୍ରାୟତଃ କରି ନଥାନ୍ତି। ସଙ୍କୋଚ ସବୁଠାରୁ ବଡ଼ ପ୍ରତିବନ୍ଧକ।

ଲକ୍ଷଣ ସାମାନ୍ୟ ଲାଗିଥାଏ: କର୍କଟର ପ୍ରାରମ୍ଭିକ ଲକ୍ଷଣ ହାଲ୍ଲା ଯନ୍ତ୍ରଣା, କାଶ, ଓଜନ କମିବା, ବଦ୍‌ହଜମୀ ଖୁବ୍ ସାଧାରଣ ହୋଇଥାଏ। ଲୋକମାନେ ଏହାକୁ ସାମାନ୍ୟ ଅସ୍ୱାଭାବିକ ଭାବି ସାଧାରଣ ଔଷଧ ଖାଇଥାନ୍ତି। ଫଳରେ ସମୟ ଗଡ଼ିଚାଲେ। ରୋଗ ବଢିଚାଲେ।ମେଡିକାଲ୍ ବ୍ୟବସ୍ଥା ଓ ଆର୍ଥିକ ଚ୍ୟାଲେଞ୍ଜ: ଯାଞ୍ଚ ପ୍ରକ୍ରିୟା କଷ୍ଟକର ହେବା ସହ ରେଫରାଲ୍ ବ୍ୟବସ୍ଥାରେ ମଧ୍ୟ ଡେରି ହୋଇଥାଏ। ଅନେକ ସମୟରେ ପ୍ରାଥମିକ ପର୍ଯ୍ୟାୟରେ ମଧ୍ୟ ଠିକ୍ ଭାବେ ଯାଞ୍ଚ ହୋଇପାରି ନଥାଏ। ଏହାବ୍ୟତୀତ ଯାଞ୍ଚ ପାଇଁ ଅଧିକ ଖର୍ଚ୍ଚ ହେଉଥିବା ଯୋଗୁ ସମସ୍ତଙ୍କ ପାଇଁ ସମ୍ଭବ ହୋଇ ନଥାଏ।

ଭୁଲ୍ ତଥ୍ୟ: କିଛି ଲୋକ ଇଣ୍ଟରନେଟ୍ ସହାୟତା ନେଇ ତ ଆଉ କିଛି ଘରୋଇ ଉପାୟରେ ଔଷଧ ନେବା ସହ ସମୟ ନଷ୍ଟ କରିଥାନ୍ତି। ଫଳରେ ଡାକ୍ତରୀ ଚିକିତ୍ସା କରିବା ବେଳକୁ ସମୟ ପ୍ରାୟତଃ ଶେଷ ଅବସ୍ଥାରେ ପହଞ୍ଚିଥାଏ।

ଆଣ୍ଟିବାୟୋଟିକ୍ ନେଉଛନ୍ତି କି ?

ଥରେ ଭାବନ୍ତୁ ତ ଆପଣଙ୍କୁ ରୋଗ ହୋଇଛି, ଔଷଧ ଖାଇବା ପରେ ମଧ୍ୟ ରୋଗ ଉପରେ ଏହାର ପ୍ରଭାବ ପଡୁନାହିଁ। ଆଜିର ଦୁନିଆରେ ଏହା ସବୁଠାରୁ ବଡ଼ ସମସ୍ୟା ଭାବେ ଉଭା ହେବାରେ ଲାଗିଛି। ଏବେକାର ବ୍ୟସ୍ତ ବହୁଳ ଜୀବନରେ ବହୁ ସ୍ୱାସ୍ଥ୍ୟଜନିତ ସମସ୍ୟା ତୀବ୍ର ଭାବେ ବଢିବାରେ ଲାଗିଛି, ଯାହାକୁ ଆଣ୍ଟିବାୟୋଟିକ୍ ରେଜିଷ୍ଟାନ୍ସ କୁହାଯାଉଛି। ସହଜରେ କହିବାକୁ ଗଲେ ଆଣ୍ଟିବାୟୋଟିକ୍ ରେଜିଷ୍ଟାନ୍ସ ହେଉଛି ଯେତେବେଳେ ବ୍ୟାକ୍ଟେରିଆ ଉପରେ ଆଣ୍ଟିବାୟୋଟିକ୍ ଔଷଧର ପ୍ରଭାବ କମ୍ ହୋଇଥାଏ କିମ୍ବା ପ୍ରଭାବହୀନ ହେଉଥାଏ। ଏହି ସ୍ଥିତି ଖୁବ୍ କ୍ଷତିକାରକ। କାରଣ ଏହି ସମୟରେ ସାମାନ୍ୟ ରୋଗର ମଧ୍ୟ ଚିକିତ୍ସା କରିବା କଷ୍ଟକର ହୋଇପଡେ। ଅବଶ୍ୟ ଚିନ୍ତା କରନ୍ତୁନି। ଇଣ୍ଟନାଲ୍ ମେଡିସିନ୍‌ର ସିନିୟର୍ ଡାକ୍ତର ଶ୍ରୋୟା ଶ୍ରୀବାସ୍ତବଙ୍କ ମତରେ ନିୟମିତ ଜୀବନରେ କେତେକ ଅଭ୍ୟାସରେ ପରିବର୍ତ୍ତନ କରିବା ଦ୍ୱାରା ଏହି ସମସ୍ୟାକୁ କମ୍ କରାଯାଇପାରିବ। ଏମିତି କେତୋଟି ଅଭ୍ୟାସ ରହିଛି, ଯାହାକୁ ବିଶେଷ ଧ୍ୟାନ ଦେବା ଜରୁରି।

ଡାକ୍ତର ପରାମର୍ଶ ବିନା ଔଷଧ ନିଅନ୍ତୁନି: ପ୍ରଥମତଃ କୌଣସି ରୋଗ ହେଲେ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ନେବା ଉଚିତ୍। ବିନା ପରାମର୍ଶରେ ଆଣ୍ଟିବାୟୋଟିକ୍ ଆଦୌ ନିଅନ୍ତୁନି। ଏହା ଶରୀର ପାଇଁ କ୍ଷତିକାରକ ହୋଇପାରେ। ଡାକ୍ତର ରୋଗ ବିଷୟରେ ଜାଣିବା ପରେ ହିଁ ଔଷଧ ଦେଇଥାନ୍ତି। ଭାଇରାଲ ହୋଇଥିବା ବେଳେ ଆଣ୍ଟିବାୟୋଟିକ୍ ନିଅନ୍ତୁନି: ପ୍ରାୟ ଲୋକ ଥଣ୍ଡା-କାଶ ବା ଫ୍ଲୁ ହେଲେ ଆଣ୍ଟିବାୟୋଟିକ୍ ନେଇଥାନ୍ତି। ଏହା ଭୁଲ୍। ଡାକ୍ତରଙ୍କ ମତରେ ଏହି ସଂକ୍ରମଣ ଭୂତାଣୁ ଯୋଗୁ ହୋଇଥାଏ। କିନ୍ତୁ ଆଣ୍ଟିବାୟୋଟିକ୍ କେବଳ ଜୀବାଣୁଙ୍କ ଉପରେ କାମ କରିଥାଏ। ଭୂତାଣୁ ଉପରେ ଏହା ଆଦୌ କାମ କରି ନଥାଏ। ତେଣୁ ଏହି ଔଷଧ ନେବା ଅନୁଚିତ୍।

ଔଷଧର ଉପଯୁକ୍ତ ମାତ୍ରା ଓ ସମୟକୁ ଗୁରୁତ୍ୱ: ଯଦି ଡାକ୍ତର କୌଣସି ଔଷଧ ଦେଇଥାନ୍ତି, ତେବେ ଏହାକୁ ଉପଯୁକ୍ତ ମାତ୍ରାରେ ଓ ନିୟମିତ ସମୟରେ ନେବା ଜରୁରି। କିଛି ଲୋକ ସାମାନ୍ୟ ସୁସ୍ଥ ଅନୁଭବ କରିବା ପରେ ଔଷଧ ଖାଇବା ଛାଡି ଦେଇଥାନ୍ତି କିମ୍ବା କେବେ କେବେ ଅଧିକ ମାତ୍ରା ନେଇଯାଇଥାନ୍ତି। ଉଭୟ ସ୍ଥିତି କ୍ଷତିକାରକ। ଔଷଧର କୋର୍ସ ପୁରା କରିବା ବହୁତ ଜରୁରି।

ପୁରୁଣା କିମ୍ବା ଅନ୍ୟର ଔଷଧ ବ୍ୟବହାର କରିବା ଅନୁଚିତ୍: କେବେ କେବେ ଘରେ ପୂର୍ବରୁ ରହିଯାଇଥିବା ଆଣ୍ଟିବାୟୋଟିକ୍ କିମ୍ବା ଅନ୍ୟ କାହାର ଔଷଧକୁ ଖାଇବା ଅନୁଚିତ୍। କାରଣ ପ୍ରତ୍ୟେକ ରୋଗ ଓ ବ୍ୟକ୍ତିର ଶରୀର ଅଲଗା ହୋଇଥାଏ। ତେଣୁ ଔଷଧ ମଧ୍ୟ ଅଲଗା ହୋଇଥାଏ। ଭୁଲ୍ ଔଷଧ ଶରୀରକୁ ଖୁବ୍ କ୍ଷତି ପହଞ୍ଚାଇପାରେ।

ସ୍ୱଚ୍ଛତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ: କୁହାଯାଏ ଚିକିତ୍ସାଠାରୁ ଶ୍ରେଷ୍ଠ ସ୍ୱଚ୍ଛତା। ଯଦି ଆପଣ ନିୟମିତ ଜୀବନରେ ସ୍ୱଚ୍ଛତାକୁ ଅନୁକରଣ କରିବା ସହ ପରିଷ୍କାର ପରିଚ୍ଛନ୍ନ ରହିବେ ଓ ଉପଯୁକ୍ତ ଟୀକାକରଣକୁ ଗୁରୁତ୍ୱ ଦିଅନ୍ତି, ତେବେ ରୋଗ ହେବାର ସମ୍ଭାବନା ଆପେ ଆପେ ଦୂରେଇଯିବ। ରୋଗରେ ନ ପଡିଲେ ଆଣ୍ଟିବାୟୋଟିକ୍‌ର ଆବଶ୍ୟକତା ରହିବ ନାହିଁ। ତେଣୁ ଶରୀର ଅସୁସ୍ଥ ହେବାର ଆଶଙ୍କା ହିଁ ରହିବନାହିଁ।

ଜଙ୍କ୍ ଫୁଡ୍ ନ ଖାଇ ସାମିଲ କରନ୍ତୁ ମଖାନା

ଆଜିକାଲି ସ୍ୱାସ୍ଥ୍ୟକର ଖାଦ୍ୟର କଥା ଉଠିଲେ ମଖାନାର ନାମ ପ୍ରଥମେ ଆସିଥାଏ। ମଖାନା କେବଳ ଏକ ସାଧାରଣ ଖାଦ୍ୟ ନୁହେଁ, ବରଂ ଏହାକୁ ସୁପରଫୁଡ୍ ଭାବେ ବିବେଚନା କରାଯାଏ। ଏହା ଯେତିକି ସ୍ୱାଦିଷ୍ଟ ଆମ ସ୍ୱାସ୍ଥ୍ୟ ପାଇଁ ସେତିକି ଲାଭକାରୀ ହୋଇଥାଏ। ଆଜିକାଲି ଓଜନ କମାଇବା, ଡାଇବେଟିସ୍ ନିୟନ୍ତ୍ରଣ ଓ ସୁସ୍ଥ ଜୀବନଶୈଳୀ ପାଇଁ ମଖାନା ବହୁତ ଲୋକପ୍ରିୟ ହୋଇଯାଇଛି। ମଖାନାରେ ଅନେକ ଗୁରୁତ୍ୱପୂର୍ଣ୍ଣ ପୋଷକ ତତ୍ତ୍ୱ ରହିଛି। ମଖାନାରୁ ପ୍ରୋଟିନ୍, କାର୍ବୋହାଇଡ୍ରେଟ୍, ଫାଇବର, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଫସଫରସ୍, ପୋଟାସିୟମ ଏବଂ ଆଣ୍ଟିଅକ୍ସିଡେଣ୍ଟ ମିଳିଥାଏ। ଖାସ୍ କଥା ହେଉଛି ଯେ ଏଥିରେ ଚର୍ବି ଓ କୋଲେଷ୍ଟ୍ରୋଲର ପରିମାଣ ବହୁତ କମ୍ ଥାଏ। ଏହା ସମସ୍ତ ବୟସର ଲୋକଙ୍କ ପାଇଁ ଅତ୍ୟନ୍ତ ସ୍ୱାସ୍ଥ୍ୟକର ହୋଇଥାଏ। ତେବେ ଆସନ୍ତୁ ଏହାର ଲାଭକାରୀ ଗୁଣ ସମ୍ପର୍କରେ ଜାଣିବା। ଯେଉଁମାନେ ନିଜର ଓଜନ ନିୟନ୍ତ୍ରଣ କରିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ମଖାନା ଉତ୍ତମ ବିକଳ୍ପ। ଏଥିରେ ଫାଇବର ଅଧିକ ଏବଂ କ୍ୟାଲୋରି କମ୍ ଥିବାରୁ ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟକୁ ପୂର୍ଣ୍ଣ ରଖେ। ଫଳରେ ବାରମ୍ବାର ଭୋକ ଲାଗେ ନାହିଁ ଏବଂ ଅଧିକ ଖାଇବାର ଅଭ୍ୟାସ କମିଯାଏ। ସନ୍ଧ୍ୟା ବେଳେ ଚିପ୍ସ କିମ୍ବା ଅନ୍ୟ ଜଙ୍କ ଫୁଡ୍ ଖାଇବା ପରିବର୍ତ୍ତେ ଭଜା ମଖାନା ଖାଇବା ଅଧିକ ସ୍ୱାସ୍ଥ୍ୟକର ହୋଇଥାଏ। ମଖାନା ହାର୍ଟ ପାଇଁ ଖୁବ୍ ପ୍ରଭାବଶାଳୀ। ହାର୍ଟକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଏଥିରେ ସୋଡିୟମ୍‌ର ପରିମାଣ କମ୍ ଏବଂ ପୋଟାସିୟମ୍‌ର ପରିମାଣ ଅଧିକ ଥାଏ। ଫଳରେ ଏହା ରକ୍ତଚାପକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ। ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ଗୁଣ

ଶରୀରରେ ଥିବା କ୍ଷତିକାରକ ଫ୍ରି-ରାଡିକାଲ୍‌କୁ ନଷ୍ଟ କରି ହାର୍ଟକୁ ସୁସ୍ଥ ରଖେ। ତେଣୁ ହାର୍ଟ ସମସ୍ୟା ଥିବା ବ୍ୟକ୍ତିମାନେ ନିୟମିତ ମଖାନା ଖାଇବାର ଅଭ୍ୟାସ କରନ୍ତୁ। ଡାଇବେଟିସ୍ ରୋଗୀଙ୍କ ପାଇଁ ମଖାନା ଏକ ଉତ୍ତମ ଖାଦ୍ୟ। ଏହାର ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ଥିବାରୁ ରକ୍ତରେ ସୁଗାରର ମାତ୍ରା ହଠାତ୍ ବଢ଼େ ନାହିଁ। ତେଣୁ ଡାଇବେଟିସ୍ ଥିବା ବ୍ୟକ୍ତିମାନେ ଡାକ୍ତରଙ୍କ ପରାମର୍ଶ ନେଇ ଏହାକୁ ସେବନ କରିବା ଉଚିତ। ବୟସ ବଢ଼ିବା ସହିତ ହାଡ଼ ଦୁର୍ବଳ ହେବାର ସମସ୍ୟା ଦେଖାଦେଇଥାଏ। ମଖାନାରେ କ୍ୟାଲସିୟମ ଏବଂ ଫସଫରସ୍ ପ୍ରଚୁର ପରିମାଣରେ ଥାଏ। ଏହି ଦୁଇଟି ତତ୍ତ୍ୱ ହାଡ଼ ଓ ଦାନ୍ତକୁ ମଜବୁତ କରିବାରେ ସାହାଯ୍ୟ କରେ। ତେଣୁ ନିୟମିତ ମଖାନା ଖାଇବା ଦ୍ୱାରା ହାଡ଼କୁ ମଜବୁତ କରାଯାଇପାରିବ।ମଖାନାରେ ଥିବା ଫାଇବର ହଜମ ପ୍ରକ୍ରିୟାକୁ ସୁଦୃଢ଼ କରିଥାଏ। ଏହା କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ଆରାମ ଦେଇପାରେ। ଯେଉଁମାନଙ୍କର ହଜମ ଶକ୍ତି ଦୁର୍ବଳ, ସେମାନେ ନିଜ ଦୈନିକ ଖାଦ୍ୟରେ ମଖାନା ସାମିଲ କରିପାରନ୍ତି। ଏହା ପେଟକୁ ହାଲୁକା ରଖିବା ସହ ପାଚନ ପ୍ରକ୍ରିୟାକୁ ସୁସ୍ଥ ରଖେ। ମଖାନାରେ ଥିବା ଆଣ୍ଟିଅକ୍ସିଡେଣ୍ଟ ଚର୍ମକୁ ସୁସ୍ଥ ଓ ସତେଜ ରଖିବାରେ ସାହାଯ୍ୟ କରେ। ଏହା ବୟସ ବଢ଼ିବାର ଲକ୍ଷଣ ଯଥା ଚର୍ମରେ କୁଞ୍ଚନ ଭଳି ସମସ୍ୟାକୁ ରୋକିବାରେ ସାହାଯ୍ୟ କରେ। ଦିନସାରା କାମ କରିବା ପରେ ଅନେକ ଲୋକ କ୍ଲାନ୍ତ ଅନୁଭବ କରନ୍ତି। ଏଭଳି ସମୟରେ ମଖାନା ଏକ ଉତ୍ତମ ଏନର୍ଜି ସ୍ନାକ୍ସ ଭାବେ କାମ କରେ। ଏଥିରେ ଥିବା ପୋଷକ ତତ୍ତ୍ୱ ଶରୀରକୁ ତୁରନ୍ତ ଶକ୍ତି ଯୋଗାଇଥାଏ। ମଖାନା ଆଖିକୁ ଛୋଟ ଦେଖାଯାଉଥିଲେ ମଧ୍ୟ ଏହା ଅନେକ ସ୍ୱାସ୍ଥ୍ୟଗତ ଲାଭ ପ୍ରଦାନ କରିଥାଏ। ଆଧୁନିକ ଜୀବନଶୈଳୀରେ ଜଙ୍କ ଫୁଡ୍ ପରିବର୍ତ୍ତେ ମଖାନା ପରି ସ୍ୱାସ୍ଥ୍ୟକର ଖାଦ୍ୟକୁ ବାଛିବା ଏକ ବୁଦ୍ଧିମାନ ପଦକ୍ଷେପ ହୋଇପାରେ। ସୁସ୍ଥ ଶରୀର ଓ ଭଲ ସ୍ୱାସ୍ଥ୍ୟ ପାଇଁ ଦୈନନ୍ଦିନ ଖାଇବା ଲିଷ୍ଟରେ ମଖାନାକୁ ସାମିଲ କରନ୍ତୁ।

ଅଧାପନ୍ତରିଆରେ ଅଇଁଠାପାଲି ଓଭରବ୍ରିଜ୍ କାମ

ସମ୍ବଲପୁର,୨୪।୧୦ (ସଂଚାର ବ୍ୟୁରୋ): ସମ୍ବଲପୁରର ଅଇଁଠାପାଲି ଓଭରବ୍ରିଜ୍ ନିର୍ମାଣକୁ ନେଇ ବଢୁଛି ଅସନ୍ତୋଷ। ୨୦୨୪ ଜୁନ୍‌ରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପର କାମ ୨୦୨୬ ଡିସେମ୍ବର ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରହିଥିଲା। ହେଲେ ଧାର୍ଯ୍ୟ ସମୟ ପାଖେଇ ଆସୁଥିବା ବେଳେ ଏଯାଏଁ ମାତ୍ର ୫୦ ପ୍ରତିଶତ କାମ ସରିଛି। ଫଳରେ ନିର୍ମାଣ କାମ କେବେ ସରିବ, ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସହରବାସୀ।

ସମ୍ବଲପୁରର ରେମେଡ ଛକରୁ ଅଇଁଠାପାଲି ଛକ ଯାଏଁ ମାତ୍ର ୩ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ଲାଗୁଛି ଘଣ୍ଟା ଘଣ୍ଟା ସମୟ। ରାସ୍ତାର ଅବସ୍ଥା ଏପରି ଯେ ଧୂଳିରେ ଆଖି ଖୋଲିବା ମୁସ୍କିଲ୍। ମାସ୍କ କିମ୍ବା ଗାମୁଛା ନବାନ୍ଧି ଯାତାୟାତ କଲେ ଲୋକେ ଅସୁବିଧାରେ ପଡୁଛନ୍ତି। କେଉଁଠି ଭଙ୍ଗା ରାସ୍ତା ତ ଆଉ କେଉଁଠି ସଂକୀର୍ଣ୍ଣ ହିଡ଼ ରାସ୍ତାରେ ବିପଦପୂର୍ଣ୍ଣ ଭାବେ ଯାନବାହନ ଚଳାଚଳ କରୁଛି।

ଧୂଳି ଧୂଆଁରେ ଅଣନିଃଶ୍ୱାସୀ ସହରବାସୀ

ଅନ୍ୟପଟେ ଅଇଁଠାପାଲି ଅଞ୍ଚଳରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ରାସ୍ତାରେ ନିୟମିତ ପାଣି ଛିଞ୍ଚି ଧୂଳି ନିୟନ୍ତ୍ରଣ କରିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶ ଥିଲେ ମଧ୍ୟ ଏହାର ଉପଯୁକ୍ତ ପାଳନ ହେଉନଥିବା ଅଭିଯୋଗ ହୋଇଛି। ଏନ୍‌ଏଚ୍‌ଏଆଇ ଓ ସମ୍ପୃକ୍ତ ଠିକାସଂସ୍ଥାର କାର୍ଯ୍ୟକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ଲୋକଙ୍କ ଅସନ୍ତୋଷ ବଢୁଥିବାରୁ ନିର୍ମାଣ କାମର ତଦାରଖ ପାଇଁ ଜିଲ୍ଲାପାଳ ଦୁଇ ଜଣ ନୋଡାଲ ଅଫିସରଙ୍କୁ ଦାୟିତ୍ୱ ଦେଇଛନ୍ତି। ଏବେ ସହରବାସୀଙ୍କ ଅପେକ୍ଷା, କେବେ ଶେଷ ହେବ ଓଭରବ୍ରିଜ୍ କାମ ଏବଂ କେବେ ମିଳିବ ଦୈନନ୍ଦିନ ଯାତାୟାତ ଯନ୍ତ୍ରଣାରୁ ମୁକ୍ତି।

ପାଣି ପାଇଁ ତହଳ ବିକଳ ଗ୍ରାମବାସୀ

ରାସ୍ତାରେ ବାଲ୍‌ଟି ଗରା ଧରି ପ୍ରତିବାଦ କଲେ ମହିଳା

ବାଲିଆପାଳ,୨୪।୧୦ (ସଂଚାର ବ୍ୟୁରୋ): ସରକାର ପ୍ରତି ପଞ୍ଚାୟତରେ ବସୁଧା ଯୋଜନା ମାଧ୍ୟମରେ ଘରେ ଘରେ ପାନୀୟ ପାଣି ଯୋଗାଇ ଦେଉଛନ୍ତି। ସରପଞ୍ଚଙ୍କ ଅବହେଳା ପାଇଁ ଛଅ ଦିନ ଧରି ପାଣିରୁ ବଞ୍ଚିତ ରହିଛନ୍ତି ବୋଲି ଅଭିଯୋଗ ହୋଇଛି। ସୁତନା ଅନୁସାରେ ଦେଭୋକ ପଞ୍ଚାୟତ ଅନ୍ତର୍ଗତ ଘଣ୍ଟିଆଡି ଗ୍ରାମର ବସୁଧା ପାଣି ପମ୍ପ ଉପରେ ଗ୍ରାମର ୮୦୦ରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି। ଛଅ ଦିନ ଧରି ପାଣି ନଯାଇବାରୁ ଲୋକେ ଗଡ଼ିଆ ପାଣି ବ୍ୟବହାର କରୁଛନ୍ତି। ପିଇବା ପାଣି ପାଇଁ ଦୁଇ କିଲୋମିଟର ଦୂରକୁ ଯିବାକୁ ପଡୁଛି।

ଗାଇ ଗୋରୁ ମଧ୍ୟ ହଇରାଣ ହେଉଛନ୍ତି। ଗାଁରେ ନଳକୂପ ରହିଥିଲେ ମଧ୍ୟ ତାହା ବ୍ୟବହାର ଉପଯୋଗୀ ନୁହେଁ। ଏନେଇ ଶନିବାର ଗ୍ରାମର ମହିଳା ଓ ପୁରୁଷ ରାସ୍ତାରେ ବାଲଟି ଗୋରା ନେଇ ପିଇବା ପାଇଁ ପ୍ରତିବାଦ କରିବା ସହିତ ପାଣି ଯୋଗାଇ ଦେବା ପାଇଁ ପ୍ରଶାସନଙ୍କୁ ନିବେଦନ କରିଛନ୍ତି। ଏବାବଦରେ ସରପଞ୍ଚ ଏବଂ ଆରଡବ୍ଲ୍ୟୁଏସଏସର ଜେଇକୁ ଜଣାଇଥିଲେ ମଧ୍ୟ ଫଳ ଶୂନ୍ୟ ବୋଲି କହିଛନ୍ତି ମନୋରମା ପ୍ରଧାନ, ସବିତା ରାଣୀ ଦାସ, ସୁବାଶିନି ଦାସ, ବର୍ଷା ଦଳାଇ, ସବିତା ଦାସ, ପାର୍ବତୀ ଧଳ, ରୀତା ରାଣୀ ଦଳାଇ, ପଦ୍ମାବତୀ ଦଳାଇ, କାଞ୍ଚନ ଦଳାଇ, ହୁଷିକେଶ ଦାସ ମହାପାତ୍ର, ପିତାମ୍ବର ଜେନା ପ୍ରମୁଖ। ସରପଞ୍ଚ ସବିତା ନାୟକଙ୍କୁ ପଚାରିବାରୁ କହିଛନ୍ତି ବସୁଧାକୁ ସଂଯୋଗ କରୁଥିବା ଗ୍ରାଉଣ୍ଡଫରମା ପୋଡ଼ି ଯାଇଥିବାରୁ ପାଣି ବାହାରି ପାରୁନାହିଁ। ଶିଘ୍ର ପାଣିର ବ୍ୟବସ୍ଥା କରିବା ପାଇଁ ଚେଷ୍ଟା ଜାରି ରହିଛି।

ଡାକ୍ତରୀ ଛାତ୍ରଙ୍କୁ ପ୍ରଶାସନର ସହୟତା ପ୍ରଦାନ

ନିଜ ଦରମାରୁ ୧୦ ହଜାର ଦେବାକୁ ପ୍ରତିଶ୍ରୁତି ଦେଲେ ବିଡ଼ିଓ

କନ୍ଧମାଳ,୨୪।୧୦(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ସମସ୍ତଙ୍କ ମୁହଁରେ ବିଡ଼ିଓ ହେବ ତ ଏମିତି ବ୍ଲକ ସରାମୁଲି ପଞ୍ଚାୟତ ଧୁସାରିଗାଁ ସାରିଗାଁ ର ବୋଲି ଆଲୋଚନା ଜୋର ଧରିଛି। ଏନେଇ ସୁନାପୁଅ ତଥା ଡାକ୍ତରୀ ଛାତ୍ର ସୁଶାନୁ ବିଡ଼ିଓ ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି ଯେ ସୁନାମାଟି ଙ୍କୁ ସହା ହାୟତା କରିବାକୁ ଶୁକ୍ରବାର କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ଦାରିଙ୍ଗବାଡି ବି ବିଡ଼ିଓ ପ୍ରୀତିରଞ୍ଜନ ଜ୍ଞନ ରଥ ଙ୍କ ନିର୍ଦ୍ଦେଶକ୍ରମେ ଦାରିଙ୍ଗବାଡି ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି ଶନିବାର ସୁଶାନ୍ତି ତାଙ୍କ ଧୀରଜ ପାତ୍ର ସୁଶାନ୍ତି ଙ୍କୁ ରେଡ଼କ୍ରସ ପାଣ୍ଠିରୁ ପରିବାର ଲୋକଙ୍କ ସହ ଦାରିଙ୍ଗବାଡି ବିଡ଼ିଓ ୩୦ ହଜାର ଅର୍ଥ ରାଶି ପ୍ରଦାନ କରିଛନ୍ତି। ରଥ ଙ୍କ ଙ୍କ ସରକାରୀ ପ୍ରକୋଷ୍ଠ ରେ ଏବେ ତାଙ୍କ ହସ୍ପେଲ ଓ ଓ ଚଳଣି ପାଇଁ ପହଞ୍ଚିଥିଲେ ତାଙ୍କୁ ବିଡ଼ିଓ ନିଜସ୍ୱ ନିଜସ୍ୱ

ଦରମାରୁ ୧୦ହଜାର ଟଙ୍କ ଟଙ୍କା ଅର୍ଥ ରାଶି ସହାୟତା ଦେବେ ବୋଲି କହିଛନ୍ତି। ସୂଚନା ଯୋଗ୍ୟ କରିବା ସହ ପ୍ରତେକ ମାସ ର ହସ୍ପେଲ ଯେ ଯେ ସୁଶାନ୍ତି ଏନ ଏନଇଇଟି ପରୀକ୍ଷାରେ ଖର୍ଚ୍ଚ ସହ ଖାଇବା ଖର୍ଚ୍ଚ ବହନ କରିବାକୁ କୃତକାର୍ଯ୍ୟ ହୋଇ ଯାଜପୁର ଜିଲ୍ଲା ପ୍ରତିଶ୍ରୁତି ଦେଇଥିଲେ ତାଙ୍କର ଫାଇନାଲ ମିଁହାରାଜା ଯଯାତି କେଶରୀ ସରକାରୀ ସେମିଷ୍କାର ପର୍ଯ୍ୟନ୍ତ ଏହି ଖର୍ଚ୍ଚ ସେ ନିଜେ ମେଡିକାଲ କଲେଜରେ ନାମ ଲେଖାଇବାକୁ। ତାଙ୍କ ଦର ଦରମା ଅର୍ଥ ରୁ ବହନ କରିବାକୁ ସେ ବାପା ଓ ମା ନିଜବାଦ୍ଧକ୍ୟ ଭତ୍ତା କାର୍ଡ କୁ ପ୍ରତିଶ୍ରୁତି ଦି ଦେଇଛନ୍ତି ଏହାକୁ ବିଡ଼ିଓ ବହନ ୨୨ ହଜାର ଟଙ୍କାକୁ ବନ୍ଧକ ରଖିଥିଲେ କରିବି ତୁମେ ଏଥି ପାଇଁ କୌଣସି ଚିନ୍ତା ଏସମ୍ପର୍କରେ ବିଭିନ୍ନ ଗଣମାଧ୍ୟମ ରେ ଖବର ନକରି ପାଠ ପ୍ରତି ଧ୍ୟାନ ଦେବାକୁ ବିଡ଼ିଓ ପ୍ରକାଶିତ ପରେ ପ୍ରଶାସନ ପକ୍ଷରୁ ବଡ଼ ପରାମର୍ଶ ଦେଇଥିଲେ।

ବଟେଶ୍ୱର ପୀଠକୁ ବସ୍ ସେବା ବନ୍ଦ

ଗଞ୍ଜାମ,୨୪।୧୦ (ସଂଚାର ବ୍ୟୁରୋ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ ନିକଟରେ ଅବସ୍ଥିତ ପ୍ରସିଦ୍ଧ ଶୈବ ପୀଠ ବଟେଶ୍ୱର ପୀଠକୁ ଦୀର୍ଘ ଦଶ ମାସରୁ ଊର୍ଦ୍ଧ୍ୱ ହେବ ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ ହୋଇଯାଇଛି। ଯାହାଫଳରେ ପୂର୍ବରୁ ଯାଉଥିବା ପର୍ଯ୍ୟଟକ, ସାଧାରଣ ଲୋକେ, ସ୍ଥାନୀୟ ଲୋକମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗଞ୍ଜାମ ସହରର ବରିଷ୍ଠ ନାଗରିକମାନେ ଏହି ବସ୍ ଯୋଗେ ଯାଇ ଠାକୁରଙ୍କ ଦର୍ଶନ କରିବା ସହ ସେହି ବସ୍ ଯୋଗେ ପୁଣି ଫେରୁଥିଲେ। ବର୍ତ୍ତମାନ ବସ୍ ବନ୍ଦ ଯୋଗୁ ସେମାନେ ଠାକୁରଙ୍କ ଦର୍ଶନରୁ ବଞ୍ଚିତ ହେଉଥିବା ନେଇ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏତେ ଦିନ ଧରି ବସ୍ ସେବା ବନ୍ଦ ରହିଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଘୋର ଅସନ୍ତୋଷ ଦେଖାଦେଇଛି। ଏହି ସମସ୍ୟା ପ୍ରତି ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ସୂଚନାଯୋଗ୍ୟ, ବଟେଶ୍ୱର ପୀଠରୁ ହୁମ୍ମା ରାସ୍ତାରେ ଯାଉନାହିଁ। ଫଳରେ ଉକ୍ତ ଅଞ୍ଚଳର ଲୋକଙ୍କୁ ଅସୁବିଧା ଭୋଗିବାକୁ ପଡୁଛି। ଆଗକୁ କାର୍ତ୍ତିକ ମାସ ଯୋଗୁ ପ୍ରତ୍ୟେକ ଦିନ ଭକ୍ତଙ୍କ ଭିଡ଼ ବଟେଶ୍ୱର ପୀଠରେ ହୋଇୁ ଥିବାବେଳେ ରାସ୍ତା ତିଆରି ନ ହେବା, ମନ୍ଦିରକୁ ବସ୍ ନ ଯିବାକୁ ନେଇ ସାଧାରଣରେ ଘୋର ଅସନ୍ତୋଷ ଦେଖାଦେଇଛି।

ମଣିଜଙ୍ଗା ଏରସମା ରାସ୍ତାରେ ଦୈନିକ ଘଟୁଛି ଦୁର୍ଘଟଣା

ଜଗତସିଂହପୁର,୨୪।୧୦ (ସଂଚାର ବ୍ୟୁରୋ): ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗା ଏରସମା ରାସ୍ତାରେ ଘଟୁଛି ଦୈନିକ ଛୋଟ ବଡ଼ ଦୃଘଟନା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସେହିପରି ଗତ ଦୁର୍ଗାପୂଜା ସମୟରେ ଏହି ରାସ୍ତା ରେ ପ୍ରାୟ ୩୦ ରୁ ୪୦ ଗାଡ଼ି ଧକ୍କା ହୋଇଥିବା ଖବର ସାମ୍ନାକୁ ଆସିଥିଲା। ମଣିଜଙ୍ଗା ଠାରୁ ଇବ୍ରିଶିଂ ପର୍ଯ୍ୟନ୍ତ ପ୍ରତେକ୍ ଛକରେ ଦୋକାନୀ ମାନେ ଜବର ଦଖଲରେ ରହିବା ହେତୁ ପଥ ଚାରି ମାନେ ଦୃଘଟନା ଶିକାର ହେଉଥିବା, ବେଳେ ଦୈନିକ ହଜାର ହଜାର ସଂଖ୍ୟାରେ ଏହି ରାସ୍ତା ଉପରେ ଗାଡ଼ି ଯାତାୟାତ ହେଉଥିବା ହେତୁ ଛୋଟ ବଡ଼ ଦୃଘଟନା ହେବାକୁ କୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକେ ଏହି ରାସ୍ତାର ଓସାର ବଢ଼ାଇବା ସହିତ ପ୍ରତେକ ଛକ ଯେପରିକି ମଣିଜଙ୍ଗା ବାଙ୍କ, ପୁରିଯେନା, ନାଲପୋଲ, ଜଗନ୍ନାଥପୁର ବଜାର ଖଡ଼ଗପୁର ଛକ, ନରୁଆ ଛକ, ବଡିଲୋ ଓ ଇବ୍ରିଶିଂ ଛକ ରୁ ଜବରଦଖଲ ହଟାଇବା ସହିତ ରାସ୍ତାର ଦୁଇପର୍ଶ୍ୱ ଖୁବ୍ ଶୀଘ୍ର ଚଉଡା କରିବାକୁ ସ୍ଥାନୀୟ ଲୋକେ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ସମେତ ଜିଲ୍ଲାପାଳ ଙ୍କୁ ନିବେଦନ କରିଛନ୍ତି।

ବରିଷ୍ଠ ଆଇନଜୀବୀ ଅଶ୍ୱିନୀ ମିଶ୍ରଙ୍କ ପରଲୋକ

ବଲାଙ୍ଗୀର,୨୪।୧୦ (ସଂଚାର ବ୍ୟୁରୋ): ବଲାଙ୍ଗିର ତେଲିଗୋଠ ପଡ଼ା ମୂଳ ନିବାସୀ ବରିଷ୍ଠ ଆଇନଜୀବୀ ତଥା ନୋଟାରୀ ଅଶ୍ୱିନୀ କୁମାର ମିଶ୍ର (୭୮)ଙ୍କ ଆଜି ଦିନବେଳା ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲ ରେ ପରଲୋକ ହୋଇଯାଇଛି । ଗତ କିଛି ଦିନ ହେଲା ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପରିବାର ଲୋକେ ଏକ ଘରୋଇ ହସ୍ପିଟାଲ ଚିକିତ୍ସିତ ପାଇଁ ଭର୍ତ୍ତି କରିଥିଲେ । ଚିକିତ୍ସା ଚାଲିଥିବା ସମୟ ରେ ତାଙ୍କ ଦେହାନ୍ତ ହୋଇଯାଇଥିଲା । ତାଙ୍କ ଦେହାନ୍ତ ସମୟ ରେ ସ୍ତ୍ରୀ ମାଧୁରୀ ମିଶ୍ର, ପୁଅ ଅଭିନାଶ ମିଶ୍ର, ବହୁ ଅର୍ଚନା ମିଶ୍ର, ବଡ଼ଝିଅ ରଂଜିତା ମିଶ୍ର ଜ୍ୱାଇଁ ସାମ୍ବାଦିକ ରିତୁରାଜ ସିଂହ, ସାନଝିଅ ସିପ୍ରା ପାଢ଼ୀ ଜ୍ୱାଇଁ ସନ୍ତୋଷ ପାଢ଼ୀ, ନାତୁଣୀ ଆଦ୍ୟାଶା, ଆରାଧ୍ୟା, ସାଇଲି, ସାଇସା ନାତୀ ସୋମୁ ଙ୍କ ସମସ୍ତ ପରିବାର ଏବଂ ବନ୍ଧୁ ବର୍ଗ ଉପସ୍ଥିତ ଥିଲେ। ଆଜି ସନ୍ଧ୍ୟା ରେ ପୁରୀ ସ୍ଥିତ ସ୍ୱର୍ଗଦ୍ୱାର ରେ ତାଙ୍କ ଶେଷକୃତ୍ୟ ସମ୍ପନ କରାଯାଇଥିଲା । ତାଙ୍କ ପୁତ୍ର ଅଭିନାଶ ମୁଖାଗ୍ନି ଦେଇଥିଲେ । ଏହି ସମୟ ରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ତେଲିଗୋଠ ପଡା ରେ ସ୍ୱର୍ଗତ ଅଶ୍ୱିନୀ କୁମାର ମିଶ୍ର ଙ୍କ ଦେହାନ୍ତ ଖବର ପହଂଚିଲା ପରେ ସ୍ଥାନୀୟ ଅଞ୍ଚଳ ରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସ୍ୱର୍ଗତ ମିଶ୍ର ଆଇନଜୀବୀ ସାଙ୍ଗକୁ ଜଣେ ସମାଜସେବୀ ଏବଂ ପରଉପକାରୀ ବ୍ୟକ୍ତି ଥିଲେ ।

ରାବଣ ପୋଡି ଉତ୍ସବରେ ୫୦ ହଜାରରୁ ଦର୍ଶକଙ୍କ ଭିଡ ଜମିଥିଲା

ବୈଶିଙ୍ଗା,୨୪।୧୦(ସଂଚାର ବ୍ୟୁରୋ): ପବିତ୍ର ଦୁର୍ଗାପୂଜା ଅବସରରେ ପ୍ରାୟ ୨୪ ଗୋଟି ଆକର୍ଷଣୀୟ ତୋରଣ (ମେଢ଼)ରେ ଶୋଭା ପାଉଥିଲା ମାଆ ଙ୍କ ମୃଣ୍ମୟ ମୂର୍ତ୍ତି, ଶ୍ରଦ୍ଧାଳୁଙ୍କ ଆଗମନ ଓ ବିଭିନ୍ନ ରଙ୍ଗୀନ ଆଲୋକମାଳା ରେ ଉଦ୍ଭାସିତ ହୋଇଉଠୁଥିଲା ପବିତ୍ର ପୂଜା ଅନୁଷ୍ଠାନ। ଅତ୍ୟନ୍ତ ଶ୍ରଦ୍ଧାର ସହିତ ଶ୍ରଦ୍ଧାଳୁ ମାନେ ବିଭିନ୍ନ ମେଢ଼ ବୁଲି ମାଆଙ୍କ ଆଶୀର୍ବାଦ ଭିକ୍ଷା କରୁଥିବାର ଦେଖାଯାଇଥିଲା। ଉଠା ଦୋକାନୀ ମାନଙ୍କରେ ବିଭିନ୍ନ ପସରା ମେଲାଇ ବସିଥିବା ଦୋକାନୀ ମାନେ ଗ୍ରାହକ ମାନଙ୍କୁ ଉଚିତ ମୂଲ୍ୟରେ ସେମାନଙ୍କର ଜିନିଷ ବିକ୍ରି କରୁଥିବାର ଦେଖାଯାଉଥିଲା। ଦୀର୍ଘ ଚାଳିଶ ବର୍ଷରୁ ଊର୍ଦ୍ଧ୍ୱ ହେବ ବେତନଟୀ ଅଞ୍ଚଳର କେତେକ ବ୍ୟକ୍ତି ବିଶେଷ ଏକ କମିଟି ଗଠନ କରି ବେତନଟୀ ଦୁର୍ଗାପୂଜାକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ପୂଜାରେ ମେଳା ସହିତ ଯାତ୍ରା ପାର୍ଟି ଆଣି ଦୁର୍ଗାପୂଜା କୁ ଏକ ମେଳାରେ ପରିଣତ କରିଥିଲେ। ବେତନଟୀ ପୁରୁଣା ବସ ଷ୍ଟାଣ୍ଡ ଦୁର୍ଗାପୂଜା ୮୩ ବର୍ଷରେ ପଦାର୍ପଣ କରିଥିବା ବେଳେଶଙ୍ଖ ଲୋକସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଦ୍ୱିତୀୟ ପୂଜାମଣ୍ଡପ ଆନନ୍ଦ ବଜାରରେ, ପରେ ବଙ୍ଗଳାଛକ, ତାପରେ କଙ୍କାକାଳିଆ ଛକ ଶେଷରେ ବାହାନାଡ଼ାରେ ଏହି ପବିତ୍ର ପୂଜା ଅନୁଷ୍ଠିତ ହୋଇଆସୁଛି।

ରାଜ୍ୟ ସ୍ତରୀୟ ସୁଟିଙ୍ଗ ପ୍ରତିଯୋଗିତା: କଳାହାଣ୍ଡିକୁ ମିଳିଲା ୯ ପଦକ

ଲାଞ୍ଜିଗଡ଼,୨୪।୧୦ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ୬୧ତମ ବାର୍ଷିକ ସୁଟିଙ୍ଗ ପ୍ରତିଯୋଗିତାରେ ଭାଗ ନେଇ ୪ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଏବଂ ୩ଟି କାଂଶ୍ୟ ପଦକ ସହ ୯ଟି ପଦକ ହାସଲ କରିଛନ୍ତି । ଅନୁଗୋଳ ଜିଲା ତାଳଚେର ସ୍ଥିତ ରାଜା ହରିଷ୍ଚନ୍ଦ୍ର ଦେବ ସୁଟିଂ କମ୍ପ୍ଲେକ୍ସଠାରେ ଦୁଇଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଓଡ଼ିଶାରୁ ୨୬୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଲାଞ୍ଜିଗଡ଼ ବ୍ଲକରୁ ଭାଗ ନେଇଥିବା ଦେବେନ୍ଦ୍ର ପଧାନଙ୍କୁ ୧୦ ମିଟର ଏଆର୍ ରାଇଫଲରେ ସ୍ୱର୍ଣ୍ଣ, ୫୦ ମିଟର ପଏଣ୍ଟ 1-1 ରାଇଫଲ ଷ୍ଟାଣ୍ଡିଙ୍ଗରେ ଗୋଟିଏ ସ୍ୱର୍ଣ୍ଣ, ବ୍ୟକ୍ତିଗତ ଟ୍ରାପ ସୁଟିଙ୍ଗରେ ଗୋଟିଏ ରୌପ୍ୟ, ଗୋଷ୍ଠୀ ଟ୍ରାପ ସୁଟିଂରେ ଗୋଟିଏ ରୌପ୍ୟ, ୩ପି ପଏଣ୍ଟ 1-1 ରାଇଫଲ ସୁଟିଙ୍ଗରେ ଗୋଟିଏ କାଂଶ୍ୟ ଓ ପଏଣ୍ଟ 1-1 ରାଇଫଲ ପ୍ରନ ସୁଟିଙ୍ଗରେ ଗୋଟିଏ କାଂଶ୍ୟ, ହେମନ୍ତ ପଧାନଙ୍କୁ କନିଷ୍ଠ ୧୦ ମିଟର ଏଆର ରାଇଫଲ ସୁଟିଙ୍ଗରେ ସ୍ୱର୍ଣ୍ଣ, କନିଷ୍ଠ ଟ୍ରାପ ସୁଟିଙ୍ଗରେ କାଂଶ୍ୟ ପଦକ ପାଇଥିବା ବେଳେ ପ୍ରଦୀପ କୁମାର ଘଡେଇଙ୍କୁ ବରିଷ୍ଠ ଟ୍ରାପ ସୁଟିଙ୍ଗ ମାଷ୍ଟରରେ ସ୍ୱର୍ଣ୍ଣ ପଦକ ମିଳିଛି ।

● ମୂଳ ମନ୍ଦିରକୁ ବାହୁଡ଼ିଲେ ମା' ବୁଢ଼ୀ ଠାକୁରାଣୀ

ରଙ୍ଗ-ଫଗୁ ଖେଳି ବର୍ଷକ ପାଇଁ ମେଲାଣି ଦେଲେ ଭକ୍ତ

ଦିଗପହଣ୍ଡି,୨୪।୧୦(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ସହରର ଗଣପର୍ବ ଥା ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ବାର୍ଷିକ ଯାତ୍ରା ମହୋତ୍ସବ ଶନିବାର ବିଳମ୍ବିତ ରାତିରେ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଆଶ୍ୱିନ ଚତୁର୍ଦ୍ଦଶୀ ନିଶାର୍ଦ୍ଧରେ ଅସ୍ଥାୟୀ ଯାତ୍ରା ପୀଠରେ ମା'ଙ୍କୁ ପଞ୍ଚୋପଚାରରେ ଯୋଗିନୀ ପୂଜାକ୍ରମେ ବାହୁଡ଼ା ଯାତ୍ରା ନିମନ୍ତେ ଆବାହନ କରାଯିବା ପରେ ଦେବୀଙ୍କୁ ମହାପୂଜା ଅର୍ପଣ କରାଯାଇଥିଲା। ପାରମ୍ପରିକ ରୀତିନୀତି ଅନୁସାରେ ଦୀର୍ଘ ସମୟ ସେବା ପୂଜା ଓ ବନ୍ଦାପନା ପରେ ମୁଖ୍ୟ ଘଟରୁ ଆଜ୍ଞାମାଳ ଖସିଥିଲା। ଏହାପରେ ବାଜା, ରୋଷଣୀ, ବାଣ ଆତସବାଜି ଓ ଭକ୍ତଙ୍କ ନୃତ୍ୟ ସହ ମା' ସାଆନ୍ତାଣୀ ବୁଢ଼ୀ ଠାକୁରାଣୀ ଝୁଲି ଝୁଲି ଅସ୍ଥାୟୀ ପୀଠରୁ ନିଜର ମୂଳ ମନ୍ଦିରକୁ ବାହୁଡ଼ି ଯାଇଥିଲେ। ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ରଙ୍ଗ-ଫଗୁ ଖେଳି ବର୍ଷକ ପାଇଁ ମା'ଙ୍କୁ ମେଲାଣି ଦେଇଛନ୍ତି। ଏହି ଯାତ୍ରା କାଳରେ ଅସ୍ଥାୟୀ ଯାତ୍ରା ପୀଠରେ ଉଗ୍ରଚଣ୍ଡୀ ମଣ୍ଡଳ ତଥା ଶକ୍ତି ପଲ୍ଲବ ମନ୍ତ୍ରରେ ପୂଜାବିଧି କରାଯାଇଥିଲା। ସହସ୍ର କୁମ୍ଭାଭିଷେକ ମାଜଣା ପରେ ମା'ଙ୍କୁ ନୂତନ ବସ୍ତ୍ର ଓ ଆଭୂଷଣରେ ସଜ୍ଜିତ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା।

ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ନିରପେକ୍ଷ ତଦନ୍ତ ଓ ନ୍ୟାୟ ପାଇଁ ଦାବି

ଦାରିଙ୍ଗବାଡି,୨୪।୧୦(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଗଦାପୁର ଅଞ୍ଚଳର ଯୁବକ ଦିବାକର ବାଗ ସିଂଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଅଞ୍ଚଳରେ ଚିନ୍ତା ଓ ଉଦ୍‌ବେଗ ପ୍ରକାଶ ପାଇଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନଥିବା ବେଳେ ଘଟଣାର ନିରପେକ୍ଷ ତଦନ୍ତ ସହ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ଗଦାପୁରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି।ସୂଚନା ଅନୁଯାୟୀ, ଗଦାପୁର ଗ୍ରାମର ଭଞ୍ଜ କିଶୋର ବାଗ ସିଂଙ୍କ ୨୪ ବର୍ଷୀୟ ପୁଅ ଦିବାକର ଗତ ଅକ୍ଟୋବର ୯ ତାରିଖରେ ଟେକାବାଡ଼ି ନିକଟସ୍ଥ ଘାଟିରେ ନିଜ ୟାମା ମୋଟରସାଇକେଲ ସହ ମୃତ ଅବସ୍ଥାରେ ମିଳିଥିଲେ। ତାଙ୍କ